



▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-173 ◆FRIDAY ◆19 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୭୩ ◆ଶୁକ୍ରବାର ◆୧୯ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



TETRAHEDRON GROUP OF INSTITUTIONS, TANGI, CUTTACK

# TETRAHEDRON GROUP OF INSTITUTIONS

## TETRAHEDRON HIGHER SECONDARY SCHOOL
## TETRAHEDRON WOMEN'S HIGHER SECONDARY SCHOOL
## TETRAHEDRON RESIDENTIAL COACHING FOR NEET, JEE & CBSE (XI)
## TETRAHEDRON KIND INTERNATIONAL SCHOOL

TANGI, CUTTACK -754022, Mob. : 8093064522, 8093064525

**2025 : 126 MBBS ADMISSIONS 2024 : 71 MBBS ADMISSIONS 2023 : 54 MBBS ADMISSIONS**

## OUR CHSE RESULTS - 2025

## 100% RESULT

- 581 — ABINASH PANDA — R. NO. : 312CZ142, MOB. : 8926374475
- 580 — ANANYA ANUPRITA — R.NO. : 321CZ001, M. : 6372522094
- 578 — ANUNJAYA — R.NO. : 312CZ044, M. : 9937820270
- 575 — HARAPRASAD — R.NO. : 312CZ052, M. : 9777635809
- 574 — ANANYA — R.NO. : 321CZ018, M. : 9178552089
- 574 — PRIYADARSHINI — R.NO. : 321CZ020, M. : 8456010982
- 574 — RUTUPARNA — R.NO. : 321CZ025, M. : 8908000397
- 573 — ASHUTOSH — R.NO. : 312CZ009, M. : 7008710810
- 573 — SWARNA PRAVA — R.NO. : 321CZ002, M. : 9348538749
- 572 — SOUMYAK — R.NO. : 312CZ015, M. : 6372996292
- 572 — SANDEEP — R.NO. : 312CZ021, M. : 9438775289
- 572 — SAI ARPIT — R.NO. : 312CZ118, M. : 8917543238
- 571 — PRIYANKA — R.NO. : 321CZ016, M. : 8328937059
- 570 — SWAYAM — R.NO. : 312CZ039, M. : 9583495922
- 569 — ARPIT — R.NO. : 312CZ011, M. : 7894911960
- 568 — SUBHALAXMI — R.NO. : 321CZ017, M. : 6371705857
- 568 — BHAGYASHREE — R.NO. : 321CZ509, M. : 9853578058
- 568 — SWAYAMSHREE — R.NO. : 321CZ510, M. : 9827872997
- 567 — SATYAJIT — R.NO. : 312CZ010, M. : 7978274905
- 567 — SUBHASHREE SUBHASMITA — R.NO. : 321CZ068, M. : 7978768887
- 567 — ASHASRI — R.NO. : 321CZ111, M. : 9237473625
- 567 — PRAGYNA PARMITA — R.NO. : 321CZ065, M. : 9937431840
- 566 — RUMITA — R.NO. : 321CZ024, M. : 9178152840
- 565 — SUBHAM HARAPRIYA — R.NO. : 312CZ033, M. : 9668325122
- 564 — BABUL — R.NO. : 312CZ093, M. : 7381834918
- 564 — BINODINI — R.NO. : 321CZ072, M. : 9438279824
- 564 — TANUSHREE — R.NO. : 321CZ082, M. : 8457958145
- 564 — MOHIT — R.NO. : 312CZ003, M. : 7042591220
- 564 — SHUBHAM — R.NO. : 312CZ007, M. : 9937533036
- 564 — SUBHASMITA — R.NO. : 321CZ011, M. : 8338816946
- 564 — SUBHANKAR — R.NO. : 312CZ026, M. : 7064837405
- 563 — ANANYA — R.NO. : 321CZ063, M. : 7894879290
- 563 — CHINMAYA — R.NO. : 312CZ097, M. : 7750985855
- 563 — PRIYANKA — R.NO. : 321CZ039, M. : 9883320962
- 563 — RAJESH — R.NO. : 312CZ008, M. : 9437824159
- 563 — RASHMITA — R.NO. : 321CZ122, M. : 8249824883
- 563 — RUTENDRA — R.NO. : 312CZ005, M. : 8376946436
- 563 — RUDRA NARAYAN — R.NO. : 312CZ104, M. : 7908558686
- 562 — DIBYAJYOTI — R.NO. : 312CZ086, M. : 9692268696

| | |
|---|---|
| Above 95% 14 STUDENTS | Above 560 51 STUDENTS |
| Above 90% 199 STUDENTS | Above 89% 236 STUDENTS |
| Above 88% 285 STUDENTS | Above 500 536 STUDENTS |
| Above 80% 714 STUDENTS | Above 75% 902 STUDENTS |
| Above 70% 1023 STUDENTS | Above 60% 1120 STUDENTS |

## 127 MBBS ADMISSIONS IN -2025

- AIIMS, KALYANI — SOURAV RANJAN, JAJPUR, M. : 9337135920
- AIIMS, KALYANI — AMIT ANSUMAN, JAJPUR, M : 8260552053
- AIIMS, KALYANI — G.S TANISHA, BHADRAK, M : 6370203229
- AIIMS, DEOGRAH — SOUMYA RANJAN, KENDRAPARA, M: 9853490176
- AIIMS, BBSR — ASHUTOSH (SC), SAMBALPUR, M : 9438110102
- SCB, CUTTACK — PRANAB KUMAR, CUTTACK, M : 9348405006
- SCB, CUTTACK — SUBHASANKAR, BALASORE, M. : 9556941413
- SCB, CUTTACK — ASHUTOSH, KENDRAPARA, M : 7735074814
- SCB, CUTTACK — SOMESH PRASAD, TALCHER, ANGUL, M. : 7849035336
- SCB, CUTTACK — SWARAJ, JAGATSINGHPUR, M. : 6372296215
- SCB, CUTTACK — MONALISHA, KEONJHAR, M. : 9938758948
- SCB, CUTTACK — ANSUMAN, CUTTACK, M. :6372343040
- SCB, CUTTACK — PRASANTA KU., JAJPUR, M : 7894331492
- SCB, CUTTACK — ARCHITA, CUTTACK, M. : 7978178553
- SCB, CUTTACK — ASIS KUMAR, KEONJHAR, M : 9827856657
- SCB, CUTTACK — SASWAT (SC), BHADRAK, M. : 7205636020
- MKCG, BERHAMPUR — SUBHASHISH, JAJPUR, M. : 9040499246
- MKCG, BERHAMPUR — SOVNA, JAJPUR, M : 7978917103
- MKCG, BERHAMPUR — SATYARANJAN, CUTTACK, M. : 8249555100
- MKCG, BERHAMPUR — KABIR, CUTTACK, M. :8917235240
- MKCG, BERHAMPUR — IRA MOHANTY, JAJPUR, M. :9438174925
- MKCG, BERHAMPUR — SWATI SNIGHDA, BARIPADA, M. : 9337135920
- MKCG, BERHAMPUR — SURYASNATA, SALIPUR, CUTTACK, M. : 9439942163
- MKCG, BERHAMPUR — SOUBHAGYA RANJAN, JAJPUR, M. : 9692767335
- MKCG, BERHAMPUR — JAYASHREE, JAJPUR, M. : 7077298174
- MKCG, BERHAMPUR — R.S. BHAKTI SWARUPA, CUTTACK, M. : 9777746799
- MKCG, BERHAMPUR — PRADIP KUMAR, CUTTACK, M. : 8338869928
- MKCG, BERHAMPUR — ROHIT RASHMI, KHURDA, M. : 9090478270
- MKCG, BERHAMPUR — ASISH, KENDRAPARA, M. : 8093906398
- MKCG, BERHAMPUR — RUDRA NARAYAN, JAJPUR, M. : 8908938985
- MKCG, BERHAMPUR — SWADHIN(SGS), M. :7854314982
- MKCG, BERHAMPUR — SUSHREE SUHANI(SC), CUTTACK, M. : 9178426437
- MKCG, BERHAMPUR — SANJIB KUMAR, CUTTACK, M. : 8658284937
- VIMSAR,BURLA — RAJ KUMAR, BHUBANESWAR, M. : 9937125766
- VIMSAR, BURLA — RAJENDRA, KENDRAPARA, M. : 8249757722
- VIMSAR, BURLA — SAIEED, JAJPUR, M. : 8984303637
- VIMSAR, BURLA — RESHMA RANI (SC), M. : 9937096914
- VIMSAR, BURLA — GOURAV, M. : 8895425628
- VIMSAR, BURLA — RATISH (SC), KENDRAPARA, M. : 7978517118
- SJMCH, PURI — GYANA RANJAN, JAJPUR, M. : 8984012686
- SJMCH, PURI — AMIT KUMAR, CUTTACK, M. : 9692868645
- SJMCH, PURI — RITIK NARENDRA, NAYAGARH, M. : 7855924761
- SJMCH, PURI — ANUPAMA, JAJPUR, M. : 8260543757
- SJMCH, PURI — JYOTIRANJAN, JAGATSINGHPUR, M. : 9090317675
- SJMCH, PURI — SONALI (SC), CUTTACK, M. : 6371635236
- PRM, BARIPADA — BARSHA PRIYADARSHINI(SC), M. : 9439515013
- PRM, BARIPADA — RATISH (SGS), CUTTACK, M. :9827478828
- PRM, BARIPADA — ABHILIPSA(ST), M. : 8260874913
- PRM, BARIPADA — IPSITA, BARIPADA, M. : 7847007731
- PRM, BARIPADA — AYUSHMAN, DHENKANAL, M. : 7854804182
- SLN, KORAPUT — CHETAS RAJ, CUTTACK, M. : 7978884500
- SLN, KORAPUT — JAGURUTIMAYEE, BOLANGIR, M. : 9777510848
- SLN, KORAPUT — DIBYARANJAN, BHADRAK, M. :8658710726
- SLN,KORAPUT — SUBHASHREE(SGS), M. : 9938624976
- FM, BALASORE — AMIT KUMAR, JAJPUR, M. : 9348601405
- FM, BALASORE — ASHUTOSH, JAJPUR, M. : 9438213231
- FM, BALASORE — DEEPANKAR, JAJPUR, M. : 7750878883
- FM, BALASORE — PRATIKSHYA (SGS), CUTTACK, M. : 9875669797
- FM, BALASORE — ARUP, ANGUL, M. : 8260114745
- FM, BALASORE — SARASWATA, CUTTACK, M. : 9827707252
- PRM, BARIPADA — MOUSUMI, MAYURBHANJ, M. : 7008778013

### INTEGRATED STUDENT'S

- RIMS, RANCHI — RAJESH, M : 6370895135
- SJMCH, PURI — SUBHANKAR, M. : 9310679902
- FM, BALASORE — PRIYANSHI, M. : 7735776269
- PRM, BARIPADA — SUBHAM, M. : 9937533036
- PRM,BARIPADA — LOKANATH, M. : 8084711270
- PRM, BARIPADA — SWARNAPRAVA, M. : 9348538749
- PMP MCH, TALCHER — ARPIT, MAYURBHANJ

### 127 MBBS ADMISSIONS IN -2025

| | |
|---|---|
| AIIMS 5 STUDENTS | SCB, CUTTACK 11 STUDENTS |
| MKCG, BERHAMPUR 17 STUDENTS | VIMSAR, BURLA 6 STUDENTS |
| PRM, BARIPADA 10 STUDENTS | FM, BALASORE 7 STUDENTS |

9040363480, 8093064522
8093064525, 7008222977

Tetrahedron Tangi | Tetrahedrongroup, www.tetrahedrontangi.com
tetrahedronjuniorcollege@gmail.com / tetrahedronwomenshss@gmail.com

■ ନବୀନଙ୍କୁ ଫେରାଦ ହେଲେ ଶେରଗଡ଼ ବିଜେଡି କର୍ମୀ

# ବିକାଶ କାମରେ ସରକାର ଉଦାସୀନ

■ ଦଳୀୟ ଭିତ୍ତିରେ କାମ କରୁଛି ଜିଲ୍ଲା ପୁଲିସ
■ ଧାନ ସଂଗ୍ରହରେ ଅବ୍ୟବସ୍ଥା କାରଣରୁ ଚାଷୀ ହେଉଛନ୍ତି ହଇରାଣ
■ ପ୍ରଶାସନ ସହ ଆଲୋଚନା କରିବାକୁ ନବୀନ ଦେଲେ ପ୍ରତିଶ୍ରୁତି



ଭୁବନେଶ୍ୱର,୧୮ ।୧୨(ସମିସ): ଗଞ୍ଜାମ ଜିଲ୍ଲା ହିଞ୍ଜିଳି ନିର୍ବାଚନମଣ୍ଡଳୀ ଅଧୀନ ଶେରଗଡ଼ ବ୍ଲକର ଜନସାଧାରଣ, ବିଜେଡି ନେତା ଏବଂ କର୍ମୀ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରିଛନ୍ତି । ଶେରଗଡ଼ ବ୍ଲକରେ ବିକାଶ କାମରେ ସରକାରୀ ଉଦାସୀନତା ଓ ଆଇନଶୃଙ୍ଖଳା ଅଧିକାରୀ ଦଳୀୟ ମନୋଭାବ ନେଇ ବିଜେଡି କର୍ମୀଙ୍କୁ ହଇରାଣ ହରକତ କରୁଥିବା ନେଇ ସେମାନେ ନବୀନଙ୍କ ଆଗରେ ଫେରାଦ ହୋଇଛନ୍ତି । ଜିଲ୍ଲା ପୁଲିସ ପ୍ରଶାସନ ଦଳୀୟ ଭିତ୍ତିରେ କାମ କରୁଥିବା ଓ ବିଜେଡି କର୍ମୀମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି । ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଏଭଳି ପ୍ରଶାସନିକ ଉଦାସୀନତା ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଏ ବିଷୟରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ ଉଦାସୀନତା ଯୋଗୁଁ ନିର୍ବାଚନମଣ୍ଡଳୀରେ ବିକାଶ କାମ ଅଧପନ୍ତରିଆ ପଡ଼ିଥିବା ସ୍କୁଲରେ ଶିକ୍ଷକ ପଦବୀ ପୂରଣ ହେଉନାହିଁ । ଡାକ୍ତରଙ୍କ ସମେତ ବିଭିନ୍ନ ସରକାରୀ ଅଧିକାରୀଙ୍କୁ ଶେରଗଡ଼ ବାହାରକୁ ମନଇଛା ବଦଳି କରାଯାଉଥିବା ଓ ଖାଲି ପଦବୀ ପୂରଣ କରା ନ ଯାଉଥିବାରୁ ସ୍ୱାସ୍ଥ୍ୟ ସେବା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡିଛି । ଏପରିକି କେତେକ ସ୍କୁଲରେ ବିଦ୍ୟୁତ୍ ସଂଯୋଗ ଦିଆଯାଉ ନ ଥିବା ଯୋଗୁଁ ଶିକ୍ଷାଦାନରେ ଅବନତି ହେଉଥିବା ନେଇ ସେମାନେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିପରି ଧାନ ସଂଗ୍ରହରେ ଅବ୍ୟବସ୍ଥା ଯୋଗୁଁ ଚାଷୀ କିପରି ହଇରାଣ ହେଉଛନ୍ତି ସେ ବିଷୟରେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିପରି ଖାଦ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷା ଭତ୍ତା ପାଇବାରେ ହିତାଧିକାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସେମାନେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଆଲୋଚନା ସମୟରେ ବିରୋଧୀ ଦଳ ନେତାଙ୍କ ହିଞ୍ଜିଳି ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ସମେତ ଶେରଗଡ଼ର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ନ୍ୟାସନାଲ ହେରାଲ୍ଡ ମାମଲା

# ସବୁ ଜିଲ୍ଲାରେ ଗର୍ଜିଲା କଂଗ୍ରେସ



ଭୁବନେଶ୍ୱର,୧୮ ।୧୨(ସମିସ): ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସର ନୈତିକ ବିଜୟ ହୋଇଥିବା ଦର୍ଶାଇ ସାରା ରାଜ୍ୟରେ ପ୍ରତିବାଦକୁ ଜୋରଦାର କରିଛି କଂଗ୍ରେସ । ରାଜ୍ୟ କଂଗ୍ରେସର ନିର୍ଦ୍ଦେଶକ୍ରମେ ଗୁରୁବାର ସମସ୍ତ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିଜେପି ସରକାର ବିରୋଧରେ ପ୍ରତିବାଦ ରାଲି ଆୟୋଜନ କରାଯାଇଛି । ରାଜ୍ୟର ସବୁ ସାଂଗଠନିକ ଜିଲ୍ଲାରେ କଂଗ୍ରେସ କାର୍ଯ୍ୟାଳୟରୁ ପ୍ରତିବାଦ ରାଲି ବାହାରି କେନ୍ଦ୍ର ସରକାରଙ୍କ ପ୍ରତିଶୋଧ ପରାୟଣ ରାଜନୀତିକୁ ନିନ୍ଦା କରାଯିବା ସହ ନାରାବାଜି କରାଯାଇଛି । କିଛି ଜିଲ୍ଲାରେ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଘେରାଉ ପାଇଁ କଂଗ୍ରେସ କର୍ମୀ ଉଦ୍ୟମ କରିବା ସହ କିଛି ଜିଲ୍ଲାରେ ପ୍ରତିବାଦ ସଭା ଆୟୋଜନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଚନ୍ଦ୍ରଶେଖରପୁର ନାଲକୋ ଛକସ୍ଥିତ ମହାତ୍ମା ଗାନ୍ଧୀ ପାର୍କଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ଜେନା କହିଥିଲେ ଯେ ଗାନ୍ଧୀ ପରିବାରକୁ ବଦ୍‌ନାମ କରିବା ପାଇଁ ବିଜେପି ଯେଉଁ ଚକ୍ରାନ୍ତ କରିଥିଲା, ସେଥିରେ କୋର୍ଟ କଂଗ୍ରେସକୁ ଦୋଷମୁକ୍ତ କରି ବିଜେପିର ଅସଲ ମୁଖାକୁ ଖୋଲି ଦେଇଛନ୍ତି । ଆଗାମୀ ଦିନରେ ଜନତା ମଧ୍ୟ ଏହାର ଜବାବ ଦେବେ ବୋଲି ଶ୍ରୀ ଜେନା କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଞ୍ଜନ ଦାଶ, ଆଲୋକ ମହାନ୍ତିଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ ।

ଜଗତସିଂହପୁର ଜିଲ୍ଲାରେ ବେଧଡ଼କ ବାଲି ଲୁଟ୍

# ବାଲିର ଦୋଷ ନା ଗାଡ଼ିର ଦୋଷ !

ଭୁବନେଶ୍ୱର, ୧୮ ।୧୨ (ସମିସ): ସାରା ରାଜ୍ୟରେ ଏବେ ବାଲିଚୋରି ସବୁଠାରୁ ବଡ଼ କେଳେଙ୍କାରୀ ପାଲଟିଛି । ବର୍ଷକୁ ରାଜ୍ୟରେ ହଜାର ହଜାର କୋଟିର ବାଲି ଚୋରି ହେଉଛି ଓ ରାଜ୍ୟ ସରକାର ଏ ବାବଦରେ ସିଧାସଳଖ ହଜାରେ କୋଟିର ରୟାଲଟି ହରାଉଛନ୍ତି । ମାତ୍ର ଚୋର ଓ ମାଫିଆମାନେ ରାଜନୈତିକ ଛତ୍ରଛାୟା ତଳେ ସୁରକ୍ଷିତ ରହି ବାଲି ଚୋରି ଚଳାଇଛନ୍ତି । ଗତ ନଭେମ୍ବର ୨୫ ତାରିଖ ବିଳମ୍ବିତ ରାତିରେ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ତହସିଲ ଅନ୍ତର୍ଗତ ଏକ ବାଲିଘାଟରୁ ଚୋରା ବାଲି ଚାଲାଣ ବେଳେ ହୋଇଥିଲା ଚଢ଼ଉ । କେନ୍ଦ୍ରାଞ୍ଚଳ ଡ଼ିଆଇଜି, ଜଗତସିଂହପୁର ଜିଲ୍ଲାପାଳ, ଏସ୍‌ପିଙ୍କ ସହ ଖଣି ଅଧିକାରୀମାନେ ଏଠାରେ ଚଢ଼ଉ କରିଥିଲେ । ଘଟଣାସ୍ଥଳରୁ ୪୩ଟି ହାଇୱା, ୩ଟି ପୋକଲିନ୍ ମେସିନ ଜବତ ବି ହୋଇଥିଲା । ଏହାପରେ ଡ଼ିସେମ୍ବର ୧୧ ତାରିଖ ରାତିରେ ଜଇପୁର ବାଲିଘାଟରୁ ୨୨ଟି ହାଇୱା ଓ ୨ଟି ପ୍ରୋକଲିନ୍ ମେସିନକୁ ବି ଜବତ କରାଯାଇଥିଲା । ମାତ୍ର ଏହାପରେ ଅନ୍ୟ କୌଣସିଠାରେ ଚଢ଼ଉ ହୋଇ ନାହିଁ । ସାରା ଜିଲ୍ଲାର ବିଭିନ୍ନ ବାଲିଘାଟରୁ ଚୋରାବାଲି ଚାଲାଣ ହେଉଥିବାବେଳେ କେବଳ ଦୁଇଟି ଘାଟରେ ଚଢ଼ଉ ପରେ ପ୍ରଶାସନର ରହସ୍ୟମୟ ନିରବତାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି ।



ଅପରପକ୍ଷରେ ଜବତ ହୋଇଥିବା ଗାଡ଼ିଗୁଡ଼ିକ ସବୁ ଚୋରା ବାଲି ଚାଲାଣରେ ନିୟୋଜିତ ଥିଲେ କି ନାହିଁ ତାହା ମଧ୍ୟ ଆଉ ଏକ ପ୍ରଶ୍ନକୁ ଜନ୍ମ ଦେଇଛି । କୁହାଯାଉଛି ଯେଉଁ ଗାଡ଼ିଗୁଡ଼ିକ ଜବତ ହୋଇଥିଲା, ସେଥିରୁ କିଛି ଗାଡ଼ି ନିକଟରେ ବାଲି ଚାଲାଣ ନିମନ୍ତେ ବୈଧ ଟ୍ରାନ୍‌ଜିଟ୍ ପାସ ରହିଥିଲା । ସେହିପରି ଆଉ କିଛି ଗାଡ଼ି ବାଲି ଚାଲାଣ ସହ ଜଡ଼ିତ ନ ଥିଲେ ମଧ୍ୟ ତାହାକୁ ଜବତ କରାଯାଇଥିଲା । ଯଦି ବୈଧ ଟ୍ରାନଜିଟ୍ ପାସ ଥିଲା, ତେବେ ସେହିଗାଡ଼ି ଓ ଯେଉଁ ଗାଡ଼ିଗୁଡ଼ିକ ବାଲି ଚାଲାଣରେ ନିୟୋଜିତ ନ ଥିଲା ତାହାକୁ କାହିଁକି ଜବତ କରାଗଲା ତାହା ମଧ୍ୟ ଆଉ ଏକ ପ୍ରଶ୍ନ । ତେବେ ସବୁଠାରୁ କୌତୂହଳର କଥା ହେଉଛି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଲଘୁ ଖଣିଜ ଅଧିକାରୀଙ୍କ ନାମରେ ମାମଲା ରୁଜୁ କରିବା ସମଗ୍ର ଘଟଣାକୁ ଗୋଳମାଳିଆ କରି ଦେଇଛି । ଏଠି କିଏ ଦୋଷୀ ତାହା ସ୍ପଷ୍ଟ ହେଉନାହିଁ ଓ କେବଳ ଲୋକମାନଙ୍କୁ ଭ୍ରମିତ କରିବା ପାଇଁ ଏକ ଯୋଜନାବଦ୍ଧ ଉଦ୍ୟମ ହୋଇଥିବା ମଧ୍ୟ କୁହାଯାଉଛି ।

ବାଲିଘାଟ ନିଲାମ ନେଇଥିବା ବ୍ୟକ୍ତି ଚୋରା ଚାଲାଣ ସହ ଜଡ଼ିତ କି ନୁହନ୍ତି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ । ପୁନଶ୍ଚ ଯେଉଁ ଗାଡ଼ିଗୁଡ଼ିକ ବାଲି ବୋହିବା କାର୍ଯ୍ୟରେ ନିୟୋଜିତ ହୋଇଥିଲା, ତାହାର ମାଲିକ କିଏ ଓ ଏମାନେ ବାଲି ଚୋରା ଚାଲାଣରେ ଜଡ଼ିତ କି ନୁହନ୍ତି, ତାହା ବି ଅସ୍ପଷ୍ଟ । ଜଗତସିଂହପୁର ଜିଲ୍ଲାର ନିଲାମ ହୋଇଥିବା ଅଧିକାଂଶ ବାଲିଘାଟ ଓ ନିଲାମ ହୋଇ ନ ଥିବା ବାଲିଘାଟଗୁଡ଼ିକରେ ଅନିୟମିତା ଓ ଚୋରା ବାଲି ଚାଲାଣ ଚାଲିଥିବାବେଳେ କେବଳ ଏହି ଦୁଇଟି ବାଲିଘାଟରେ ଚଢ଼ଉ କରାଯିବା ବି ସନ୍ଦେହ ସୃଷ୍ଟି କରିଛି । ଅତୀତରେ ଜଗତସିଂହପୁର ଜିଲ୍ଲାରେ ବାଲିଘାଟକୁ ନେଇ ଗୁଳିମାଡ଼ ଓ ହଣାକଟା ହୋଇଥିବା ନଜିର ରହିଛି । ଏବେ ନିର୍ଦ୍ଦିଷ୍ଟ ବାଲିଘାଟ ଉପରେ ଚଢ଼ଉ କରାଯାଇ ଅନ୍ୟଗୁଡ଼ିକୁ ଛାଡ଼ି ଦିଆଯିବାର ଅର୍ଥ ବି କେହି ବୁଝି ପାରୁନାହାନ୍ତି ।

ଅପରପକ୍ଷରେ ଶାସକ ଦଳର କିଛି ନେତାଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଛି । ରାଜ୍ୟସ୍ତରରେ କଂଗ୍ରେସ ଓ ବିଜେଡି ଏହାକୁ ପ୍ରସଙ୍ଗ କରିଛି ଏବଂ ବାଲି ମାଫିଆମାନେ ଶାସକ ଦଳର ବାହୁଛାୟା ତଳେ ରହିଥିବା ବି ଅଭିଯୋଗ କରିଛନ୍ତି । ତେଣୁ ଜିଲା ପ୍ରଶାସନ ଓ ପୁଲିସ ବଡ଼ବଡ଼ିଆଙ୍କୁ ଧରି ପାରିବାରେ ଅସଫଳ ହେବା ପରେ ଅନ୍ୟମାନଙ୍କ ଉପରେ ଦାଉ ସାଧୁଥିବା ମଧ୍ୟ ଆଲୋଚନା ହେଉଛି । ପୁନଶ୍ଚ ଜିଲ୍ଲା ଖଣି ଅଧିକାରୀଙ୍କ ନାମରେ ପ୍ରଶାସନର ମାମଲା ପଛରେ ରାଜନୈତିକ ବିବାଦ ଥିବା ବି ସାଧାରଣରେ ଚର୍ଚ୍ଚା ହେଉଛି । ଜିଲ୍ଲାର କିଛି ଥାନାରେ ନିଯୁକ୍ତ ଅଧିକାରୀମାନେ ବାଲି ମାଫିଆଙ୍କୁ ସୁରକ୍ଷା ଦେବା ପାଇଁ ନିଯୁକ୍ତି ପାଇଥିବା ଅଭିଯୋଗ ହୋଇଛି ଓ ଜିଲ୍ଲାରେ ଶାସକ ଦଳର ଦୁଇ ଗୋଷ୍ଠୀର ଶୀର୍ଷ ନେତାଙ୍କ ମଧ୍ୟରେ ବିବାଦରେ ବ୍ୟତିବ୍ୟସ୍ତ ପ୍ରଶାସନ ନିଜ ମୁଣ୍ଡରୁ ଦାୟିତ୍ୱ ହଟାଇବା ନିମନ୍ତେ ଖଣି ଅଧିକାରୀଙ୍କୁ ବଳି ଦେଇଛନ୍ତି ଚର୍ଚ୍ଚା ହେଉଛି ।

# ସମ୍ପର୍କ ସାଜିଲା ବଇରୀ

## ଜମିବାଡ଼ି ପାଇଁ ମା'କୁ ଗାଡ଼ି ମଡ଼ାଇ ହତ୍ୟା

ଯାଜପୁର/ପାଣିକୋଇଲି,୧୮ ।୧୨(ସମିସ): ଜମିବାଡ଼ି ପାଇଁ ବୁଢ଼ୀ ମା'କୁ ଗାଡ଼ି ମଡ଼ାଇ ହତ୍ୟା । ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ଖାନ୍ଦରାପୁର ସିଙ୍ଗଡ଼ା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ମୃତକ ହେଲେ, ସ୍ୱର୍ଗତ ଫୋଇନ ସାହୁଙ୍କ ପତ୍ନୀ କୁଳି ସାହୁ । ଏହି ଘଟଣାରେ ପୁଲିସ କୁଳିଙ୍କ ପୁଅ ନାରାୟଣ ସାହୁ ଓ ସାନ ନାତି ଗଣେଶକୁ ଅଟକ ରଖି ପଚରାଉଚରା କରୁଛି । ନାରାୟଣଙ୍କ ବଡ଼ପୁଅ କାର୍ତ୍ତିକ ଫେରାର୍ ହୋଇଯାଇଛି । ତାକୁ ଧରିବା ପାଇଁ ପୁଲିସ ତନାଘନା ଚଳାଇଛି ।

ସୂଚନା ମୁତାବକ, କୁଳି ଓ ପୁଅ ନାରାୟଣ ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ର କରି ବିବାଦ ଲାଗି ରହିଥିଲା । ନାରାୟଣ ତାଙ୍କ ବାପା ଓ ମାଆଙ୍କୁ ଖାଇବାକୁ ନ ଦେଇ ନାନାଦି ଅତ୍ୟାଚାର କରୁଥିଲେ । ଫଳରେ ସ୍ୱାମୀ ଓ ସ୍ତ୍ରୀ ମିଶି କିଛି ଜମି ତାଙ୍କ ବିବାହିତ ଝିଅ ଅନୀତାଙ୍କ ନାମରେ କରିଦେଇଥିଲେ । ବାପାଙ୍କ ମୃତ୍ୟୁ ପରେ କୁଳିଙ୍କ ଉପରେ ନିର୍ଯାତନା ବଢ଼ିବାରୁ ସେ ଝିଅ ଘରେ ରହି ଆସୁଥିଲେ । ଏହି ଘଟଣାକୁ କେନ୍ଦ୍ର କରି ଥାନାରେ ମାମଲା ମଧ୍ୟ ହୋଇଥିଲା । ଏଥିପାଇଁ ମା', ଝିଅ ଆଜି ଥାନାକୁ ଯାଉଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥର ସିଂଗଡା ଗଳିପୋଲ ତଳ ସଂଯୋଗୀକରଣ ରାସ୍ତାରେ ନାରାୟଣଙ୍କ ବଡ଼ ପୁଅ କାର୍ତ୍ତିକ ଏକ ପିକ୍-ଅପ୍ (ଓଡି ୦୪ଇ୮ ୫୪୭) ଗାଡ଼ି ସେମାନଙ୍କ ଉପରେ ଚଢ଼ାଇ ଦେଇଥିଲା । ଏଥିରେ ଅନୀତା ଅଳ୍ପକେ ରକ୍ଷା ପାଇ ଯାଇଥିବା ବେଳେ ଘଟଣାସ୍ଥଳରେ କୁଳିଙ୍କ ମୃତ୍ୟୁ ଘଟିଥିଲା ।

**ପୁଅ, ନାତି ଅଟକ**

ଖବର ପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଞ୍ଚି ମୃତ ଶରୀରକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଅପରପକ୍ଷେ ପୁଲିସ ଘଟଣାସ୍ଥଳକୁ ଯାଇ ଦୁର୍ଘଟଣାର କାରଣ ଖୋଜିବା ସହ ଘଟଣାସ୍ଥଳର ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି । ବାପ-ପୁଅ ମିଶି ସମ୍ପତ୍ତି ଲୋଭରେ ମାଆକୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି ଅନୀତା । ଅଭିଯୁକ୍ତ ନାରାୟଣଙ୍କ ବଡ଼ପୁଅ ଫେରାର୍ ହୋଇଯାଇଥିବା ବେଳେ ନାରାୟଣ ଓ ସାନପୁଅ ଗଣେଶକୁ ପୁଲିସ ଥାନାକୁ ଆଣି ତଦନ୍ତ ଚଳାଇଛି ।

## ସାନଭାଇର କାଠଫାଳିଆ ମାଡ଼ରେ ବଡ଼ ମୃତ

ଚକାପାଦ,୧୮ ।୧୨(ସମିସ): ସାନ ଭାଇର କାଠଫାଳିଆ ମାଡ଼ରେ ବଡ଼ ମୃତ । କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତର ସୁନାପାଙ୍ଗା ଗ୍ରାମରେ ଗୁରୁବାର ରାତିରେ ଏହି ଘଟଣା ଘଟିଛି । ମୃତକ ହେଲେ, ସନ୍ତୋଷ ପ୍ରଧାନ । ପୁଲିସ ଆଜି ସନ୍ତୋଷଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ପୁଲିସ ସନ୍ତୋଷଙ୍କ ଭାଇ ନରେଶକୁ ଅଟକ ରଖି ପଚରାଉଚରା କରୁଛି । ସୂଚନାନୁଯାୟୀ, ଦୁଇ ଭାଇଙ୍କ ମଧ୍ୟରେ ପାରିବାରିକ ବିବାଦ ରହିଥିଲା । କୌଣସି କାରଣକୁ ନେଇ ଗତ ରାତିରେ ଦୁଇ ଭାଇଙ୍କ ମଧ୍ୟରେ ବଚସା, ଯୁକ୍ତିତର୍କ ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ନରେଶ ପାଖରେ ପଡ଼ିଥିବା ଏକ କାଠଫାଳିଆରେ ସନ୍ତୋଷଙ୍କୁ ଆକ୍ରମଣ କରିଥିଲା । ଗୁରୁତର ସନ୍ତୋଷଙ୍କୁ ୧୦୮ ଆମ୍ବୁଲାନ୍ସରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଟିକାବାଲି ପୁଲିସ ଏଏସ୍ଆଇ ଅବନୀ କୁମାର ପ୍ରଧାନ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ ।

## ସାମାନ୍ୟ କଥାରୁ ଭାଇକୁ ପିଟି ମାରିଦେଲା

ଭୋଗରାଇ, ୧୮ ।୧୨(ସମିସ): ଘରକୁ ଯିବା ଆସିବା ରାସ୍ତାରେ ବାଇକ୍ ରଖିବାକୁ କେନ୍ଦ୍ର କରି ସାନଭାଇର ମାଡ଼ରେ ବଡ଼ ଭାଇର ମୃତ୍ୟୁ ଘଟିଥିବା ନେଇ ଭୋଗରାଇ ଥାନାରେ ଅଭିଯୋଗ ହୋଇଛି । ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅଧୀନ ମାନକୁଣ୍ଡା ଗ୍ରାମର ବଡ଼ ଭାଇ ସୁଦାମ ମାଝୀ ଓରଫ୍ ସନିଆ । ଏହି ଘଟଣାରେ ପୁଲିସ ସାନଭାଇ ସୁଧାକର ମାଝୀ ଓରଫ୍ ପବନକୁ ଗିରଫ କରିଛି । ରାସ୍ତା ଉପରେ ବାଇକ୍ ରଖିବାକୁ କେନ୍ଦ୍ର କରି ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଉପୁଜିଥିଲା । ଏହା ଉଗ୍ରରୂପ ନେଇ ଦୁଇଭାଇଙ୍କ ମଧ୍ୟରେ କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ରାଗିଯାଇ ସୁଦାମଙ୍କୁ ଠେଲି ରାସ୍ତାରେ ପକାଇ ଦେଇଥିଲେ ସୁଧାକର । ସୁଦାମଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା । ତାଙ୍କୁ ପ୍ରଥମେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ସୁଦାମଙ୍କ ସ୍ତ୍ରୀ ଅଞ୍ଜଳି ଏନେଇ ଭୋଗରାଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସୁଧାକରକୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି ।

## ପଥରରେ ଛେଚି ଶାଶୂକୁ ହତ୍ୟା

ଅନୁଗୋଳ, ୧୮ ।୧୨(ସମିସ): ଅନୁଗୋଳ ସଦର ଥାନା ଅନ୍ତର୍ଗତ ଖଲାରୀ ଜାମୁବନ୍ଧ ଛକ ନିକଟରେ ଏକ ଘରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ । ମୃତ ମହିଳା ହେଲେ, କୁନି ନାୟକ । ପାରିପାର୍ଶ୍ୱିକ ସ୍ଥିତିରୁ ଏହା ହତ୍ୟାକାଣ୍ଡ ବୋଲି ପୁଲିସ ସନ୍ଦେହ କରୁଛି । କେହି ଦୁର୍ବୃତ୍ତ ମହିଳାଙ୍କୁ ପଥରରେ ଛେଚି ହତ୍ୟା କରିଥିବା ଅନୁମାନ କରାଯାଉଛି । ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କୁନିଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଏହି ଘଟଣାରେ ପୁଲିସ କୁନିଙ୍କ ବୋହୂ ଓ ସମୁଦୁଣୀଙ୍କୁ ଅଟକ ରଖି ପଚରାଉଚରା କରୁଛି । ସୂଚନାନୁଯାୟୀ, କୁନି ଏଠାରେ ଏକ ଭଡ଼ାଘରେ ରହୁଥିଲେ । ବୁଧବାର ରାତି ପ୍ରାୟ ୧୦ଟାରେ କୁନିଙ୍କ ପୁଅ କାହ୍ନୁ ନାୟକ ତାଙ୍କୁ ଖାଇବା ପାଇଁ ଡାକିବାକୁ ଯାଇଥିବା ବେଳେ ଘର କବାଟ ବନ୍ଦ ଥିଲା । କବାଟ ଖୋଲି ଦେଖିଲା ବେଳକୁ କୁନି ତଳେ ରକ୍ତଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲେ । ଏ ସଂପର୍କରେ କାହ୍ନୁ ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଗତରାତିରେ କୁନିଙ୍କ ସହ ବୋହୂଙ୍କର ଝଗଡ଼ା ହୋଇଥିଲା । ଘରେ କୁନିଙ୍କ ସମୁଦୁଣୀ ମଧ୍ୟ ଥିଲେ । ଝଗଡ଼ାକୁ କେନ୍ଦ୍ର କରି ଦୁହେଁ ମିଶି କୁନିଙ୍କୁ ହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି । ଦୁହିଁଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଛି ।

## ପୁତୁରା ବୋହୂ ମାଡ଼ରେ ପିଉସୀ ଶାଶୂ ମୃତ

ଜଗତସିଂହପୁର,୧୮ ।୧୨(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଓଡ଼ିଶୋ ଗ୍ରାମରେ ପୁତୁରା ବୋହୂର ମାଡ଼ରେ ପିଉସୀ ଶାଶୂଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଗ୍ରାମର ଐଶ୍ୱର୍ଯ୍ୟା ରାୟ ଓ ତାଙ୍କ ଶାଶୂ ସ୍ୱର୍ଣ୍ଣଲତାଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ଏହାର ସମାଧାନ ପାଇଁ ଐଶ୍ୱର୍ଯ୍ୟାଙ୍କ ପିଉସୀ ଶାଶୂ ସବିତା ବିଶ୍ୱାଳ ଗତକାଲି ଓଡ଼ିଶୋ ଆସିଥିଲେ । ରାତି ପ୍ରାୟ ୯ଟାରେ ସମାଧାନ କରିବାକୁ ଉଦ୍ୟମ ବେଳେ ଉତ୍‌କ୍ଷିପ୍ତ ହୋଇ ଐଶ୍ୱର୍ଯ୍ୟା ଓ ସେଠାରେ ଉପସ୍ଥିତ ଥିବା ତାଙ୍କ ବାପଘର ଲୋକେ ସବିତାଙ୍କ ସହ ଉଚ୍ଚବାଚ ହୋଇଥିଲା । ପରେ ଐଶ୍ୱର୍ଯ୍ୟା ପିଉସୀ ଶାଶୂ ସବିତାଙ୍କୁ ମାଡ଼ ମାରି ଚେତାଶୂନ୍ୟ କରିଦେଇଥିଲେ । ସବିତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଘଟଣା ସମ୍ପର୍କରେ ମୃତ ସବିତା ବିଶ୍ୱାଳଙ୍କ ପୁଅ ବିଭୁପ୍ରସାଦ ସଦର ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ସବିତାଙ୍କ ଶରୀରରେ ସେପରି କୌଣସି ବଡ଼ ଆଘାତ ଚିହ୍ନ ନ ଥିବା ଏସଡିପିଓ ଆଜିଙ୍କ୍ୟ ମାନେ କହିଛନ୍ତି ।

# ନିଯୁକ୍ତି ପୂର୍ବରୁ ନିଲମ୍ବନ ହେଉଛନ୍ତି ଡିଏସ୍‌ପି

ଭୁବନେଶ୍ୱର,୧୮ ।୧୨(ସମିସ): ଆଠ ମାସ ହେବ ଇନ୍ସପେକ୍ଟରରୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ ମଧ୍ୟ ଏଯାଏଁ ନିଯୁକ୍ତି ମିଳିନାହିଁ । ମାତ୍ର ୭୦ଜଣଙ୍କର ପୋଷ୍ଟିଂ ହୋଇଛି । ବାକି ୯୯ଜଣ ଏବେ ବି ପୂର୍ବ ପଦବୀରେ ସେମିତି କାମ କରୁଛନ୍ତି । ଅବ୍ୟବସ୍ଥା ସେତିକିରେ ସୀମିତ ନୁହେଁ, ପୋଷ୍ଟିଂ ପାଇଥିବା ୭୦ ଜଣଙ୍କ ମଧ୍ୟରୁ ଅନେକଙ୍କୁ ରିଲିଭ୍ କରାଯାଇନାହିଁ । 'କାନ ଥିଲେ ସୁନା ନାହିଁ, ସୁନା ଥିଲେ କାନ ନାହିଁ' ନ୍ୟାୟରେ ରାଜ୍ୟରେ ଡିଏସ୍‌ପି ନିଯୁକ୍ତି ଚାଲିଛି । କାହାର ପଦୋନ୍ନତି ହୋଇଥିଲେ ନିଯୁକ୍ତି ନାହିଁ ତ କାହାକୁ ନିଯୁକ୍ତି ଦେଇଥିଲେ ମଧ୍ୟ ରିଲିଭ୍ କରାଯାଇନାହିଁ । ପୁଣି

■ ୮ ମାସ ହେଲା ମିଳୁନି ପୋଷ୍ଟିଂ; ଇତିହାସରେ ପ୍ରଥମ
■ କାହାକୁ ନିଯୁକ୍ତି ନାହିଁ ତ କାହାର ଦରମା ମିଳୁନି

କାହାର ଡିଏସପି ପାହ୍ୟାକୁ ପଦୋନ୍ନତି ହେବା ପରେ ବି ତାଙ୍କୁ ଇନ୍ସପେକ୍ଟର୍ ପାହ୍ୟାର ଦରମା ମିଳୁଛି । ଓଡ଼ିଶା ଇତିହାସରେ ଏପରି ଘଟଣା ପ୍ରଥମ ବୋଲି ପୁଲିସ ମହଲରେ ଆଲୋଚନା ହେଉଛି । ଏତେ ଲମ୍ବା ସମୟ (୮ ମାସ) ଧରି ନିଯୁକ୍ତି ପ୍ରକ୍ରିୟା ଲମ୍ବିତ ହେବା ପୂର୍ବରୁ କେବେ ହୋଇନାହିଁ ବୋଲି କିଛି ବରିଷ୍ଠ ପୁଲିସ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି । ଖାଲି ସେତିକି ନୁହେଁ, ପଦୋନ୍ନତି ପରେ ମଧ୍ୟ ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଏକାଧିକ ଡିଏସପି ବିଭିନ୍ନ କାରଣରୁ ନିଲମ୍ବନ ମଧ୍ୟ ହେଲେଣି । ଏତେ ସବୁ ପରେ ବି ଗୃହ ବିଭାଗ ଚେଇଁ ଶୋଇଛି ।

ସୂଚନାନୁଯାୟୀ, ରାଜ୍ୟ ସରକାର ଚଳିତବର୍ଷ ଏପ୍ରିଲ ୨୩ ତାରିଖ ଦିନ ୧୬୮ଜଣ ଇନ୍ସପେକ୍ଟର୍‌ଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ଦେଇଥିଲେ । ପରବର୍ତ୍ତୀ ସମୟରେ ଆଉ ଜଣେ ଅଧିକାରୀ ମଧ୍ୟ ଡିଏସପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ । ଏହାର ଦୁଇ ମାସ ପରେ ଅର୍ଥାତ୍ ଜୁନ୍ ୨୬ ତାରିଖରେ ନୂଆ କରି ପଦୋନ୍ନତି ପାଇଥିବା ୭୦ ଜଣଙ୍କୁ ମିଶାଇ ମୋଟ ୭୯ ଡିଏସପିଙ୍କୁ ନିଯୁକ୍ତି ମିଳିଥିଲା । ହେଲେ ବାକି ୯୯ଜଣ ଡିଏସପି ଏବେ ମଧ୍ୟ ପୂର୍ବ ପଦବୀରେ କାମ କରୁଛନ୍ତି । ପଦୋନ୍ନତି ମିଳିବାକୁ ୮ମାସ ବିତିବାକୁ ବସିଲାଣି, ହେଲେ ମଧ୍ୟ ୯୯ଜଣ ଡିଏସ୍‌ପି ଏପର୍ଯ୍ୟନ୍ତ ନିଯୁକ୍ତି ପାଇନାହାନ୍ତି । ଫଳରେ ନିଯୁକ୍ତି ନପାଇ ଥାନା ଦାୟିତ୍ୱରେ ଥିବା ଇନ୍ସପେକ୍ଟର୍‌ମାନେ ଡିଏସ୍‌ପି (ଇନଚାର୍ଜ) ଭାବେ କାର୍ଯ୍ୟ କରୁଛନ୍ତି । ଅନେକ ଅଧିକାରୀ ନିଯୁକ୍ତି ପାଇଥିଲେ ମଧ୍ୟ ରିଲିଭ୍ କରାଯାଇନଥିବାରୁ ସେମାନେ ନୂଆ ପଦବୀରେ ଯୋଗ ଦେଇପାରୁନାହାନ୍ତି । ଏଥିସହ ଇନ୍ସପେକ୍ଟରମାନେ ପଦୋନ୍ନତି ପାଇବା ପରେ ବିଭିନ୍ନ ପୁଲିସ ଜିଲ୍ଲାରେ ଡିଏସପି ସଂଖ୍ୟା ମଞ୍ଜୁର ପଦବୀକୁ ଅତିକ୍ରମ କରିଯାଇଛି । ଫଳରେ ଡିଏସ୍‌ପି ହୋଇଥିଲେ ମଧ୍ୟ ଇନ୍ସପେକ୍ଟରର ଦରମା ପାଉଛନ୍ତି ।

ଏହାରି ଭିତରେ, ଡିଏସପିମାନଙ୍କୁ ନିଯୁକ୍ତି ନଦେବାରୁ ଆଉ ଏକ କାରଣ ସାମ୍ନାକୁ ଆସିଛି । ପଦୋନ୍ନତି ପାଇଥିବା ଅଧିକାରୀମାନେ ଭଲ ପୋଷ୍ଟିଂ ପାଇବାକୁ ବିଭିନ୍ନ ନେତା ଓ ବରିଷ୍ଠ ଅଧିକାରୀଙ୍କ ମାଧ୍ୟମରେ ଦାବି କରୁଛନ୍ତି । ପରିସ୍ଥିତି ଏମିତି ହୋଇଛି ଯେ ଗୋଟିଏ ପଦବୀ ପାଇଁ ଏକାଧିକ ପୁଲିସ ଅଧିକାରୀ ଲବି କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି । ସେପଟେ ଗତ ସେପ୍ଟେମ୍ବର ମାସରେ ଚୌଦ୍ୱାର ଥାନାରେ ହାଜତ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ନୂଆ କରି ପଦୋନ୍ନତି ପାଇଥିବା ଡିଏସପି ତଥା ତତ୍କାଳୀନ ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁଙ୍କୁ ନିଲମ୍ବିତ କରାଯାଇଥିଲା । ସେହିପରି ଗଞ୍ଜେଇ ବେପାରୀଙ୍କୁ ଅନୁକମ୍ପା ଦେଖାଇବା ନୂଆ କରି ପଦୋନ୍ନତି ପାଇଥିବା ଡିଏସପି ତଥା ଫୁଲବାଣୀ ସଦର ଥାନା ଅଧିକାରୀ ସତୀଶ ଚନ୍ଦ୍ର ନାଏକଙ୍କ ପାଇଁ ମହଙ୍ଗା ପଡ଼ିଥିଲା । ଗଞ୍ଜେଇ କାରବାରର ସଂପୃକ୍ତ ଆସିବାରୁ ଗତ ୨ ତାରିଖ ଦିନ ରାଜ୍ୟ ଗୃହ ବିଭାଗ ଶ୍ରୀ ନାଏକଙ୍କୁ ନିଲମ୍ବନ କରିଥିଲା । ନିଯୁକ୍ତି ପାଇବା ପୂର୍ବରୁ ଦୁଇଜଣ ଡିଏସ୍‌ପି ନିଲମ୍ବନ ହେବା ପରେ ପଦୋନ୍ନତି ପାଇ ଥାନା ଦାୟିତ୍ୱରେ ଥିବା ଡିଏସପିମାନଙ୍କ ମନରେ ଛନକା ପଶିଛି । ନିଯୁକ୍ତି ମିଳିନଥିବାରୁ ମାନସିକ ଅଶାନ୍ତି ଭିତରେ ଗତି କରୁଥିବାବେଳେ କୌଣସି ଅଘଟଣ ଘଟିଲେ ନିନ୍ଦା ଅପବାଦ ମୁଣ୍ଡାଇବା ସହ ନିଲମ୍ବନ ହେବାର ଭୟରେ ଏବେ ସେମାନେ ସମୟ କାଟୁଛନ୍ତି ।

# ଅତିରିକ୍ତ ସୁରକ୍ଷା ଜମା ବୈଧାନିକ ଆବଶ୍ୟକତା: ଟାଟା ପାୱାର

## ସୁରକ୍ଷା ଜମା ଉପରେ ଗତବର୍ଷ ଉପଭୋକ୍ତାଙ୍କୁ ମିଳିଛି ୨୧୭ କୋଟି

ଭୁବନେଶ୍ୱର,୧୮ ।୧୨(ସମିସ): ଟିପିସିଓଡିଏଲର ଅତିରିକ୍ତ ସୁରକ୍ଷା ଜମା ନୋଟିସକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ ଦେଖାଦେଇଥିବା ବେଳେ ଏହା ଉପରେ ଗୁରୁବାର ସ୍ପଷ୍ଟୀକରଣ ରଖିଛି ଟାଟା ପାୱାରର ୪ଟି ଯାକ ବିତରକ କମ୍ପାନୀ । କଂପାନୀ ପକ୍ଷରୁ କୁହାଯାଇଛି, ବିଦ୍ୟୁତ୍ ବିଲ୍ ଉପରେ ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍ (ଏଏସ୍‌ଡି) ଆଦାୟ ଏକ ବୈଧାନିକ ଆବଶ୍ୟକତା । ଏହା ବିଦ୍ୟୁତ୍ ଅଧିନିୟମ, ୨୦୦୩ ଅନୁଯାୟୀ ବାଧ୍ୟତାମୂଳକ ଏବଂ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ନିୟମାବଳୀକୁ ଅନୁପାଳନ କରୁଛି । ସୁରକ୍ଷା ଜମା ଟଙ୍କାକୁ ବିଲ୍‌ରେ ଭରଣା କରିବା ସହ ଅତିରିକ୍ତ ସୁରକ୍ଷା ଜମା ଗ୍ରାହକଙ୍କ ବିଦ୍ୟୁତ୍ ବ୍ୟବହାର ଢାଞ୍ଚା ଏବଂ ରାଜ୍ୟରେ ଲାଗୁ ହୋଇଥିବା ବିଦ୍ୟୁତ୍ ଟାରିଫ ସହ ସଂଶ୍ଳିଷ୍ଟ । ଅତିରିକ୍ତ ସୁରକ୍ଷା ଜମା କେବଳ ଓଡ଼ିଶାରେ ଆଦାୟ କରାଯାଉ ନାହିଁ; ଏହା ଦେଶବ୍ୟାପୀ ବିଭିନ୍ନ ରାଜ୍ୟରେ ବିତରକ କମ୍ପାନୀମାନେ ପ୍ରତିବର୍ଷ ଆଦାୟ କରୁଛନ୍ତି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।



ଟିପିସିଓଡିଏଲର ଯୁକ୍ତି ଅନୁଯାୟୀ ବିଦ୍ୟୁତ୍ ଆଇନ, ୨୦୦୩ର ଧାରା ୪୭ ଅନୁଯାୟୀ ସୁରକ୍ଷା ଜମା ସଂଗ୍ରହ କରିବା ବାଧ୍ୟତାମୂଳକ । ତେବେ ଯେଉଁ ଗ୍ରାହକଙ୍କ ବିଦ୍ୟୁତ୍ ବ୍ୟବହାର ଗତ ଆର୍ଥିକ ବର୍ଷରେ ହ୍ରାସ ପାଇଛି, ସେମାନେ ସେମାନଙ୍କ ବିଦ୍ୟୁତ୍ ବିଲରେ ଅତିରିକ୍ତ ସୁରକ୍ଷା ଜମା ଆଡଜଷ୍ଟମେଣ୍ଟ ପାଇଁ ଯୋଗ୍ୟ ଅଟନ୍ତି । ଅପରପକ୍ଷରେ ଯେଉଁ ଗ୍ରାହକଙ୍କ ବିଦ୍ୟୁତ୍ ବ୍ୟବହାର ବୃଦ୍ଧି ପାଇଛି, ସେମାନଙ୍କୁ ଅତିରିକ୍ତ ସୁରକ୍ଷା ଜମା କରିବାକୁ ପଡ଼ିବ ବୋଲି ଟାଟା ପାୱାର ସ୍ପଷ୍ଟ କରିଛି । କମ୍ପାନୀ ଆହୁରି ମଧ୍ୟ କହିଛି ଯେ ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ ବିଦ୍ୟୁତ୍ ଉପଭୋକ୍ତାମାନେ ପ୍ରତିବର୍ଷ ସେମାନଙ୍କ ଅତିରିକ୍ତ ଜମାରାଶି ଉପରେ ସୁଧ ଉପାର୍ଜନ ମଧ୍ୟ କରୁଛନ୍ତି, ଯାହା ସେମାନଙ୍କୁ ପ୍ରତିବର୍ଷ ସେମାନଙ୍କୁ ବିଦ୍ୟୁତ୍ ବିଲ୍‌ରେ ପ୍ରଦାନ କରାଯାଉଛି । ୨୦୨୪-୨୫ରେ ରାଜ୍ୟର ୪ଟି ଯାକ ବିତରକ କମ୍ପାନୀ ସିକ୍ୟୁରିଟି ଜମା ଉପରେ ୬.୫୦ ପ୍ରତିଶତ ସୁଧ ହାରରେ ୨୧୭.୨୯ କୋଟି ଟଙ୍କାର ସୁଧ ରାଶି ପ୍ରଦାନ କରିଥିବା କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏଥିରେ ଟିପିଡବ୍ଲ୍ୟୁଡିଏଲ୍ ସର୍ବାଧିକ ୭୯.୯୧ କୋଟି ଟଙ୍କା ପ୍ରଦାନ କରିଛି ।

ସେହିପରି ଟାଟା ପାୱାର ଯୁକ୍ତି ବାଢ଼ିଛି ଯେ ସୁରକ୍ଷା ଜମା ଏବଂ ଅତିରିକ୍ତ ସୁରକ୍ଷା ଜମା ଢାଞ୍ଚା ନୂଆ କିମ୍ବା ସ୍ୱେଚ୍ଛାକୃତ ନୁହେଁ । ଏହି ବ୍ୟବସ୍ଥା ପୂର୍ବରୁ ଅର୍ଥାତ୍ ସେସୁ, ନେସ୍କୋ, ସାଉଥ୍‌କୋ ଏବଂ ୱେସ୍କୋ ସମୟରେ ମଧ୍ୟ

■ ପୂର୍ବରୁ ମଧ୍ୟ ଓଡ଼ିଶାରେ ଆଦାୟ ହୋଇଛି ଅତିରିକ୍ତ ସୁରକ୍ଷା ରାଶି
■ ଅନ୍ୟ ରାଜ୍ୟରେ ବିତରକ କମ୍ପାନୀ ଅନୁସରଣ କରୁଛନ୍ତି ସମାନ ନିୟମ

ଲାଗୁ ହେଉଥିଲା । ଅତିରିକ୍ତ ସୁରକ୍ଷା ଜମା ପାଇଁ ବିଜ୍ଞପ୍ତି ପାଇଥିବା ଗ୍ରାହକମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦେୟ ଦେବାକୁ ପଡିବ । ଏଥିରେ ବିଫଳ ହେଲେ ଆଇନ ଅନୁଯାୟୀ ଧାର୍ଯ୍ୟ ତାରିଖ ପରେ କୌଣସି ଅନାଦେୟ ରାଶି ଉପରେ ବାର୍ଷିକ ୧୫ ପ୍ରତିଶତ ସରଚାର୍ଜ ଲାଗୁ ହେବ ବୋଲି କମ୍ପାନୀ ସ୍ପଷ୍ଟ କରିଛି । ଭୁବନେଶ୍ୱରସ୍ଥିତ ଟିପିସିଓଡିଏଲ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟାଟା ପାୱାରର ୪ଟି ଯାକ ବିତରକ କମ୍ପାନୀର ସିଇଓ(ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ) ଉପସ୍ଥିତ ଥିଲେ ।




ଫିଫା ବିଶ୍ୱକପ୍ ପୁରସ୍କାର ରାଶି ବୃଦ୍ଧି
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-173 ◆FRIDAY ◆19 DECEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୭୩ ◆ଶୁକ୍ରବାର ◆୧୯ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**ମନ୍ତ୍ରୀ-ବିଧାୟକଙ୍କ ଦରମା ବୃଦ୍ଧି**

# ଅକଳରେ ସରକାର

## ପୁନର୍ବିଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଜେପି ବିଧାୟକଙ୍କ ଅନୁରୋଧ

■ ଭୁବନେଶ୍ୱର, ୧୮।୧୨ (ସମିସ): ବିଧାୟକଙ୍କ ଦରମା, ଭତ୍ତା ବୃଦ୍ଧି ନେଇ ବିଧାନସଭାରେ ବିଲ୍ ପାରିତ ହେବା ପରେ ଏହାକୁ ନେଇ ସାରା ରାଜ୍ୟରେ ସୃଷ୍ଟି ହୋଇଛି ତୀବ୍ର ପ୍ରତିକ୍ରିୟା । ଗରିବ ଲୋକମାନଙ୍କ ଭତ୍ତା ୩୦୦୦ ଟଙ୍କା ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇ ନ ଥିବା, ସୁଭଦ୍ରାରେ ଦିନକୁ ୨୭ ଟଙ୍କା ସହାୟତା ଦିଆଯାଉଥିବା ସମୟରେ ମନ୍ତ୍ରୀ ଓ ବିଧାୟକଙ୍କ ଦରମା ୩ ଗୁଣ ବୃଦ୍ଧିକୁ ନେଇ ସବୁଆଡୁ ସରକାର ସମାଲୋଚନାର ଶରବ୍ୟ ହୋଇଛନ୍ତି । ପୁଣି ଯେଉଁ ସମୟରେ ଶିକ୍ଷକ, ପାଚିକାମାନେ ଦରମା ପାଇଁ ରାଜରାସ୍ତାରେ ଧାରଣା ଦେଉଥିଲେ; ସେହି ସମୟରେ ମନ୍ତ୍ରୀ ଓ ବିଧାୟକଙ୍କ ଦରମା ୩ ଗୁଣ ବୃଦ୍ଧି ସହ ଦେଶରେ ସର୍ବାଧିକ କରି ଦିଆଗଲା ତାହାକୁ ନେଇ ମଧ୍ୟ ଜାତୀୟସ୍ତରରେ ଓଡ଼ିଶା ସରକାରଙ୍କୁ ସମାଲୋଚନା ଶାସକ ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ରାଜ୍ୟରେ ବିଜେପି ସରକାର ଆସିବା ପରେ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟ ସରକାର ପ୍ରାୟ ୩୦ ହଜାର କୋଟି ଟଙ୍କା ଋଣ କରିଥିବା ଓ ରାଜ୍ୟରେ ଲୋକମାନଙ୍କ ମୁଣ୍ଡପିଛା ଋଣଭାର ୨୮ ହଜାର ଟଙ୍କା ଅତିକ୍ରମ କରିଥିବାସ୍ଥଳେ ବିଧାୟକ ଓ ମନ୍ତ୍ରୀଙ୍କୁ ଦିନକୁ ହାରାହାରି ୧୨ ହଜାର ଟଙ୍କା ଦରମା ଭତ୍ତା ପ୍ରଦାନ ମଧ୍ୟ ସାଧାରଣ ଲୋକଙ୍କୁ ହଜମ ହୋଇ ନ ଥିଲା । ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି



ସାମାଜିକ ସଂଗଠନ, ବୁଦ୍ଧିଜୀବି ମହଲ ଏପରି ନିଷ୍ପତ୍ତିକୁ ନିନ୍ଦା କରିଥିଲେ । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ବେତନ ଓ ଭତ୍ତା ନେବାକୁ ଅସ୍ୱୀକାର କରି ଏହାକୁ ରାଜ୍ୟବାସୀଙ୍କ ପାଇଁ ବ୍ୟୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠି ମଧ୍ୟ ସରକାରଙ୍କୁ ଅକଳରେ ପକାଇ ଦେଇଥିଲା ।

ସାରା ରାଜ୍ୟରେ ସୃଷ୍ଟି ହୋଇଥିବା ପ୍ରତିକ୍ରିୟା ଓ ସରକାରଙ୍କ ଭାବମୂର୍ତ୍ତି ଖରାପ ହେଉଥିବା ଅନୁଭବ କରି ଏବେ ଶାସକ ଦଳ ପକ୍ଷରୁ ଲୋକଙ୍କ ରୋଷକୁ ପ୍ରଶମିତ ପାଇଁ ଆରମ୍ଭ ହୋଇଛି ପଦକ୍ଷେପ । ଦରମା ବୃଦ୍ଧି ପୁନର୍ବିଚାର ଅନୁରୋଧ କରିଛନ୍ତି ଶାସକ ଦଳର ବିଧାୟକ । ଲୋକମତକୁ ସମ୍ମାନ ଜଣାଇ ବିଧାୟକମାନଙ୍କ ଦରମା, ଭତ୍ତା ବୃଦ୍ଧିର ପୁନର୍ବିଚାର କରିବାକୁ ବିଧାୟକମାନେ ଲିଖିତଭାବେ ମୁଖମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଏନେଇ ଗୁରବାର ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି । ଗୁରବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବର୍ଦ୍ଧିତ ଦରମା, ଭତ୍ତା ବୃଦ୍ଧି ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା । ଆଲୋଚନା ପରେ ବିଧାୟକମାନେ ବେତନ, ଭତ୍ତା, ପେନସନ ବୃଦ୍ଧିର ପୁନର୍ବିଚାର ନିମନ୍ତେ ଏକ ପ୍ରସ୍ତାବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରିଥିଲେ । ଏହି ବୈଠକରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ଦଳର ସମସ୍ତ ମନ୍ତ୍ରୀ ଓ ବିଧାୟକ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ପ୍ରସଙ୍ଗରେ ସଦ୍ୟ ସମାପ୍ତ ଶୀତ ଅଧିବେଶନର ଶେଷ ଦିନ ଅର୍ଥାତ୍ ୯ ତାରିଖ ଦିନ ଏକ ବିଧେୟକ ଗୃହୀତ ହୋଇଥିଲା । ଏହାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ବହୁ ଲୋକେ ଦରମା ବୃଦ୍ଧି ନିଷ୍ପତ୍ତିକୁ ନାପସନ୍ଦ କରିଥିଲେ ।

# ଭିବି ଜି-ରାମ-ଜି ବିଲ୍‌କୁ ସଂସଦର ଅନୁମୋଦନ



■ ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି): ଦେଶରେ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମନରେଗା (ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ବଦଳରେ ଆସିଲା ବିକଶିତ ଭାରତ ରୋଜଗାର ଗ୍ୟାରେଣ୍ଟି ମିସନ (ଭିବି ଜି-ରାମ-ଜି) । ଆଜି ଏସଂକ୍ରାନ୍ତ ବିଲକୁ ଲୋକସଭାରେ ଅନୁମୋଦନ ମିଳିଛି । ଏହି ଯୋଜନାରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମ ହଟାଯାଇଥିବାରୁ ବିରୋଧୀ ଦଳ ଏହାର ତୀବ୍ର ବିରୋଧ କରିବା ସହିତ ଗୃହରେ ପ୍ରବଳ ହଙ୍ଗାମା କରିଛନ୍ତି । ତେବେ ସରକାର ଏହାର ନାମ ପରିବର୍ତ୍ତନ ସପକ୍ଷରେ ଯୁକ୍ତି କରିବା ସହିତ ମୋଦୀ ସରକାର ହିଁ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ସାକାର କରୁଛନ୍ତି ବୋଲି କହିଛନ୍ତି କେନ୍ଦ୍ର କୃଷି ମନ୍ତ୍ରୀ ।

ଏହି ବିଲ ଉପରେ ଆଜି ୮ ଘଣ୍ଟା ଧରି ହୋଇଥିବା ଆଲୋଚନାର ଉତ୍ତର ଦେଇ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଯୋଜନାର ନାମ ପରିବର୍ତ୍ତନ ସପକ୍ଷରେ ଯୁକ୍ତି ବାଢ଼ିଥିଲେ । ସେ କହିଲେ ଯେ ୨୦୦୫ରେ ଏହି ଯୋଜନାର ନାମ ନରେଗା ଥିଲା । ତେବେ ୨୦୦୯ ନିର୍ବାଚନକୁ ଆଖି ଆଗରେ ରଖି ୟୁପିଏ ସରକାର ଏଥିରେ ମହାତ୍ମା ଗାନ୍ଧୀଙ୍କ ନାମ ଯୋଡ଼ିଥିଲେ । ତେବେ ମୋଦୀ ସରକାର ହିଁ ମନରେଗା ଯୋଜନାର ସଠିକ କାର୍ଯ୍ୟକାରୀ କରିଥିଲେ । ବାପୁଙ୍କ ଆଦର୍ଶକୁ କଂଗ୍ରେସ ଧ୍ୱଂସ

**ଲୋକସଭାରେ ବିଲ୍‌ର କପି ଚିରିଲେ ବିରୋଧୀ**

**ରାଜ୍ୟସଭାରେ ମଧ୍ୟରାତ୍ର ଯାଏଁ ଚାଲିଲା ବିତର୍କ**

କରିଦେଇଥିଲା । କିନ୍ତୁ ପ୍ରଧାନମନ୍ତ୍ରୀ ଆୱାସ ଯୋଜନା, ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ ମିସନ ଏବଂ ଆୟୁଷ୍ମାନ ଭାରତ ଭଳି ଯୋଜନା ଜରିଆରେ ଏନଡିଏ ସରକାର ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରୁଛି । ମୋଦୀ ସରକାର ମନଇଚ୍ଛା ବିଭିନ୍ନ ଯୋଜନାର ନାମ ପରିବର୍ତ୍ତନରେ ଲାଗିଛନ୍ତି ବୋଲି କଂଗ୍ରେସ ସାଂସଦ ପ୍ରିୟଙ୍କା ▶ପୃଷ୍ଠା-୭

**ଧଉଳି ଲଜ୍ଜା**

# ବନ୍ଧା ହେଲା ଜୋକର ହାପି



■ ଭୁବନେଶ୍ୱର, ୧୮।୧୨ (ସମିସ): ଧଉଳି ଗଣଦୁଷ୍କର୍ମ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଜୋକର ହାପି ଓରଫ୍ ସତ୍ୟପ୍ରକାଶ ହାତୀକୁ ଗୁରୁବାର କମିସନରେଟ୍ ପୁଲିସ ବ୍ରହ୍ମପୁରରୁ ଗିରଫ କରିଛି । ଗିରଫ କରିବା ପରେ ପୁଲିସ ତାକୁ ନେଇ କ୍ରାଇମ୍ ସିନ୍ ରିକ୍ରିସନ୍ କରିଥିଲା । ସେ ଓ ତା'ର ସହଯୋଗୀ କିଭଳି ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ, ସେସବୁ ଗୋଟି ଗୋଟି କରି ବଖାଣିଥଲା । ପୂର୍ବରୁ ୨୦ରୁ ଅଧିକ ଅପରାଧ ସହ ଜଡ଼ିତ ହାପିକୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି । ତେବେ ଏହି ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ପାଖରେ ପୁଲିସ ଏପର୍ଯ୍ୟନ୍ତ ପହଞ୍ଚିପାରି ନାହିଁ । ଜୋକର ହାପି ନାମରେ ଲୋକଙ୍କ ବେକ କାଟିବାଠାରୁ ଆରମ୍ଭ କରି ପୁଲିସକୁ ଆକ୍ରମଣ, ଲୁଟ୍‌ପାଟ୍, ନିଶା ସେବନ କରି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇବା ଭଳି ଅନେକ ଆପରାଧିକ ମାମଲା

**ସିନ୍ ରିକ୍ରିଏସନ୍ କଲା ପୁଲିସ**

**ଏବେ ବି ୨ ଅଭିଯୁକ୍ତ ଫେରାର୍**

ରହିଛି । କିଛିଦିନ ତଳେ ସେ ଜାମିନ୍ ବଳରେ ଜେଲ୍‌ରୁ ବାହାରିବା ପରେ ସହଯୋଗୀମାନଙ୍କ ସହିତ ମିଶି ଏହି ଗଣଦୁଷ୍କର୍ମ କରିଥିଲା ।

ଘଟଣାରେ ସଂପୃକ୍ତ ୫ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ପୁଲିସ ମାଷ୍ଟରମାଇଣ୍ଡ ଜୋକର ହାପି ସମେତ ଅନ୍ୟ ଦୁଇ ଅଭିଯୁକ୍ତ ବିଭୂପ୍ରସାଦ ମିଶ୍ର, କାଳନ୍ଦୀ ପାତ୍ରକୁ ଗିରଫ କରିଛି ।

**ବିଜୟଙ୍କ ଘରେ ମହମ୍ମଦ ମୋକିମ୍**

# ନୂଆ ସମୀକରଣର ପୂର୍ବାଭାସ !

■ ଭୁବନେଶ୍ୱର, ୧୮ ।୧୨ (ସମିସ): ଗତକାଲି କଂଗ୍ରେସରୁ ବହିଷ୍କୃତ ହେବା ପରେ ଗୁରୁବାର ପୂର୍ବତନ ବିଜେପି ନେତା ବିଜୟ ମହାପାତ୍ରଙ୍କୁ ଭେଟିଛନ୍ତି ପୂର୍ବତନ କଟକ ବିଧାୟକ ମହମ୍ମଦ ମୋକିମ୍ । ଶ୍ରୀ ମହାପାତ୍ରଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଆଲୋଚନା ହୋଇଛି । ଯଦିଓ ଏହି ସାକ୍ଷାତକୁ ଉଭୟ ନେତା ସୌଜନ୍ୟମୂଳକ ବୋଲି କହିଛନ୍ତି, ମାତ୍ର ସାମ୍ପ୍ରତିକ ସମୟ ଓ ରାଜନୈତିକ ପାଣିପାଗକୁ ଦେଖିଲେ ଏହାକୁ କେବଳ ସାଧାରଣ ସାକ୍ଷାତ ବା ସୌଜନ୍ୟ ଆଲୋଚନା ରୂପେ କେହି ଗ୍ରହଣ କରିପାରୁ ନାହାନ୍ତି । ଗତ କିଛିଦିନ ହେଲା ରାଜ୍ୟରେ ଏକ ନୂଆ ରାଜନୈତିକ ଦଳ ଗଠନ ଆଲୋଚନା ଚାଲିଥିବା ସମୟରେ ଉଭୟଙ୍କ ସାକ୍ଷାତ ପରେ ଏହି ଚର୍ଚ୍ଚା ଦାନା ବାନ୍ଧିଛି ।

ବିଜୟଙ୍କ ସହ ସାକ୍ଷାତ ପରେ ମହମ୍ମଦ ମୋକିମ କହିଛନ୍ତି, ବିଜୟ ମହାପାତ୍ର ମୋର



ବଡ଼ ଭାଇ ସଦୃଶ । ସେ ନୂଆ ଲୋକ ନୁହେଁ କି ବାହାରୁ ଆସି ନାହାନ୍ତି । ଆମେ ବାରମ୍ବାର ଭେଟୁ । ସେଥିପାଇଁ ତାଙ୍କୁ ଭେଟିବାକୁ ଆସିଥିଲି । ଆମେ ବାର୍ତ୍ତାଳାପ କଲୁ । ଏଥିରେ କିଛି ନୂତନତ୍ୱ ନାହିଁ ବୋଲି ମୋକିମ୍ କହିଛନ୍ତି । ସେହିପରି ଏହି ସାକ୍ଷାତ ପରେ ବରିଷ୍ଠ ନେତା ବିଜୟ ମହାପାତ୍ର କହିଛନ୍ତି ଯେ ଆଗାମୀ ୨୦୨୬ ଏକ ଘଟଣା ବହୁଳ ବର୍ଷ ହେବ ବୋଲି ମୁଁ ପୂର୍ବରୁ କହିଛି । ତେବେ ମୋକିମ୍ ପୂର୍ବରୁ ବହୁଥର ଆସିଛନ୍ତି । ଆମ ଭିତରେ ଆଲୋଚନା ହୁଏ । ଏହି ସାକ୍ଷାତ ସମୟରେ କିଛି ରାଜନୈତିକ ଚର୍ଚ୍ଚା ହୋଇନି । କେବଳ ବ୍ୟକ୍ତିଗତ ଆଲୋଚନା ହୋଇଛି । ତେବେ ନୂଆ ଦଳ ପ୍ରସଙ୍ଗରେ ସେ ଉତ୍ତର ଦେଇ କହିଛନ୍ତି, ଯେ ନୂଆ ଦଳ ବିଷୟରେ ମୁଁ କିଛି ଜାଣିନାହିଁ । ହେଲେ ଏହି ବୈଠକ ସମୟରେ ବିଜେଡି କିପରି ଗଠନ ହୋଇଥିଲା ବୋଲି ଏଠାରେ ଆଲୋଚନା ହୋଇଛି ଓ ବର୍ତ୍ତମାନ ଓଡ଼ିଶା ରାଜନୀତିର ଚିତ୍ର ଅସ୍ପଷ୍ଟ ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ ମହମ୍ମଦ ମୋକିମ କଂଗ୍ରେସରୁ ବରିଷ୍କୃତ ହେବା ପରେ ଏକ ନୂଆ ରାଜନୈତିକ ଦଳ ଗଠନ କରିବେ ବୋଲି ଚର୍ଚ୍ଚା ଜୋର୍ ଧରିଛି । ଏହାସହିତ ବିଜୟ ମହାପାତ୍ର ମଧ୍ୟ ଅତୀତରେ ରାଜ୍ୟରେ ନୂଆ ଦଳ ଗଠନକୁ ନେଇ ଅସ୍ୱୀକାର କରି ନାହାନ୍ତି । ତେଣୁ ▶ପୃଷ୍ଠା-୭

**ଅନ୍ନଦାତାଙ୍କ ଅନୁରୋଧ**

# 'ଆମ ପାଇଁ ଦିନଟିଏ ଦିଅ'

## ଆଜି ସମ୍ବଲପୁର ବନ୍ଦ: ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଷୀଙ୍କ ହରତାଳ

■ ସମ୍ବଲପୁର, ୧୮।୧୨ (ସମିସ): ଟୋକନ ଇସ୍ୟୁ ନହେବା ସମସ୍ୟାକୁ ନେଇ ଆସନ୍ତାକାଲି (୧୯ ତାରିଖ) ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଷୀ ସଂଗଠନ ପକ୍ଷରୁ ସମ୍ବଲପୁର ବନ୍ଦ କରାଯିବ । ବନ୍ଦ ଅବ୍ୟବହିତ ପୂର୍ବରୁ ଆଜି ପୂର୍ବାହ୍ଣରେ ଏକ ବାଇକ ରାଲିରେ ସହର ପରିକ୍ରମା କରି ଚାଷୀମାନେ 'ଅନ୍ନଦାତାକୁ ଦିନଟିଏ ଦିଅ' ବୋଲି ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ମାସେ ବିଳମ୍ବରେ ଗତ ନଭେମ୍ବର ୨୮ ତାରିଖରୁ ସମ୍ବଲପୁର ଜିଲ୍ଲାରେ ମଣ୍ଡି ଖୋଲିଥିଲେ ହେଁ ଆଜିଯାଏ ଟୋକନ ଆସିନାହିଁ । କେତେକ ଚାଷୀଙ୍କ ପ୍ରଥମ ଟୋକନ ଆସିନଥିବା ବେଳେ ଆଉ କେତେକ ଚାଷୀଙ୍କ ଦ୍ୱିତୀୟ ଓ ତୃତୀୟ ଟୋକନ ଆସି ନ ଥିବାରୁ ଚାଷୀ ଧାନ ଅମଳକରି ଜଗି ବସିରହିଛି । ୧୬ ତାରିଖ ଚାଷୀମାନେ ଅଭିନବ ପ୍ରତିବାଦ ▶ପୃଷ୍ଠା-୭










# ଦୁର୍ଘଟଣାରେ ଦିନକୁ ଯାଉଛି ୪୭୪ ଜୀବନ

## ବର୍ଷକୁ ୫ ଲକ୍ଷ ସଡ଼କ ଦୁର୍ଘଟଣା: ୧.୮ ଲକ୍ଷ ମୃତ୍ୟୁ

■ ନୂଆଦିଲ୍ଲୀ, ୧୮ ।୧୨ (ଏଜେନ୍ସି): ଦେଶରେ ପ୍ରତିବର୍ଷ ୫ ଲକ୍ଷ ସଡ଼କ ଦୁର୍ଘଟଣା ଘଟୁଛି । ଏଥିରେ ହାରାହାରି ୧ ଲକ୍ଷ ୮୦ ହଜାର ଲୋକ ପ୍ରାଣ ହରାଉଛନ୍ତି । ତେବେ ସବୁଠାରୁ ଉଦବେଗର ବିଷୟ ହେଲା ଯେ ମୃତ୍ୟୁସଂଖ୍ୟା ମଧ୍ୟରେ ୬୬ ପ୍ରତିଶତ ହେଉଛନ୍ତି ଯୁବକ/ଯୁବତୀ । ୧୮ରୁ ୩୪ ବର୍ଷ ବୟସ୍କ ଲୋକ ଏଭଳି ଦୁର୍ଘଟଣାର ଶିକାର ହେଉଛନ୍ତି । ସଚେତନତା ସତ୍ତ୍ୱେ ଦୁର୍ଘଟଣା ସଂଖ୍ୟା ବଢ଼ିବା ସହିତ ମୃତ୍ୟୁ ସଂଖ୍ୟାରେ ମଧ୍ୟ ବ୍ରେକ ଲାଗୁନି ।

କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଗତକାଲି ରାଜ୍ୟସଭାରେ ଏଭଳି ଚିନ୍ତାଜନକ ତଥ୍ୟ ପ୍ରଦାନ କରିଛନ୍ତି । କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀଙ୍କ ପ୍ରଶ୍ନ ଉତ୍ତର ଦେଇ ଗଡ଼କରୀ ସ୍ୱୀକାର କରିଛନ୍ତି ଯେ ଭିତ୍ତିଭୂମି ନିର୍ମାଣରେ ଉନ୍ନତି ଏବଂ ଆଇନ୍ କଡ଼ା କରିବା ସତ୍ତ୍ୱେ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ପହଞ୍ଚିପାରିବ । ଯଦି ଆହତ ବ୍ୟକ୍ତିଙ୍କୁ ଠିକ୍ ସମୟରେ ଚିକିତ୍ସା ମିଳିବ, ତାହାଲେ ୫୦ ହଜାର ଜୀବନ ରକ୍ଷା କରାଯାଇପାରିବ ବୋଲି



**୧୮ରୁ ୩୪ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଅଧିକ**

**୧୦ ମିନିଟ୍‌ରେ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରିବେ ସରକାର**

କମ୍ ହୋଇପାରିନାହିଁ । ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ଅତ୍ୟାଧୁନିକ ଆମ୍ବୁଲାନ୍ସ ଦେବାକୁ ଯୋଜନା କରୁଛନ୍ତି । ଏହାଦ୍ୱାରା ଆମ୍ବୁଲାନ୍ସ ଦୁର୍ଘଟଣାସ୍ଥଳରେ ମାତ୍ର ୧୦ ମିନିଟ୍‌ରେ ସେ କହିଛନ୍ତି । ଆଇଆଇଏମ୍‌ର ଏକ ସର୍ଭେରେ ଉଲ୍ଲେଖ କରି ସେ ଏହା କହିଛନ୍ତି । ମନ୍ତ୍ରୀ ଆହୁରି ସ୍ୱୀକାର କରିଛନ୍ତି ଯେ ଗତ ୫ ବର୍ଷରେ ସ୍ୱୀକୃତ ୫୭୪ ଜାତୀୟ ରାଜପଥ ଯୋଜନାଗୁଡ଼ିକ ନିର୍ଦ୍ଧାରିତ ସମୟ ଅନୁସାରେ ପଛୁଆ ରହିଛି ।

ସରକାରୀ ତଥ୍ୟ ଅନୁସାରେ ୨୦୧୮ରେ ଏକ ଲକ୍ଷ ୫୮ ହଜାର ବ୍ୟକ୍ତି ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ୨୦୧୯ରେ ୧,୫୬୦୦୦, ୨୦୨୦ରେ ୧,୩୮୦୦୦, ୨୦୨୧ରେ ୧,୫୪୦୦୦ ଏବଂ ୨୦୨୨ରେ ୧,୬୮୦୦୦ ଲୋକ ପ୍ରାଣ ହରାଇଥିଲେ । ୨୦୨୩ର ସରକାରୀ ତଥ୍ୟ ମିଳିନାହିଁ । ତେବେ ବେସରକାରୀ ତଥ୍ୟ ଅନୁଯାୟୀ ୨୦୨୩ରେ ସର୍ବାଧିକ ଏକ ଲକ୍ଷ ୭୨ ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ସଡ଼କ ଦୁର୍ଘଟଣାରେ ପ୍ରତିଦିନ ୪୭୪ ଜଣଙ୍କ ଜୀବନ ଯାଉଥିବା ବେଳେ ପ୍ରତି ତିନି ମିନିଟରେ ଜଣେ ବ୍ୟକ୍ତିଙ୍କ ▶ପୃଷ୍ଠା-୭

# କେନାଲରେ ମିଶୁଛି ଲୋକଙ୍କ ଘରର ଆବର୍ଜନା ପାଣି



ତାଳଚେର,୧୮ ।୧୨(ସମିସ): ତାଳଚେର ସହର ଦେଇ ଯାଇଥିବା ରେଙ୍ଗାଳି ଦକ୍ଷିଣ କେନାଲ ଏବେ ତାଳଚେର ସହରବାସୀଙ୍କ ଡଷ୍ଟବିନ୍ ପାଲଟିଛି। ତାଳଚେର ପୌରପରିଷଦରେ ରହିଥିବା ୨୧ଟି ୱାର୍ଡ ମଧ୍ୟରୁ ୧୦, ୧୧, ୧୨, ୧୩ ଓ ୧୮ ନମ୍ବର ୱାର୍ଡ ପାଶ୍ୱର୍ଦେଇ ଏହି କେନାଲ ଯାଇଛି। ଚାଷୀଙ୍କ ସୁବିଧାକୁ ନେଇ ତତ୍କାଳୀନ କଂଗ୍ରେସ୍ ସରକାର ଏହାକୁ ନିର୍ମାଣ କରିଥିଲେ। ଏବେ ଏହି କେନାଲ ଭଙ୍ଗାରୁଜା ଓ ବିପଦସଙ୍କୁଳ ଅବସ୍ଥାରେ ଥିବା ବେଳେ ନିର୍ମାଣ ପରଠାରୁ ଏହାକୁ ସଫେଇ କରାଯାଉ ନ ଥିବାରୁ ଏବେ ସହରବାସୀ ଏହାକୁ ଡଷ୍ଟବିନ୍ ଭାବେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। କେନାଲରେ ଅଳିଆ ଆବର୍ଜନ ଓ ଘରର ଆବର୍ଜନା ପାଣି ଛାଡୁଥିବାରୁ ଏହି ପାଣି ଏବେ ଦୂଷିତ ହେବା ସହ ପଚିଶଢ଼ି ଦୁର୍ଗନ୍ଧ ହେଉଛି। ତାଳଚେର ରେମୁଁଆ ଛକ ଠାରୁ ଆରମ୍ଭକରି ଅଙ୍ଗାଳରୁଆ ଶନିବାର ହାଟ ଦେଇ ବହ୍ଳର ଗ୍ରାମ ବନ୍ତୋଲ ରେଳଫାଟକ ପର୍ଯ୍ୟନ୍ତ ପ୍ରାୟ ୪କିମି ଏହି କେନାଲ ପାଶ୍ୱର୍ରେ ଅନେକ କୋଠାଘର ଗଢ଼ି ଉଠିଛି। ଘରଗୁଡ଼ିକର ଡ୍ରେନେଜ ସୁବିଧା ନ ଥିବାରୁ ଲୋକେ ଆବର୍ଜନା ଜଳ କେନାଲକୁ ଛାଡ଼ି ଦେଉଛନ୍ତି। ବର୍ତ୍ତମାନ ଚାଷ ହେଉ ନ ଥିବାରୁ କୋନାଲ କର୍ତ୍ତୃପକ୍ଷ ପାଣି ଛାଡ଼ିବା ବନ୍ଦ କରିଦେଇଛନ୍ତି। ଫଳରେ କେନାଲରେ ପଡ଼ି ରହିଥିବା କୁଡ଼କୁଡ଼ ଆବର୍ଜନା ବାହାରକୁ ଦେଖା ଯାଉଥିଲେ ହେଁ ଏହାର ପ୍ରତିକାର ନାହିଁ। ଏହି କେନାଲରେ କିଛି ସାଧାରଣ ଶ୍ରେଣୀର ଲୋକମାନେ ଗାଧୋଇ ବିଭିନ୍ନ ଚର୍ମରୋଗର ଶିକାର ହେଉଥିବା ଅଭିଯୋଗ ହେଉଛି। ଏହି କେନାଲ ପାଶ୍ୱର୍ରେ ମଧ୍ୟ ଅନେକ ସର୍ଭିସିଂ ସେଣ୍ଟର ଥିବାରୁ ସେମାନେ ଏହି କେନାଲରୁ ପମ୍ପ ଲଗାଇ ପାଣିନେଇ ଗାଡ଼ି ସର୍ଭିସିଂ କରିବା ସହିତ ସେହି ପାଣିକୁ ପୁନଶ୍ଚ କେନାଲକୁ ଛାଡ଼ିବା ଫଳରେ କେନାଲ ପାଣି ହେଉଛି ଜହର। ଏହି କେନାଲ ପାଶ୍ୱର୍ରେ ରେଙ୍ଗାଳି ଦକ୍ଷିଣ କେନାଲ ଡିଭିଜନ ଅଫିସ୍ ରହିଛି ଏବଂ କାର୍ଯ୍ୟାଳୟର ଅଧିକାରୀମାନେ ଯାତାୟାତ କରୁଥଲେ ମଧ୍ୟ ସେମାନଙ୍କ ଦୃଷ୍ଟି ଏହା ଉପରେ କିପରି ପଡୁନାହିଁ ତାକୁ ନେଇ ବିଭିନ୍ନ ପ୍ରଶ୍ନ ସୃଷ୍ଟି ହୋଇଛି। ଏହି ଜଳ ବ୍ୟବହାର କରି ଲୋକମାନେ ବିଭିନ୍ନ ମାରାତ୍ମକ ରୋଗର ଶିକାର ହେଉଥିବା ଅଭିଯୋଗ ହେଉଛି। ତୁରନ୍ତ କେନାଲ ବିଭାଗ ପକ୍ଷରୁ ଏହାର ମରାମତି ସହ ପଙ୍କ ଓ ଆବର୍ଜନା ନିଷ୍କାସନ କରିବାକୁ ସାଧାରଣରେ ଦାବି ହେଉଛି।

## ଶିକ୍ଷକ ଅନୁପସ୍ଥିତ; ଶିକ୍ଷାଦାନ ବାଧାପ୍ରାପ୍ତ

● ଏବିଇଓଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ



କିଶୋରନଗର,୧୮ ।୧୨(ସମିସ): କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ ଭରଥାପୁର ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ୨ ଶିକ୍ଷକ ମନଇଚ୍ଛା ବିଦ୍ୟାଳୟକୁ ଆସି ପଳାଉଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ବିଦ୍ୟାଳୟରେ ଶିକ୍ଷକଙ୍କ ଅନୁପସ୍ଥିତି ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏ ନେଇ ଗ୍ରାମବାସୀ ବୁଧବାର ବିଇଓ ଅଫିସକୁ ଆସି ବିଇଓଙ୍କ ଅନୁପସ୍ଥିତିରେ ଏବିଇଓଙ୍କୁ ଅଭିଯୋଗ କରିଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଗ୍ରାମର ପ୍ରମିଳା ପ୍ରଧାନ, ତ୍ରିଲୋଚନ ପ୍ରଧାନ, ରମେଶ ଚନ୍ଦ୍ର ନାୟକ, ବିଶିକେଶନ ପ୍ରଧାନ, ପରମାନନ୍ଦ ପ୍ରଧାନ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଅବକାରୀ ଚଢ଼ଉ; ଜଣେ ଗିରଫ

ବଇଣ୍ଡା,୧୮ ।୧୨(ସମିସ): ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ହଣ୍ଡପା ଥାନା ରାଣୀଭୂଇଁ ଗ୍ରାମରେ ଚଢ଼ଉ କରାଯାଇ ଗଗନ ପ୍ରଧାନଙ୍କ ଘରୁ ୧୫ ଲିଟର ମହୁଲି ମଦ ଜବତ କରାଯାଇଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେ ବେଆଇନ ଭାବେ ଘରେ ମଦ ବିକ୍ରି କରୁଥିବା ବେଳେ ଖବର ପାଇ ଅବକାରୀ ବିଭାଗ ଚଢ଼ଉ କରିଥିଲା।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରଲୋକ

ଅନୁଗୋଳ,୧୮ ।୧୨(ସମିସ): ବଅଁରପାଳ ଥାନା ତୁଳସୀପାଳ ଗାଁର ଅବସରପ୍ରାପ୍ତ ସେନା କର୍ମଚାରୀ ଦୁର୍ଯ୍ୟୋଧନ ସାହୁଙ୍କର ବୁଧବାର ପରଲୋକ ଘଟିଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ଖବର ପାଇ ଅନୁଗୋଳ ଡିଫେନ୍ସ ଭେଟେରାନର ସଭାପତି ଅନିଲ କୁମାର ମହାନ୍ତି ଏବଂ ସାଥୀମାନେ ଦର୍ଯ୍ୟୋଧନଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଜାତୀୟ ପତାକା ସହ ମରଶରୀରକୁ ଶ୍ମଶାନ ପର୍ଯ୍ୟନ୍ତ ନିଆଯାଉ ଶେଷକୃତ୍ୟ କରାଯାଇଛି। ଏହି ଅବସରରେ ଅନୁଗୋଳ ଡିଫେନ୍ସ ଭେଟେରାନର ପ୍ରମୋଦ କୁମାର ଜେନା, ରଞ୍ଜିତ ଜେନା, ଯୁଗଳ କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ବଇଣ୍ଡା,୧୮ ।୧୨(ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ରାମଦେଓ ଉଚ୍ଚ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଛାତ୍ର ତୃପ୍ତିମୟ ପ୍ରଧାନ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଗୁରୁବାର ତାଙ୍କୁ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରୀ ଚଟମ୍ବା ଯୋଗଦେଇ ତାଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଭବାନୀ ଶଙ୍କର ପ୍ରଧାନ, ବିଶ୍ୱଜିତ ଦେହୁରି, ସିସୋଲିନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ଦିବ୍ୟଦର୍ଶନ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା

ବଅଁରପାଳ,୧୮ ।୧୨(ସମିସ): ବଅଁରପାଳ ଦିବ୍ୟଦର୍ଶନ ଶିଶୁ ମନ୍ଦିରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟା ଅନୁପମା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମେଳାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ବିଜୟ କୁମାର ଧୀର, ସମ୍ମାନିତ ଅତିଥି ଭାବେ ଗୋତମରା ସରକାରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଶୋକ କୁମାର ଦାଶ ଓ ସାମ୍ବାଦିକ ସଞ୍ଜୀୟ କୁମାର ବିଶୋଇ ଯୋଗ ଦେଇଥିଲେ। ପରିଚାଳନା କମିଟି ସଦସ୍ୟ ହେମନ୍ତ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅନୁଷ୍ଠିତ ହେଉଥିବା ବିଜ୍ଞାନ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମେଳାରେ ମୋଟ ୬୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ ପ୍ରକଳ୍ପଗୁଡ଼ିକ ବୁଲି ଦେଖିବା ସହ ମୂଲ୍ୟାଙ୍କନ କରିଥିଲେ।



## ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ ବିକାଶ ପରାମର୍ଶ ବୈଠକ




କିଶୋରନଗର,୧୮ ।୧୨(ସମିସ): ବିଶ୍ୱ ଯୁବ କେନ୍ଦ୍ର ଦ୍ୱାରା ଆଠମଲ୍ଲିକ ବ୍ଲକ ୧୧ ପଞ୍ଚାୟତର ୧୨୫ ଗ୍ରାମରେ ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ବିଶ୍ୱ ଯୁବକେନ୍ଦ୍ର ଓ ବେସିକ ନୀଡ୍ ଇଣ୍ଡିଆ ସହଯୋଗରେ ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ ଓ ବିକାଶ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ପରାମର୍ଶ ବୈଠକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣକେନ୍ଦ୍ରରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା, ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ରଶ୍ମିତା ଭଞ୍ଜଦେଓ, ଗୋଷ୍ଠୀ ପରିଚାଳିକା ସୁଭାଷିନୀ ସାହୁ, କ୍ଲିନିକାଲ ସାଇକୋଲୋଜିଷ୍ଟ କେସ ୱାର୍କର ସରୋଜ କୁମାର ଦାସ, ବ୍ଲକ ପ୍ରୋଗ୍ରାମ ଅଫିସର, ଡା. ତପସ୍ୱିନୀ ମିଶ୍ରଙ୍କ ସମେତ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଯୋଗଦେଇଥିଲେ। ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ଅଭୟ ଚରଣ ସ୍ୱାଇଁ (ଭିଡିଏମପି), ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ ଓ ବିକାଶ କାର୍ଯ୍ୟକ୍ରମର ସଂଯୋଜିକା ମନସ୍ୱିନୀ ପାତ୍ର, ଫିଲଡ ୱାର୍କ ଅଫିସର ଜ୍ୟୋସ୍ନିତା ପ୍ରଧାନ, ୧୦ ଜଣ ଗୋଷ୍ଠୀ ସଂଯୋଜକ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ଆଇସିଡିଏସ ସୁପରଭାଇଜର, ମାନସିକ ରୋଗୀ ଓ ସେମାନଙ୍କ ଯତ୍ନକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମାନସିକ ରୋଗୀଙ୍କୁ ସୁବିଧାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଔଷଧ ଯୋଗାଇ ଦେବା, ଭତ୍ତା ପ୍ରଦାନ, ଭିନ୍ନକ୍ଷମ ସାର୍ଟିଫିକେଟ କରେଇଦେବା, ସେମାନଙ୍କୁ ଜୀବନ ଜୀବିକାରେ ଅନ୍ତର୍ଭୁକ୍ତ କରିବା ଓ ସରକାରଙ୍କ ଦ୍ୱାରା ଉପଲବ୍ଧ ସମସ୍ତ ସୁବିଧା ଓ ସୁଯୋଗ ଯୋଗାଇଦେବା ଆଦି ବିଷୟରେ ଆଲୋଚନା କରାଯାଇଥିଲା।

## ରାଜ୍ୟ ସମୀକ୍ଷା ମିଶନଙ୍କ ଅନୁଗୋଳ ଗସ୍ତ

ଅନୁଗୋଳ,୧୮ ।୧୨(ସମିସ): ଦୀର୍ଘ ତିନି ଦିନ ଧରି ରାଜ୍ୟ ସମୀକ୍ଷା ମିଶନର ୭ ଜଣିଆ ଟିମ ଅନୁଗୋଳ ଜିଲ୍ଲାର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଉପକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ତଦାରଖ କରିବା ସହ ଟିକାକରଣ, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଅମ୍ଳାନ, ରକ୍ତ ଶିକୁଳି, ଅଣସଂକ୍ରାମକ ରୋଗ ଇତ୍ୟାଦି ଏବଂ ଜନସାଧାରଣ ତଥା ସ୍ୱାସ୍ଥ୍ୟ ଉପଭୋକ୍ତାଙ୍କଠାରୁ ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା ବିଷୟରେ ପଚାରି ବୁଝିଥିଲେ। ଅପରାହ୍ନ ୩ଟାରେ ଜିଲ୍ଲାପାଳ ମହମ୍ମଦ ଅବଦଲ ଅଖତରଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୈଠକ କରି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶାଖା ଅଧିକାରୀ, ସହିତ ରାଜ୍ୟ ସମୀକ୍ଷା ମିଶନର ଅଧିକାରୀ ଡା. ଆଦିତ୍ୟ ମହାପାତ୍ର, ଡା. ଶୁଭେନ୍ଦୁ କୁମାର ନାୟକ, ଡା. ଦୀନବନ୍ଧୁ ସାହୁ, ସୁଶାନ୍ତ କୁମାର ପାତ୍ର, ସୁକାନ୍ତ କୁମାର ମିଶ୍ର, ସ୍ୱରୂପ ଦାସ, ଡା. ହୀରାଲାଲ ନାୟକ, ଡିପିଏମ ସୌମ୍ୟାରାଣୀ ଗୌଡ଼, ଜିଲ୍ଲା ବିତ୍ତ ପରିଚାଳକ ଟିକେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ଓଡ଼ିଶା ଉଦୟ ଫାଉଣ୍ଡେସନ୍ ପକ୍ଷରୁ କମ୍ବଳ ବଣ୍ଟନ



ଅନୁଗୋଳ,୧୮ ।୧୨(ସମିସ): ଶୀତପ୍ରକୋପବଢ଼ିବାସହଅସହାୟଗରିବବୃଦ୍ଧବୃଦ୍ଧାମାନଙ୍କୁ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ଓଡ଼ିଶା ଉଦୟ ଫାଉଣ୍ଡେସନ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ସାତକୋଶିଆ ଅଭୟାରଣ୍ୟ ଟିକରପଡ଼ା ପଞ୍ଚାୟତର ଗଇନ୍ଦୀ, ବେହେରା ସାହି, ମଝିପଡ଼ା, ଟିକରପଡ଼ା, ନୂଆ ଗଇନ୍ଦୀ ଆଦି ୬ ଗ୍ରାମରେ ୪୦୦ରୁ ଅଧିକ ଗରିବ ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଥିବା ସଙ୍ଗଠନର ଅଧ୍ୟକ୍ଷା ସ୍ମୃତିଲିପି ମିଶ୍ର କହିଛନ୍ତି। ଅନୁଷ୍ଠାନର ଯୁଗ୍ମ ସମ୍ପାଦିକା ଅର୍ଚ୍ଚନା ପଟ୍ଟନାୟକ, ପରାମର୍ଶଦାତା ସନ୍ତୋଷ ବେହେରା, ସଦସ୍ୟ ସତ୍ୟଜିତ ଦାଶ, ଜମ୍ବେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ଲାଷ୍ଟିକ୍ ବର୍ଜନ ସଚେତନତା କାର୍ଯ୍ୟକ୍ରମ

ବଇଣ୍ଡା,୧୮ ।୧୨(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ସାନହୁଲା ହାଇସ୍କୁଲ ପରିସରରେ ଗୁରୁବାର ଇକୋ କ୍ଲବ ପକ୍ଷରୁ ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇକୋ କ୍ଲବ ଶିକ୍ଷକ କ୍ଷୀରେନ୍ଦ୍ର ମେହେର, ଜଗଦୀଶ ନନ୍ଦ ଯୋଗଦେଇ ବିଦ୍ୟାଳୟ ପରିସରରେ ଥିବା ପ୍ଲାଷ୍ଟିକଗୁଡ଼ିକକୁ ଏକତ୍ରିତ କରି ଡଷ୍ଟବିନରେ ପକାଇବା ସହ ପ୍ଲାଷ୍ଟିକ ବ୍ୟବହାରରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ।

## ଆହତ ଗରୁଡ଼ ପକ୍ଷୀ ଉଦ୍ଧାର

ଅନୁଗୋଳ,୧୮ ।୧୨(ସମିସ): ବୁଧବାର ଅପରାହ୍ନରେ ଏକ ଆହତ ଗରୁଡ଼ ପକ୍ଷୀକୁ ବନ ବିଭାଗ ଉଦ୍ଧାର କରିଛି। ପକ୍ଷୀଟି ବଅଁରପାଳ ଓଭର୍‌ବ୍ରିଜ ନିକଟରେ ପଡ଼ିଥିବା ସ୍ଥାନୀୟ ଅଞ୍ଚଳର କୃଷ୍ଣଚନ୍ଦ୍ର ନାଥ ଦେଖି ବଲରାମପ୍ରସାଦ ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ। ଅନୁଗୋଳ ରେଞ୍ଜ କର୍ମଚାରୀ ଏବଂ ମୋବାଇଲ ଭେଟେନାରୀ ୟୁନିଟ ପହଞ୍ଚି ପକ୍ଷୀକୁ ଉଦ୍ଧାର କରି ଚିକିତ୍ସା କରିଥିଲେ। ବର୍ତ୍ତମାନ ଅନୁଗୋଳ ରେଞ୍ଜ ଅଫିସରେ ପକ୍ଷୀଟି ରହିଛି। ସୁସ୍ଥ ହେବା ପରେ ତାକୁ ଛାଡ଼ି ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଉଦ୍ଧାର କାର୍ଯ୍ୟରେ ଫରେଷ୍ଟର ରଞ୍ଜନ ପ୍ରଧାନ, ଫରେଷ୍ଟ ଗାର୍ଡ ଲୁଲୁ ପ୍ରଧାନ, ଶଙ୍କର ଦାସ ଏବଂ ଭେଟେନାରୀ ଡାକ୍ତର ପିକେ ସିଂହ ସାମିଲ ଥିଲେ।



## ଖଣି କର୍ମଚାରୀଙ୍କ ପିତୃ ବିୟୋଗ

ତାଳଚେର,୧୮ ।୧୨(ସମିସ): ତାଳଚେର ପୌର ପରିଷଦ ୨ନମ୍ବର ୱାର୍ଡ ବ୍ରାହ୍ମଣ ଶାସନର ଲିଙ୍ଗରାଜ କୋଇଲା ଖଣି କର୍ମଚାରୀ ବୁଲୁ ମିଶ୍ରଙ୍କ ବାପା ମାଇନିଂ ଅଫିସର, ପୂର୍ବତନ ମୁଖ୍ୟ କିରାଣି ପୂର୍ଣ୍ଣଚନ୍ଦ୍ର ମିଶ୍ର (୯୫)ଙ୍କର ଗୁରବାର ପରଲୋକ ହୋଇଛି। ଏହି ଖବର ପ୍ରଚାରିତ ହେବାପରେ ତାଙ୍କ ବାସଭବନରେ ତାଳଚେର ନଗରପାଳ ପବିତ୍ର ଭୁତିଆ, ବିଜେପି ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, କାଉନସିଲର ଯଶୋବନ୍ତ ମିଶ୍ର, ଜିତେନ୍ଦ୍ର ଭୁତିଆ, ଲିଙ୍ଗରାଜ ସେକ୍ଟରର ଅଜିତ ମିଶ୍ର, ମାନସ ଭୁତିଆ, ରାଜେନ୍ଦ୍ର ଦାସ, ସ୍ୱାଧୀନ ସାହୁ, ଜିତେନ୍ଦ୍ର ରାଉତ, ଲିଙ୍ଗରାଜ ବେହେରା, ସୁଧୀର ରଞ୍ଜନ ବଳ, ସାମ୍ବାଦିକ ତ୍ରିଲୋଚନ ସ୍ୱାଇଁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏକମାତ୍ର ପୁଅ ବୁଲୁ ମିଶ୍ର ମୁଖାଗ୍ନି ଦେଇଥିଲେ।

## ଖୁଚୁରା ସାର ବ୍ୟବସାୟୀ ସଂଘର ବୈଠକ



ପାଲଲହଡ଼ା, ୧୮ ।୧୨ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡରେ ପାଲଲହଡ଼ା ଏଫପିଓ ଏବଂ ଇଫକୋ ସହାୟତାରେ ଖୁଚୁରା ସାର ବ୍ୟବସାୟୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅନୁଗୋଳ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉମାଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷି ସମ୍ବନ୍ଧୀୟ ଅନେକ ତଥ୍ୟ ପ୍ରଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ସୁନିତାରାଣୀ ସେଠୀ, ଆଗ୍ରୋ ଇଣ୍ଡଷ୍ଟ୍ରିଜର ନାରାୟଣ ସାହୁ, ଇଫକୋର ଶାନ୍ତିରଞ୍ଜନ ନାୟକ ଏବଂ କୃଷି ଅଧିକାରିଣୀ ପ୍ରଭାତି ରାମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପାଲଲହଡ଼ା ଏଫପିଓର ପରିଚାଳକ ଧର୍ମେନ୍ଦ୍ର ମହାନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ନଗିରା ଓ ବରଡିହରେ ବିଧାୟକଙ୍କ ସମୀକ୍ଷା ବୈଠକ



ପାଲଲହଡ଼ା,୧୮ ।୧୨(ସମିସ): ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ବୁଧବାର ନଗିରା ଏବଂ ବରଡିହ ପଞ୍ଚାୟତ ଗସ୍ତ କରି ବିଭିନ୍ନ ସରକାରୀ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ଦୁଇ ପଞ୍ଚାୟତର ଲୋକମାନେ ଯେପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେଥି ପ୍ରତି ଗୁରୁତ୍ୱ ଦେଇଥିଲେ ବିଧାୟକ। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, କୃଷି, ଜଳସେଚନ, ପାନୀୟଜଳ, ଆଲୋକୀକରଣ, ସୌର ଚାଳିତ ପ୍ରକଳ୍ପ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବନ୍ଧାଭୂଇଁ ସରକାରୀ ବାଳିକା ହାଇସ୍କୁଲ ପିଏମଶ୍ରୀ ନୂତନ ଭାଷା ପ୍ରୟୋଗଶାଳା ଗୃହ ପାଇଁ ବିଧାୟକ ମହାନ୍ତି ଭୂମିପୂଜନ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ମକା ମିସନର ସମୀକ୍ଷା କରି ନଗିରା ପଞ୍ଚାୟତରେ ମକାଚାଷ କରିଥିବା ଚାଷୀଙ୍କୁ ଭେଟିଥିଲେ। ମକା ମିସନକୁ କାର୍ଯ୍ୟକାରୀ କରୁଥିବା କାଷ୍ଟ ଏନ୍‌ଜିଓର କରୁଣାମୟ ପ୍ରଧାନ ଏବଂ ନବ କିଷାନ, ଏଫପିଓର ନିର୍ଦ୍ଦେଶକ ସୁକାନ୍ତ ଜେନା ଉପସ୍ଥିତ ରହି ବିଧାୟକଙ୍କୁ ସମସ୍ତ ସୂଚନା ପ୍ରଦାନ କରିଥିଲେ।

## ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ

କଣିହାଁ,୧୮ ।୧୨(ସମିସ): ଅନୁଗୋଳ ଜିଲ୍ଲା ରେଙ୍ଗାଳି ଥାନା ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ୯ ବର୍ଷର ନାବାଳିକାଙ୍କୁ ସେହି ଗ୍ରାମର ୨୦ ବର୍ଷୀୟ ଯୁବକ କରିଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ପାଲଲହଡ଼ା ଏସଡିପିଓ କୌଳାସ ଚନ୍ଦ୍ର ସେଠୀ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ ସହ ତଦନ୍ତ ଜାରି ରଖିଛନ୍ତି।

## ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ



କିଶୋରନଗର,୧୮ ।୧୨(ସମିସ): କିଶୋରନଗର ବ୍ଲକ ଆମ୍ବପାଳ ହାଇସ୍କୁଲରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ୨ ଦିନ ଧରି ବ୍ଲକସ୍ତରୀୟ ପ୍ରାଥମିକ ବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ କ୍ୱିଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମାଧ୍ୟମିକ ବିଦ୍ୟାଳୟସ୍ତରୀୟ କ୍ୱିଇଜ୍ ପ୍ରତିଯୋଗିତାର ଉଦଘାଟନୀ ଦିବସରେ ପ୍ରଧାନ ଶିକ୍ଷକ କୁମୁଦ ଚନ୍ଦ୍ର ପାଲଙ୍କ ସଭାପତିତ୍ୱ ରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସରୋଜ ସାହୁ, ଅନ୍ୟତମ ଅତିଥି ଭାବେ ଏବିଇଓ ଲକ୍ଷଣ ଦେହୁରୀ, ରମଣୀ ରଞ୍ଜନ ସାହୁ, ସମିତି ସଭ୍ୟା ଉର୍ମିଳା ସେଠୀ, ଯୋଗଦେଇ ଥିବା ବେଳେ ଏବିଇଓ ଲକ୍ଷ୍ମଣ ଦେହୁରୀ ଙ୍କ ସଭାପତିତ୍ୱ ରେ ମୁଖ୍ୟଅତିଥି ଭାବେ ତହସିଲଦାର ବିକ୍ରମ କେଶରୀ ନାୟକ, ମୁଖ୍ୟବକ୍ତା ଭାବେ ବିଇଓ ଅରୁଣ କୁମାର ସେଠୀ ଯୋଗଦେଇଥିଲେ। ଏଥିରେ ୨୪ଟି ବିଦ୍ୟାଳୟର ୫୦ ଛାତ୍ରଚାତ୍ରୀ ଭାଗ ନେଇଥିଲେ। ସେହିପରି ପ୍ରାଥମିକ ବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମର ଉଦଘାଟନୀ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ କୁମୁଦ ଚନ୍ଦ୍ର ପାଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟା ଅନୁପମା ସାହୁ, ମୁଖ୍ୟବକ୍ତା ଭାବେ ବିଆରସିସି ଜବାହରଲାଲ ପ୍ରଧାନ, ଅନ୍ୟତମ ଅତିଥି ଭାବେ ସରପଞ୍ଚ ସୁଲୋଚନା ବୀର, ଏବିଇଓ ଲକ୍ଷ୍ମଣ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡିଆଇଇଟି ଅଧ୍ୟକ୍ଷ ବିକ୍ରମ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ବିଇଓ ଅରୁଣ କୁମାର ସେଠୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୬୮ ବିଦ୍ୟାଳୟର ୧୫୦ ଛାତ୍ରଛାତ୍ରୀ ଭାଗନେଇଥିଲେ। ଗୋପାଳ ବେହେରା ଓ ଅଗସ୍ତି ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି।

## କିରୋସିନ ଢାଳି ମହିଳାଙ୍କୁ ପୋଡ଼ି ମାରିବା ଉଦ୍ୟମ

- ଶରୀର ୭୫ ପ୍ରତିଶତ ପୋଡ଼ିଯାଇଛି
- ସଙ୍କଟାପନ୍ନ ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ

ରାଜନଗର,୧୮ ।୧୨(ସମିସ): ତାଲଚୁଆ ସାମୁଦ୍ରିକ ଥାନା ଶୈଳେନ୍ଦ୍ରସରାଇ ଗ୍ରାମର ନିତାଇ ଖଟୁଆଙ୍କ ସ୍ତ୍ରୀ କବିତାଙ୍କୁ ସ୍ୱାମୀ, ଶାଶୂ, ଶଶୁରଙ୍କ ସହ ପରିବାରର ଅନ୍ୟ ସଦସ୍ୟମାନେ କିରୋସିନ ଢାଳି ପୋଡ଼ି ମାରିଦେବାକୁ ଉଦ୍ୟମ କରିଛନ୍ତି। କବିତାଙ୍କ ଚିତ୍କାର ଶୁଣି ପଡ଼ୋଶୀ ପହଞ୍ଚି ତାଙ୍କ ବାପଘରକୁ ଖବର ଦେବା ସହ ମେଡିକାଲରେ ଭର୍ତ୍ତି କରିଛନ୍ତି। କବିତାଙ୍କ ଶରୀରର ୭୫ ପ୍ରତିଶତ ପୋଡ଼ିଯାଇଛି। ଏବେ କଟକର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ପୁଲିସ କବିତାଙ୍କ ସ୍ୱାମୀ ନିତାଇ ଖଟୁଆ, ଶଶୁର ସୁନୀଲ ଖଟୁଆଙ୍କୁ ଗିରଫ କରିଛି। ଖାସମୁଣ୍ଡା ଗାଁର ଲକ୍ଷ୍ମଣ ଚନ୍ଦ୍ର ମଣ୍ଡଳଙ୍କ ସାନ ଝିଅ କବିତା (୨୨) ୪ ବର୍ଷ ପୂର୍ବେ ଶୈଳେନ୍ଦ୍ରସରାଇର ସୁନୀଲ ଖଟୁଆଙ୍କ ପୁଅ ନିତାଇଙ୍କୁ ବିବାହ କରିଥିଲେ। ବିବାହର ବର୍ଷକ ପରେ ସ୍ୱାମୀ, ଶାଶୂ, ଶାଶୁର ତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ବାରମ୍ବାର ଭଦ୍ରଲୋକ ବସି ସମାଧାନ କରିଥିଲେ। ଏପରିକି ଅଧିକାଂଶ ସମୟରେ କବିତାଙ୍କୁ ପରିବାର ଲୋକେ ଖାଇବାକୁ ଦେଉ ନ ଥିଲେ। ଗତ ୧୬ ତାରିଖ ଅପରାହ୍ନ ୩ଟାରେ ସ୍ୱାମୀ, ଶାଶୂ, ଶଶୁର ଓ ଦିଅର କବିତାଙ୍କୁ ମାଡ଼ ମାରିବା ସହ ତାଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। କବିତାଙ୍କ ଚିତ୍କାର ଶୁଣି ପଡ଼ୋଶୀ ଆସି ନିଆଁ ଲିଭାଇବା ସହ କବିତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, କବିତାଙ୍କର ୨ ବର୍ଷ ଓ ୩ ବର୍ଷର ଦୁଇ ସନ୍ତାନ ଅଛନ୍ତି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ରାଜନଗର,୧୮ ।୧୨(ସମିସ): ରାଜନଗର ବ୍ଲକ ବାଘତୈଳାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ର ଚତୁର୍ଥ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ରାଜନଗର ହାଇସ୍କୁଲ ପ୍ରଧାନଶିକ୍ଷକ ଜ୍ଞାନରଞ୍ଜନ ଛାଟୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅପରାହ୍ନରେ ବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦନ କୁମାର କବିଙ୍କ ପୌରୋହିତ୍ୟ ଏବଂ ଶିକ୍ଷୟିତ୍ରୀ ଦୁର୍ଗାଶ୍ରୀ ଷଡ଼ଙ୍ଗୀଙ୍କ ସଂଯୋଜନାରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଭାସ୍କର ରାଉତରାୟ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଶିକ୍ଷକ ଦେବାଶିଷ ସାହୁଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏଥିରେ ୩ ଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ରେଡ ହାଉସ୍ ପ୍ରତିଯୋଗୀମାନେ ଚାମ୍ପିଅନ ହୋଇଛନ୍ତି।

## ଜୟଦେବ ମହାପୁରୁଷ ମଠରେ ଶ୍ରଦ୍ଧାଞ୍ଜଳି ସଭା

ମହାକାଳପଡ଼ା,୧୮ ।୧୨(ସମିସ): ମହାକାଳପଡ଼ା ବ୍ଲକ୍ ଯଦୁପୁର ପଞ୍ଚାୟତ ଯଦୁପୁର ଗ୍ରାମସ୍ଥିତ ଶ୍ରୀ ଜୟଦେବ ମହାପୁରୁଷଙ୍କ ମଠରେ ଜଗତସିଂହପୁର ଜିଲ୍ଲା ଡିଙ୍କିଆ ନୂଆଗାଁ ମହାବୀର ମଠ ମହନ୍ତ ମହାରାଜ ବାବା ରାଜୀବଲୋଚନ ଦାସଙ୍କ ପିତା ଜନ୍ମେଜୟ ପରିଡ଼ାଙ୍କ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଦୁଇଦିନ ଧରି ଭଜନ, ଜଣାଣ, ପ୍ରାର୍ଥନା ଓ ପ୍ରବଚନ ଆୟୋଜନ କରାଯାଇଥିଲା। ଅଞ୍ଚଳବାସୀ ତଥା ଆଧ୍ୟାତ୍ମିକପ୍ରେମୀ ଭାଇଭଉଣୀ ଓ ବାବାଙ୍କ ଅନୁଗାମୀ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ସହାୟତା ନାଁରେ ଶାସ୍ତି ! କ୍ୟାନସର ରୋଗୀଙ୍କୁ ବ୍ୟାଙ୍କ ନୋଟିସ୍

କେନ୍ଦ୍ରାପଡ଼ା,୧୮ ।୧୨(ସମିସ)

କ୍ୟାନସର ରୋଗରେ ପୀଡ଼ିତ ହୋଇ ମରଣ ସହ ଲଢ଼େଇ କରୁଥିବା ଜଣେ ମହିଳାଙ୍କ ପାଇଁ ସରକାରୀ ସହାୟତା ଯେଉଁଠି ଜୀବନର ଆଶା ହେବା କଥା, ସେଇଠି ତାଙ୍କୁ ବ୍ୟାଙ୍କ ନୋଟିସ୍, ଧମକ ମିଳିଛି। କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ବ୍ରହ୍ମପୁର ଗ୍ରାମର କ୍ୟାନସର ପୀଡ଼ିତା କଳ୍ପନା ପଣ୍ଡାଙ୍କ କ୍ଷେତ୍ରରେ ଏହି ଘଟଣା ଘଟିଛି। ଗତ ସେପ୍ଟେମ୍ବର ୨୩ ତାରିଖ ସାମ୍ବାଦିକମାନଙ୍କ ହସ୍ତକ୍ଷେପ ପରେ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଜରିଆରେ ସିଏମଆରଏଫ୍ ତହବିଲରୁ କଳ୍ପନାଙ୍କୁ ୫୦ ହଜାର ଟଙ୍କା ସହାୟତା ମିଳିଥିଲା। ଏହି ଟଙ୍କା କୌଣସି "ଦାନ" ନୁହେଁ ଏହା ଜଣେ କ୍ୟାନସର ରୋଗୀଙ୍କ ଅଧିକାର। ସେହି ଟଙ୍କାରେ କଳ୍ପନାଙ୍କ ଚିକିତ୍ସା, ପରୀକ୍ଷା ଓ ଔଷଧ କିଣା ଚାଲିଥିଲା। ତେବେ ୩ ମାସ ପରେ ହଠାତ୍ ବ୍ୟାଙ୍କରୁ ନୋଟିସ୍ ଆସିଲା 'ଟଙ୍କା ଫେରାନ୍ତୁ, ନ ହେଲେ ଆକାଉଣ୍ଟ ବନ୍ଦ।' ଏହି ନୋଟିସ୍ କେବଳ କାଗଜ ନୁହେଁ, ଏହା ମୃତ୍ୟୁ ଶଯ୍ୟାରେ ପଡ଼ିଥିବା ଜଣେ ରୋଗୀଙ୍କ ଉପରେ ମାନସିକ ଆକ୍ରମଣ। ଅଭିଯୋଗ ଅନୁସାରେ, କଳ୍ପନାଙ୍କ ବଡ଼ପୁଅଙ୍କ ଆକାଉଣ୍ଟରେ ଥିବା ୪୧ ହଜାର ଟଙ୍କା ଜମା କରି କାଟି ନିଆଯାଇଛି। ଏହାଛଡ଼ା ସେଭିଂ ଆକାଉଣ୍ଟରେ ଥିବା ୩,୫୦୦ ଟଙ୍କାକୁ ମଧ୍ୟ ଶୂନ୍ୟ କରାଯାଇଛି। ପ୍ରଶ୍ନ ହେଉଛି ଆଇନ କହେ କି ଜଣେ ରୋଗୀଙ୍କ ପୁଅର ଆକାଉଣ୍ଟରୁ ଟଙ୍କା କାଟି ନେବାକୁ? ଶାଳୀକଣ୍ଠା ବ୍ୟାଙ୍କର ଉତ୍ତର ଆହୁରି ଆଶ୍ଚର୍ଯ୍ୟଜନକ। ଭୁଲରେ ୫ ହଜାର ବଦଳରେ ୫୦ ହଜାର ତୁମ ମା'ଙ୍କ ଆକାଉଣ୍ଟକୁ ଯାଇଛି ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଯଦି ଏହା ଭୁଲ, ତେବେ ଭୁଲ କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କାହିଁକି ନୁହେଁ? ଭୁଲର ଦଣ୍ଡ ଜଣେ କ୍ୟାନସର ରୋଗୀ କାହିଁକି ଭୋଗିବେ? ଅଭିଯୋଗ ଅନୁଯାୟୀ, କେନ୍ଦ୍ରାପଡ଼ା





**କାହାର ଭୁଲ, କିଏ ଦଣ୍ଡିତ**

ବଜାର ଏସବିଆଇ ବ୍ୟାଙ୍କର ନାଁ କହି ସରକାରୀ ସହାୟତା ବନ୍ଦ କରିଦେବା, ଥାନାରେ ଏତଲା ଦେଇ ଗିରଫ କରିବା ପର୍ଯ୍ୟନ୍ତ ଧମକ ଦିଆଯାଇଛି। ଏହି ଧମକ ଆଇନସମ୍ମତ ନା ଶକ୍ତିର ଅପବ୍ୟବହାର ତାହା ପ୍ରଶ୍ନବାଚୀ ସୃଷ୍ଟି କରିଚି। ଏହି ଅମାନବିକ ଚାପରେ କ୍ୟାନସର ପୀଡ଼ିତା କଳ୍ପନା ଗତ ୫ ଦିନ ଧରି ଖାଦ୍ୟପେୟ ଛାଡ଼ି ଦେଇଛନ୍ତି। ଏହା ରାଜ୍ୟ ପାଇଁ ଲଜ୍ଜାଜନକ ନୁହେଁ କି? ଭୁଲ କରିଥିବା ବ୍ୟାଙ୍କ କର୍ମଚାରୀ ସୁରକ୍ଷିତ, ରୋଗୀ ଦଣ୍ଡିତ ଏହା କେଉଁ ନ୍ୟାୟ? ଏନେଇ ପୁଅ ରମାକାନ୍ତ ପଣ୍ଡା ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଆରବିଆଇ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ଘଟଣାର ତଦନ୍ତ, ଦୋଷୀଙ୍କୁ ଚିହ୍ନଟ ଓ ରୋଗୀଙ୍କୁ ମାନସିକ ଆର୍ଥିକ ସୁରକ୍ଷା ଦାବି କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା ସରକାର କ୍ୟାନସର ରୋଗୀଙ୍କ ପକ୍ଷରେ ଠିଆ ହେବେ ନା ବ୍ୟାଙ୍କ ଭୁଲକୁ ଘଣ୍ଟ ଘୋଡ଼ାଇବେ।

### କେନ୍ଦ୍ରାପଡ଼ାରେ 'ଲଭ୍ ଜିହାଦ' !

## ପ୍ରେମ ଜାଲରେ ଫସାଇ ଯୁବତୀଙ୍କୁ ହାଇଦରାବାଦରେ ବିକ୍ରି

କେନ୍ଦ୍ରାପଡ଼ା,୧୮ ।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ "ଲଭ୍ ଜିହାଦ' ଭଳି ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଟାଉନ୍ ଥାନା ନସଡ଼ିପୁର ଗ୍ରାମର ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବିରୋଧରେ ଏହି ଅଭିଯୋଗ ଆଣି କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀ ସଇଜୁଦ୍ଦିନ୍ ଭଲପାଇବା ନାମରେ ଭିନ୍ନ ସମ୍ପ୍ରଦାୟର ଯୁବତୀମାନଙ୍କୁ ପ୍ରଲୋଭିତ କରି ବିବାହ କରୁଥିଲେ। ପ୍ରାୟ ଏକ ବର୍ଷ ପୂର୍ବେ ସାଲେପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିଥିବା ବେଳେ ଏହି ବିବାହ ପାଇଁ ତାଙ୍କୁ ଏକ ଅନୁଷ୍ଠାନ ପକ୍ଷରୁ ୧୦ ଲକ୍ଷ ଟଙ୍କା ମିଳିଛି। ପରେ କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ନାଗପୁରା ଅଞ୍ଚଳର ଅନ୍ୟ ଜଣେ ଯୁବତୀଙ୍କୁ ପ୍ରେମଜାଲରେ ଫସାଇ ବିବାହ କରିଛନ୍ତି। ଏହି ବିବାହ ବାବଦରେ ମଧ୍ୟ ୧୦ ଲକ୍ଷ ଟଙ୍କା ପାଇଛନ୍ତି। ବିବାହ କରିଥିବା ଜଣେ ଯୁବତୀଙ୍କୁ ସଇଜୁଦ୍ଦିନ ହାଇଦରାବାଦ ନେଇ ସେଠାରେ ବିକ୍ରି କରିଦେଇଥିବା ସନ୍ଦେହ ରହିଛି ବୋଲି ମହିଳା ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି।

ଏ ସଂକ୍ରାନ୍ତରେ ଥାନା ଅଧିକାରୀ ଦିଲୀପ କୁମାର ସାହୁ କହିଛନ୍ତି ଯେ ଅଭିଯୋଗ ପରେ ସଇଜୁଦ୍ଦିନ୍ ନାମରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଛି। ସେ ଫେରାର ହୋଇଯାଇଛନ୍ତି। ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସାହୁ କହିଛନ୍ତି। ଏସ୍‌ପି ସିଦ୍ଧାର୍ଥ କଟାରିଆ କହିଛନ୍ତି ଯେ ମହିଳାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ଏକ ପୁଲିସ ଟିମ୍ ହାଇଦରାବାଦ ଯାଇ ତଥ୍ୟ ସଂଗ୍ରହ କରୁଛି। ଏପଟେ ଏହି ଘଟଣାକୁ ନେଇ ସଂଖ୍ୟାଲଘୁ ସମ୍ପ୍ରଦାୟ ନେତା ସଲିମ୍ ଖାନ୍ କହିଛନ୍ତି ଯେ କୋରାନର କୌଣସି ସ୍ଥାନରେ ଅନ୍ୟାୟ, ବହୁ ବିବାହ ବା ଅର୍ଥ ପାଇଁ ବିବାହ କରିବାର ସମର୍ଥନ ନାହିଁ। ଯଦି ଏହି ଅଭିଯୋଗ ସତ୍ୟ ତେବେ ଏହା ନିନ୍ଦନୀୟ ଓ ଏହାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ସେ କହିଛନ୍ତି।

### ● ବିଜୁ ପକ୍କାଘର ପାଇଁ ୧୦ହଜାର ଦେଇ ବିଫଳ

## ଟଙ୍କା ଫେରସ୍ତ ମାଗିବାରୁ ହତ୍ୟା ଧମକ

ମାର୍ଶାଘାଇ,୧୮।୧୨(ସମିସ): ମାର୍ଶାଘାଇ ବ୍ଲକ କରିଲୋପାଟଣା ପଞ୍ଚାୟତ ରାଏଚାନ୍ଦ ଗ୍ରାମର ଭିନ୍ନକ୍ଷମ ବାବାଜୀ ଦାସ (୫୫)ଙ୍କର ବିଜୁ ପକ୍କାଘର କରିଦେବାକୁ କହି ପୂର୍ବତନ ସରପଞ୍ଚ ଭାଗ୍ୟଶ୍ରୀ ରାଉତରାୟଙ୍କ ସ୍ୱାମୀ ଦୀପକ ରାଉତରାୟ ୨୦୧୬ରେ ୧୦ ହଜାର ଟଙ୍କା ନେଇଥିଲେ। ବାବାଜୀ କରଜ ସୂତ୍ରରେ ଟଙ୍କା ଆଣି ଦୀପକଙ୍କୁ ଦେଇଥିଲେ। ହେଲେ ଇତିମଧ୍ୟରେ ୧୦ବର୍ଷ ବିତିବାକୁ ବସିଥିଲେ ମଧ୍ୟ ବାବାଜୀଙ୍କୁ ଘର ମିଳିଲାନାହିଁ। ଟଙ୍କା ଫେରସ୍ତ ପାଇଁ ବାବାଜୀ ଦୀପକଙ୍କ ଘରକୁ ବାରମ୍ବାର ଦୌଡ଼ୁଥିଲେ ମଧ୍ୟ ସେ ଶୁଣୁନାହାନ୍ତି। ଆଜି ଦେବି କାଲି ଦେବି କହି ଶେଷରେ ଡିସେମ୍ବର ୧୦ରେ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ନିରାଶ କଲେ। ଏପରିକି ପୂର୍ବତନ ସରପଞ୍ଚ ତାଙ୍କ ସ୍ୱାମୀ ପୂର୍ବତନ ସମିତିସଭ୍ୟ ଦୀପକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ଦୀପକ ବାବାଜୀଙ୍କୁ ତଣ୍ଟିଆ ମାରି ତଡ଼ିଦେଇଥିଲେ। ପୁନର୍ବାର ଟଙ୍କା ମାଗିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିବା ବାବାଜୀ କୁଦାନଗରୀ ଥାନା ଏବଂ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏନେଇ କୁଦାନଗରୀ ଥାନା ଅଧିକାରୀ ଅରବିନ୍ଦ ଶରଣ ମହାନ୍ତି କହିଛନ୍ତି ଯେ ଏତଲା ଆଧାରରେ ତଦନ୍ତ ଆରମ୍ଭ ହୋଇଛି। ଆଇନ ଅନୁଯାୟୀ କାର୍ଯାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ସରପଞ୍ଚ ସଂଘ ପକ୍ଷରୁ ବେଳାଭୂମି ସଫେଇ

ରାଜନଗର,୧୮ ।୧୨(ସମିସ): ରାଜନଗର ବ୍ଲକ ସରପଞ୍ଚ ସଙ୍ଘ ପକ୍ଷରୁ ପେଣ୍ଠ ବେଳାଭୂମି ସଫେଇ କରାଯାଇଛି। ଆଗକୁ ନୂଆବର୍ଷ ଓ ବଡ଼ଦିନ ଆସୁଥିବାରୁ ପର୍ଯ୍ୟଟକମାନେ ପେଣ୍ଠ ଆସି ବଣଭୋଜି କରି ବେଳାଭୂମିର ମଜା ନେବେ। ତାହା ପୂର୍ବରୁ ସରପଞ୍ଚ ସଙ୍ଘର ଏ ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି କୁହାଯାଇଛି। ଏହି ସଫେଇ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବିଡିଓ ତିଲୋତ୍ତମା ପୃଷ୍ଟି, ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡ଼ିଆ, ସରପଞ୍ଚ ସଙ୍ଘ ସଭାପତି ଅଶୋକ ମହାନ୍ତି, ସରପଞ୍ଚ ନିରଞ୍ଜନ ରାଉତ, ସସ୍ମିତା ମହାନ୍ତି, ସଙ୍ଗୀତା ମହାପାତ୍ର, ଶୈଳେନ୍ଦ୍ର ମିଶ୍ର, ଇତିଶ୍ରୀ ମହାପାତ୍ର, ରାଣୀମଞ୍ଜରୀ ସେଠୀ, ବୀଣାପାଣି ପ୍ରଧାନ, ଚିତ୍ତରଞ୍ଜନ ପଣ୍ଡା, ନନ୍ଦ ଦୁଲାଲ ପରିଡ଼ା, ସମୀର ସେଠୀ, ହେମଲତା ମାହୁନ୍ତ, ତାପସ ସାହୁ, ପ୍ରତିମା ମହାନ୍ତି, ଉତ୍ତମା ସେଠୀ, ବରିଷ୍ଠ ନେତା ଦେବେନ୍ଦ୍ର ଜେନା, କୈଳାସ ପରିଡ଼ା, ଦିଲୀପ ପାତ୍ର, ରଞ୍ଜନ ମହାନ୍ତି, ରମଣୀ ରଞ୍ଜନ ମହାପାତ୍ର, ଆର୍ତ୍ତବନ୍ଧୁ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

## ସରକାରୀ ଜମି ଜବରଦଖଲ ନେଇ ଉତ୍ତେଜନା

ରାଜନଗର,୧୮ ।୧୨(ସମିସ): ରାଜନଗର ତହସିଲ ଅନ୍ତର୍ଗତ ମହୁଲିଆ ପଞ୍ଚାୟତ ରାଜଗଡ ଗାଁରେ ସରକାରୀ ଜମି ଜଳାଶୟ ଜବରଦଖଲକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ରାଜନଗର ତହସିଲଦାରଙ୍କ ନିକଟରେ ଗ୍ରାମବାସୀ ଏନେଇ ଅଭିଯୋଗ କରିବା ସହିତ ଜବରଦଖଲ ଉଚ୍ଛେଦ କରିବା ପାଇଁ ଦାବି କରିଛନ୍ତି। ଅଭିଯୋଗ ମୁତାବକ ନଦୀ ଗ୍ରାସରେ ଘର ଜମି ହରାଇଥିବା ୨୮ ପରିବାରକୁ ରାଜଗଡ ଗ୍ରାମରେ ୪ ଡେସିମିଲ ଲେଖାଏଁ ଜମି ପ୍ରଦାନ କରାଯାଇଥିଲା। କିଛି ଲୋକ ଏହି ପଞ୍ଚାୟତର ଅର୍ଜୁନୀ ଜୋର (କେନାଲ ) କୁ ଅବରୋଧ କରିଛନ୍ତି। ଜୋରର ଦୁଇ ପାଶ୍ର୍?ରେ କଦଳୀ ଗଛ ପକାଇ ଚାଷୀଙ୍କ ଯିବା ଆସିବା ବାଟ ମଧ୍ୟ ବନ୍ଦ କରିଦେଇଛନ୍ତି। ଏହି ଅବରୋଧ ଫଳରେ କେନାଲରେ ପାଣି ମଧ୍ୟ ଚାଷୀ ଆଉ ପାଇ ପାରୁନାହାନ୍ତି। ଏହି କେନାଲ ଉପରେ ମହୁଲିଆ ପଞ୍ଚାୟତ ପକ୍ଷରୁ କଲଭର୍ଟ ନିର୍ମାଣ ପାଇଁ ଅର୍ଥ ଆସିଥିଲେ ମଧ୍ୟ ଜବରଦଖଲ ଯୋଗୁ କଲଭର୍ଟ ନିର୍ମାଣ ହୋଇପାରୁନି। ଏହି ଗାଁରେ ଥିବା ଖାତା ନମ୍ବର ୨୫୪, ପ୍ଲଟ ନମ୍ବର ୭୦୩ କିସମ ଗ୍ରାମ୍ୟ ଜଙ୍ଗଲ ଓ ପ୍ଲଟ ନମ୍ବର ୭୦୪ କିସମ ଜଳାଶୟକୁ ଜବରଦଖଲ କରିବା ଯୋଗୁ ଗାଁର ମୂଳ ଅଧିବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ କିଛି ଅସମାଜିକ ବ୍ୟକ୍ତି ଧମକ ଚମକ ଦେବା ଦ୍?ାରା ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ତୁରନ୍ତ ଜବରଦଖଲ ଉଚ୍ଛେଦ କରି ଗାଁରେ ଶାନ୍ତି ଫେରାଇ ଆଣିବାକୁ ଗ୍ରାମବାସୀ ତହସିଲଦାରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି ।

## ରେଳଲାଇନ୍‌ରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଡେରାବିଶ,୧୮ ।୧୨(ସମିସ): ରେଳବାଇ ପୁଲିସ୍ ଗୁରୁବାର ଡେରାବିଶ ଥାନା ଗୋଲରାହାଟ ପଞ୍ଚାୟତ ପଣ୍ଡିତପାଟଣା ଗ୍ରାମର ରବିନାରାୟଣ କରଙ୍କ ପୁଅ ନିତାଇ (୩୫)ଙ୍କ ମୃତଦେହ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା କୃଷ୍ଣଦାସପୁର ନିକଟ ରତ୍ନଗିରି ରେଳଷ୍ଟେସନ୍ ନିକଟ ରେଳଲାଇନରୁ ଉଦ୍ଧାର କରିଛି। ନିତାଇ ବାଙ୍ଗାଲୋରର ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ତିନିଦିନ ତଳେ ସେ ଘରକୁ ଫେରି ନ ଥିବା ତାଙ୍କ ସ୍ତ୍ରୀ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକଙ୍କ ପରାମର୍ଶ କ୍ରମେ ତାଙ୍କ ସ୍ତ୍ରୀ ବାଙ୍ଗାଲୋରରେ ରହୁଥିବା ଅଞ୍ଚଳର ଥାନାରେ ନିଖୋଜ ଅଭିଯୋଗ ରୁଜୁ କରିଥିଲେ। ମାତ୍ର ଗୁରୁବାର ଅପରାହ୍ନରେ ରତ୍ନଗିରି ଷ୍ଟେସନ୍‌ରୁ ୧୦୦ ମିଟର ଦୂର



ରେଳଲାଇନ୍‌ରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପୁଲିସ୍ ମୃତକଙ୍କ ପରିଚୟ ପାଇ ସେ ଡେରାବିଶ ଥାନା ନିତାଇ ବୋଲି ସ୍ପଷ୍ଟ ହେବାପରେ ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପୁଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ କିଭଳି ଓ କେଉଁ ପରିସ୍ଥିତିରେ ନିତାଇଙ୍କ ମୃତ୍ୟୁ ହେଲା ସେ ନେଇ ପରିବାର ଲୋକ ସନ୍ଦେହରେ ଅଛନ୍ତି।

## କାର୍ ଧକ୍କାରେ ବାଇକ ଆରୋହୀ ଗୁରୁତର

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୧୮ ।୧୨(ସମିସ): ପଟ୍ଟାମୁଣ୍ଡାଇ ଧୋୟାଅଞ୍ଚଳକୁ ସଂଯୋଗ କରୁଥିବା ନାହିଆଡିଆ ସେତୁ ନିକଟରେ କାର ଓ ବାଇକ ମୁହାଁମୁହିଁ ଧକ୍କା ହେବାରୁ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କୁଳସାହି ଗ୍ରାମର ଶୁଭେନ୍ଦୁ ମଳିକ। ଶୁଭେନ୍ଦୁ ରାଜମିସ୍ତ୍ରି କାମ କରନ୍ତି। ଗୁରୁବାର ଅପରାହ୍ନ ୫ଟାରେ ବାଇକ୍ ଯୋଗେ ସେ କାମରୁ ଫେରୁଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା କାର ବାଇକ୍‌କୁ ଧକ୍କାଦେଇ ଶୁଭେନ୍ଦୁଙ୍କ ଉପରେ ମାଡ଼ିଯାଇଥିଲା। ଶୁଭେନ୍ଦୁ କାର ତଳେ ଚାପି ହୋଇ ରହିଯାଇଥିଲେ। କାରର ଚେଚିସ ଓ ବଡିକୁ କଟରରେ କାଟି ତାଙ୍କୁ ଉଦ୍ଧାର କରାଯିବା ପରେ ପଟ୍ଟାମୁଣ୍ଡାଇ ମେଡିକାଲ ନିଆଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଉକ୍ତ କାର୍ ସାଇକଲରେ ଯାଉଥିବା ସ୍ଥାନୀୟ ଅଞ୍ଚଳର ଚନ ସେଠୀଙ୍କୁ ମଧ୍ୟ ଧକ୍କା ଦେଇଥିଲା। ଫଳରେ ସାଇକଲ ଛିଟିକି ଯାଇ ଏକ ଗଛରେ ଲାଗିଥିବା ଦେଖିବାକୁ ମିଳିଛି। ସୌଭାଗ୍ୟବସତ ଚନଙ୍କର ବିଶେଷ କ୍ଷତି ହୋଇ ନାହିଁ। ଦୁର୍ଘଟଣା ଘଟାଇ କାର ଚାଳକ ଫେରାର ହୋଇଯାଇଛନ୍ତି। ଚଉଦକୁଳାଟ ଫାଣ୍ଡି ପୁଲିସ କାର ଜବତ କରି ତଦନ୍ତ ଚଳାଇଛି।

## ବିଭିନ୍ନ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ପଞ୍ଚୁପାଣ୍ଡବ,୧୮ ।୧୨(ସମିସ)

ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ରାମଚଣ୍ଡୀ ନିକେତନ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ସିଆରସିସି ତ୍ରିଲୋଚନ ମଲ୍ଲିକ, ସରପଞ୍ଚ ରଜନୀ ମଳିକ, ପରିଚାଳନା କମିଟି ସଭାପତି ଭାଗବତ ମଲ୍ଲିକ ଯୋଗଦେଇଥିଲେ। ଶିକ୍ଷକ ସତ୍ୟରାମ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ପ୍ରତିଜ୍ଞା ପରିଡ଼ା କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ।

**ରାଜନଗର:** ରାଜନଗର ବ୍ଲକ ମହିଷାସୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ମହିଷାସୁର ସରପଞ୍ଚ ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର କୋଷାଧ୍ୟକ୍ଷ ସଞ୍ଜୟ କୁମାର ବାଗ, ଆଇନଜୀବୀ ଦେବଦତ୍ତ ସେଠୀ ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ସୁଲେଖ ବାରିକ ଧନ୍ୟବାଦ



ରାଜନଗର

ଦେଇଥିଲେ। ବିଭୂତି ଲେଙ୍କା, କୈଳାସ ଜେନା, ସ୍ୱପ୍ନାରାଣୀ ସାହୁ, ଶୁଭଶ୍ରୀ ଲେଙ୍କା, କବିତା ବାରିକ, ପ୍ରଣତି ସ୍ୱାଇଁ, ଜୋତିର୍ମୟୀ ସାହୁ, ସୁଦୀପ୍ତ ନାୟକ ସହଯୋଗ କରିଥିଲେ।

**ମହାକାଳପଡ଼ା:** ମହାକାଳପଡ଼ା ବ୍ଲକ ରାଜଗଡ଼ ପଞ୍ଚାୟତ ବିଦ୍ୟାଳୟର ୪୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି। ପ୍ରଧାନଶିକ୍ଷକ ଅଭୟ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ସରପଞ୍ଚ ମମତା ସାମଲ ମୁଖ୍ୟଅତିଥି, ନନ୍ଦିଘୋଷ ଟିଭିର ପ୍ରତିନିଧି ନୟନମଣି ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ମମତା ସାମଲ, ମୁଖ୍ୟବକ୍ତା ଭାବେ ରାଜ୍ୟ ଓଷ୍ଟା ସଂଘ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ପଦ୍ମନାଭ ପ୍ରତିହାରୀ, ସିଆରସିସି ନୀଳେନ୍ଦ୍ରି ପାଇଟାଳ ଯୋଗଦେଇଥିଲେ। ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ପ୍ରକାଶିନୀ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଶୈଳଜା ମହନ୍ତ, ସ୍ନିଗ୍ଧାମୟୀ ରାଉତ, ମନସ୍ୱିନୀ ରାଉଳ, ପବିତ୍ର କୁମାର ରାଉଳ, ଅଜିତା ମହାପାତ୍ର, ଜୁନିଅର ଆସିଷ୍ଟାଣ୍ଟ ଅଶ୍ରୁମୋଚନ ବେହେରା, ଗୌତମ ଦାସ, ଶୋଭାରାଣୀ ପ୍ରତିହାରୀ ସହଯୋଗ କରିଥିଲେ। ପରିଚାଳନା କମିଟି ସଭାପତି, ସମ୍ପାଦକ ଓ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।




ସକାଳ
THE SAKALA

# ସମ୍ପାଦକୀୟ



ଯେତେବେଳେ କୃତ୍ରିମ ବୁଦ୍ଧିମତ୍ତା ସମ୍ପୂର୍ଣ୍ଣ ବିକଶିତ ହୋଇଯିବ ସେତେବେଳେ ମଣିଷମାନଙ୍କ ମଧ୍ୟରେ ପ୍ରତିଯୋଗିତାର ଆସ୍ପର୍ଦ୍ଧା ସମାପ୍ତ ହୋଇଯିବ।
-ଷ୍ଟିଫେନ୍ ହକିଂ

## ପାକିସ୍ତାନ ରାସ୍ତାରେ ବାଂଲାଦେଶ

କିଛିଦିନର ନିରବତା ପରେ ଏବେ ପୁଣି ବାଂଲାଦେଶରେ ହିନ୍ଦୁ-ବିରୋଧୀ ଆନ୍ଦୋଳନ ତେଜିଛି। ହିନ୍ଦୁ-ଭାରତ ବିଦ୍ୱେଷକୁ ରାଜନୈତିକ ପ୍ରସଙ୍ଗ କଲେ ରାଷ୍ଟ୍ର ଓ ରାଷ୍ଟ୍ରବାସୀଙ୍କ ଭବିଷ୍ୟତ କ'ଣ ହୋଇପାରେ ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ପାକିସ୍ତାନ। ଏଥିରୁ କିଛି ଶିଖିବା ବଦଳରେ ବାଂଲାଦେଶ ପାକିସ୍ତାନର ପଦାଙ୍କ ଅନୁସରଣ କରୁଛି।

ବାଂଲାଦେଶରେ ଗଣତାନ୍ତ୍ରିକ ଶାସନ ଏବଂ ବର୍ତ୍ତମାନର କାମଚଳା ଧର୍ମାନ୍ଧ ଅବଦମିତ ସରକାରର ଶାସନରେ ଅର୍ଥନୀତିର ଏକ ତୁଳନାତ୍ମକ ଚିତ୍ର ଦେଖିଲେ ବାଂଲାଦେଶର ଗତି ଓ ଭବିଷ୍ୟତ ସମ୍ପର୍କରେ ଏକ ସ୍ଥୂଳ ଧାରଣା ସୃଷ୍ଟି ହେବ। ଶେଖ୍ ହସିନାଙ୍କ ଶାସନ କାଳରେ ଭାରତ-ବାଂଲା ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୬୦୦% ବୃଦ୍ଧି ଘଟିଥିବା ବେଳେ ୨୦୨୩ରେ ଅର୍ଥନୈତିକ ଅଭିବୃଦ୍ଧି ହାର ଥିଲା ୬.୧%। ଅର୍ଥନୀତିରେ ନୋବେଲ୍ ପୁରସ୍କାର ପ୍ରାପ୍ତ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଏବେ ସେଠାରେ ଚାଲିଥିବା କାମଚଳା ସରକାରରେ ୨୦୨୫ ସୁଦ୍ଧା ଏହି ହାର ପାଖାପାଖି ୩% କୁ ହ୍ରାସ ପାଇଛି। ମୁଦ୍ରାସ୍ଫୀତି ହାର ପୂର୍ବର ୫. ୬% ରୁ ଏବେ ୧୦.୮୭ %ବୃଦ୍ଧି ପାଇଛି। ଗତ ବର୍ଷକ ମଧ୍ୟରେ ୨୧ ଲକ୍ଷ ଛଟେଇ ହୋଇଛି, ୩ କୋଟି ୨୦ ଲକ୍ଷ ଯୁବକ ବେରୋଜଗାର ହୋଇପଡ଼ିଛନ୍ତି। ଚଳିତ ବର୍ଷ ଶେଷ ସୁଦ୍ଧା ଆଉ ୩୦ ଲକ୍ଷ ବାଂଲାଦେଶୀ ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲିଯିବେ ବୋଲି ବିଶ୍ୱ ବ୍ୟାଙ୍କ ଆକଳନ କରିଛି।

୧୯୭୧ରେ ଭାରତର ପ୍ରତ୍ୟକ୍ଷ ସାମରିକ ସମର୍ଥନ ଓ ଭାରତୀୟ ଯବାନ୍‌ଙ୍କ ବଳିଦାନରେ ପାକିସ୍ତାନଠାରୁ ବିଚ୍ଛିନ୍ନ ହୋଇ ଜନ୍ମ ନେଇଥିବା ବାଂଲାଦେଶ ଏବେ ଭାରତ ବିରୋଧରେ ହିଁ ଷଡ଼ଯନ୍ତ୍ର ରଚନା କରୁଛି। ଗତବର୍ଷ ଅଗଷ୍ଟ ମାସରେ ସେଠାକାର କାମଚଳା ସରକାର ମୌଳବାଦୀ ସଂଗଠନ 'ଜମାତ୍ ଏ ଇସ୍‌ଲାମ୍' ଏବଂ ଏହାର ଛାତ୍ରସଂଗଠନ 'ଇସ୍‌ଲାମୀ ଛାତ୍ର ଶିବିର' ଉପରେ ଥିବା କଟକଣା ହଟାଇ ଦେବା ପରେ ଭାରତ ଓ ହିନ୍ଦୁ ବିରୋଧୀ ବିଦ୍ୱେଷ ଅଧିକ ହୋଇଛି ଏବଂ ବିକାଶର ଗତି ବାଧାପ୍ରାପ୍ତ ହୋଇଛି। ୨୦୨୪ ଅଗଷ୍ଟ ୪ ରୁ ୨୦ ତାରିଖ ମଧ୍ୟରେ ୨, ୦୧୦ଟି ହିନ୍ଦୁ ଓ ସଂଖ୍ୟାଲଘୁ ବିରୋଧୀ ହିଂସା ସଂଘଟିତ ହୋଇଥିଲା। କାମଚଳା ସରକାର ଏହାକୁ ନିୟନ୍ତ୍ରଣ କରିବା ବଦଳରେ ନିରବ ପ୍ରୋତ୍ସାହନ ଦେଉଥିବାରୁ ଧର୍ମାନ୍ଧ ମୌଳବାଦୀଙ୍କ ଭାରତ ବିଦ୍ୱେଷ ବଢ଼ିବାରେ ଲାଗିଛି। ମନେ ହେଉଛି ବାଂଲାଦେଶ(ତତ୍କାଳୀନ ପୂର୍ବ ପାକିସ୍ତାନ) ତତ୍କାଳୀନ ପଶ୍ଚିମ ପାକିସ୍ତାନୀ ସେନାର ବର୍ବରତା, ନୃଶଂସତା ଓ ଅତ୍ୟାଚାର ଖୁବ୍ ଶୀଘ୍ର ପାସୋରି ପକାଇଛି।

ପାକିସ୍ତାନ ରାସ୍ତାରେ ଯାଉଥିବା ବାଂଲାଦେଶର ଭବିଷ୍ୟତ ଉଜ୍ଜ୍ୱଳ ନୁହେଁ, ଏହା ନିଶ୍ଚିତ। ଯଦି ନିଜ ଗୋଡ଼ କୁରାଢ଼ିରେ ମାରିବା ଭଳି ମାନସିକତା କେହି ଜଣେ ପୋଷଣ କରେ ତେବେ ତା'କୁ ନିବୃତ କିଏ ଓ କାହିଁକି କରିବ? କିନ୍ତୁ ଏହାସହିତ ଭାରତର ଶାନ୍ତି ଓ ସାର୍ବଭୌମତ୍ୱ ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଯୋଡ଼ି ହୋଇଥିବାରୁ ଭାରତ ପାଇଁ ଆହ୍ୱାନ ସୃଷ୍ଟି କରିଛି। ବାଂଲାଦେଶରେ ସଂଖ୍ୟାଲଘୁ ବିଦ୍ୱେଷ ଅଧିକ ଉଗ୍ର ହେଲେ ଭାରତ ପୁଣି ଥରେ ୧୯୭୨ ଭଳି ଅନୁପ୍ରବେଶ ସ୍ଥିତିର ସାମ୍ନା କରିପାରେ। ଏବେ ଭାରତରେ ବାଂଲାଦେଶୀ ହଟାଅ ଅଭିଯାନ ଆରମ୍ଭ ହୋଇଥିବାରୁ ତାହାର ପ୍ରତିଫଳନ ବାଂଲାଦେଶରେ ହିନ୍ଦୁ ବିଦ୍ୱେଷୀ ହିଂସାରେ ରୂପାନ୍ତରିତ ହୋଇଥିବା ଅଭିଯୋଗ ହେଉଛି। ଏଣୁ କେନ୍ଦ୍ର ସରକାରଙ୍କ ଆଗରେ ଏବେ ବହୁମୁଖୀ ଆହ୍ୱାନ ସୃଷ୍ଟି ହୋଇଛି।

ବାଂଲାଦେଶ ଭାରତର ସର୍ବବୃହତ୍ ଭୂସଂଲଗ୍ନ ପଡ଼ୋଶୀ। ସେଠାରେ ବୁଣା ଯାଇସାରିଥିବା ଭାରତ-ବିରୋଧୀ ଆଭିମୁଖ୍ୟର ମଞ୍ଜି ଦ୍ରୁମ ରୂପ ନେବା ପୂର୍ବରୁ ଭାରତ ପକ୍ଷରୁ କୂଟନୈତିକ-କୀଟନାଶକର ପ୍ରୟୋଗ ଜରୁରୀ। ତା' ନ ହେଲେ ପଶ୍ଚିମରେ ଆମେରିକା ସମର୍ଥିତ ପାକିସ୍ତାନ ଏବଂ ପୂର୍ବରେ ଚୀନ୍ ସମର୍ଥିତ ବାଂଲାଦେଶର ଷଣ୍ଢୁଆସୀ ଆକ୍ରମଣର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ। ●

## ପ୍ଲାଷ୍ଟିକ୍‌ମୁକ୍ତ ବେଳାଭୂମି

ବେଳାଭୂମିରେ ପ୍ଲାଷ୍ଟିକ୍ ପ୍ରଦୂଷଣ କେବଳ ଏକ ପାରିବେଶିକ ସମସ୍ୟା ନୁହେଁ, ଏଥିରେ ଅର୍ଥନୀତି ମଧ୍ୟ ଯୋଡ଼ି ହୋଇ ରହିଛି। ସମ୍ପ୍ରତି ବିଶ୍ୱରେ ସମୁଦ୍ର ଓ ବେଳାଭୂମିରେ ୧୯ କୋଟି ୯୦ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ପଡ଼ି ରହିଛି ଏବଂ ବର୍ଷକୁ ପ୍ରାୟ ଅଢ଼େଇ କୋଟି ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସମୁଦ୍ର ଭିତରକୁ ଯାଉଛି। ଏହାଦ୍ୱାରା ବାର୍ଷିକ ୧୩୦୦ କୋଟି ଡଲାର କ୍ଷତି ହେଉଛି। ୨୦୪୦ ସୁଦ୍ଧା ଏହା ତିନିଗୁଣା ହାରରେ ବୃଦ୍ଧି ଘଟିବ ବୋଲି ଜାତିସଂଘର ପରିବେଶ ବିଭାଗ ଆକଳନ କରିଛି। ଏ ବିଷୟରେ ସମସ୍ତେ ଜ୍ଞାତ ଥିଲେ ହିଁ ସୁଧାରରେ ଆନ୍ତରିକତା ଅଭାବରୁ ସମସ୍ୟା ବଢ଼ି ଚାଲିଛି।

ନରୱେର ଏକ ଉପଦ୍ୱୀପ ଏ ଦିଗରେ ସକାରାତ୍ମକ ଉଦ୍ୟମ କରି ବେଳାଭୂମିରେ ପ୍ଲାଷ୍ଟିକ୍ ଓ ମାଇକ୍ରୋପ୍ଲାଷ୍ଟିକ୍ ପ୍ରଦୂଷଣକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିପାରିଛି। ଭାରତ ମଧ୍ୟ ବେଳାଭୂମି ପ୍ଲାଷ୍ଟିକ୍ ପ୍ରଦୂଷଣରେ ବିଶ୍ୱରେ ଏକ ଅଲୋଡ଼ା ରେକର୍ଡର ଅଧିକାରୀ। ସୁଖର ବିଷୟ ଭାରତ ଏ ଦିଗରେ ନରୱେ ସହଯୋଗରେ ବେଳାଭୂମିକୁ ପ୍ଲାଷ୍ଟିକ୍ ପ୍ରଦୂଷଣ ମୁକ୍ତ କରିବାକୁ ଯୋଜନା ପ୍ରସ୍ତୁତ କରୁଛି। ନିକଟରେ ମୁମ୍ବାଇଠାରେ ଅନୁଷ୍ଠିତ 'ଭାରତ-ନରୱେ ପ୍ରଦୂଷଣ ଓ ପ୍ଲାଷ୍ଟିକ୍ ବର୍ଜ୍ୟ ମଞ୍ଚ ୨୦୨୫'ରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ୨୦୧୯ ରୁ ଏହି ସହଯୋଗ ବୁଝାମଣା ହୋଇଥିଲେ ମଧ୍ୟ କୋଭିଡ୍ ମହାମାରୀ କାରଣରୁ ତାହା ତ୍ୱରାନ୍ୱିତ ହୋଇପାରି ନ ଥିଲା।

ଏଠାରେ ସ୍ୱତଃ ପ୍ରଶ୍ନ ଉଠୁଛି ଯଦି ପ୍ଲାଷ୍ଟିକ୍ ଉତ୍ପାଦନ ସ୍ତରରେ କଟକଣା ଲଗାଯାଇପାରନ୍ତା ତେବେ ପ୍ରଦୂଷଣ ସମସ୍ୟା ଅନେକାଂଶରେ ଦୂର ହୋଇଯାଆନ୍ତା। କିନ୍ତୁ ଜେନେଭାଠାରେ ନିକଟରେ ଅନୁଷ୍ଠିତ 'ବିଶ୍ୱ ପ୍ଲାଷ୍ଟିକ୍ ନିୟନ୍ତ୍ରଣ ଚୁକ୍ତି'ରେ ଭାରତ ପ୍ଲାଷ୍ଟିକ୍ ସପକ୍ଷରେ ନିଜ ପକ୍ଷ ରଖିଥିଲା। ଅର୍ଥନୈତିକ ଦୃଷ୍ଟିକୋଣରୁ ପ୍ଲାଷ୍ଟିକ୍ ଉତ୍ପାଦନକୁ ସମର୍ଥନ କରିଥିବା ସ୍ପଷ୍ଟୀକରଣରେ କୁହାଯାଇଥିବା ବେଳେ ପ୍ଲାଷ୍ଟିକ୍ ବର୍ଜ୍ୟ ଯୋଗୁଁ ହେଉଥିବା ଅର୍ଥନୈତିକ କ୍ଷତି ପରିମାଣ ମଧ୍ୟ କମ୍ ନୁହେଁ, ଏ କଥା ମଧ୍ୟ ଚିନ୍ତା କରିବାର ଥିଲା। ତେଣୁ ଏଭଳି ଦୋମୁଖୀ ଆଭିମୁଖ୍ୟରେ ଦୀର୍ଘମିଆଦୀ କାଳରେ ଭାରତ ହିଁ କ୍ଷତି ସହିବା ସାର ହେବ। ପ୍ରଥମେ ପ୍ଲାଷ୍ଟିକ୍ ବିମୁଖ ସଚେତନତା ସୃଷ୍ଟି କରିବା ଉପରେ ସରକାର ପ୍ରାଥମିକତା ନ ଦେବା ପର୍ଯ୍ୟନ୍ତ ପ୍ଲାଷ୍ଟିକ୍ ପ୍ରଦୂଷଣରୁ ମୁକ୍ତି ପାଇବା ସମ୍ଭବ ନୁହେଁ। ନାଗରିକମାନେ ମଧ୍ୟ ନିଜ ସୁଖ ସୁବିଧା ବଦଳରେ ଉତ୍ତର ପିଢ଼ିର ଭବିଷ୍ୟତ ବିଷୟରେ ଚିନ୍ତା କରିବାକୁ ପଡ଼ିବ। ନଚେତ୍ ଏହି ପ୍ଲାଷ୍ଟିକ୍ ରାକ୍ଷସ ମାନବ ସଭ୍ୟତାକୁ ବିନିଷ୍ଟ କରିଦେବ। ●

# ଅଭିଯୋଗ, ଅବହେଳା ଓ ଅସନ୍ତୋଷ

**ଅନନ୍ତ ଚରଣ ସ୍ୱାଇଁ**

ସମସ୍ୟା ଘେରରେ ମନୁଷ୍ୟ। ମୁଖ୍ୟ ସମସ୍ୟାଗୁଡ଼ିକ ମଧ୍ୟରେ ଆର୍ଥିକ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା, ପାରିବାରିକ ଓ ପାରିପାର୍ଶ୍ୱିକ ସମସ୍ୟା ଅନ୍ୟତମ। ବିଭିନ୍ନ ସମସ୍ୟାର ନ୍ୟାୟୋଚିତ ସମାଧାନ ପାଇଁ ସରକାରୀ ବେସରକାରୀ ସ୍ତରରେ ବ୍ୟବସ୍ଥା କରାଯାଉଛି। ଏହାସତ୍ତ୍ୱେ ଅଭିଯୋଗ ଶୁଣିବାରେ ଅବହେଳା, ଅଣଦେଖା ବା ଅଭିଯୋଗକୁ ଅବିଶ୍ୱାସ କରିବା ପରି ଅନେକ ଘଟଣା ଲୋକଲୋଚନକୁ ଆସୁଛି। ହତ୍ୟା, ଆତ୍ମହତ୍ୟା, ଲୁଣ୍ଠନ, ଚୋରି, ଡକାୟତି, ଭ୍ରଷ୍ଟାଚାର, ବିଦ୍ରୋହ, ଠାକାମୀ ପରି ଘଟଣା ସାମାଜିକ ଗଣମାଧ୍ୟମ ଓ ସମାଚାରପତ୍ରଗୁଡ଼ିକର ପାଲଟିଛି ମୁଖ୍ୟ ବିଷୟବସ୍ତୁ। ଅସମୟରେ ଅନେକ ନିରୀହ ପ୍ରାଣ ଚାଲିଯାଉଛି। ଏଥିପାଇଁ ବଢ଼ୁଛି ଜନଅସନ୍ତୋଷ। ସାଧାରଣ ଲୋକର ଅଭିଯୋଗକୁ ପୁଲିସ ଗ୍ରହଣ ନକରିବା, ଅବହେଳା ଓ ଅଣଦେଖା କରିବା ଫଳରେ ଏହାର ପରିଣାମ ଭୟାବହ ହେଉଛି ଏବଂ ଧନଜୀବନର କ୍ଷତି ହେବା ପରେ ସରକାର କିଛିଟା ପଦକ୍ଷେପ ନେଉଛନ୍ତି।

ଘଟଣା ଘଟିବା ପୂର୍ବରୁ ସାବଧାନତା ଅବଲମ୍ବନ କରିଥିଲେ ହୁଏତ ଏପରି ଅପ୍ରୀତିକର ସ୍ଥିତି ଉପୁଜୁ ନ ଥା'ନ୍ତା। ପ୍ରଶାସନିକ ସ୍ୱେଚ୍ଛାଚାରିତା, ଅହଂକାର ଓ ମନମୁଖି କାର୍ଯ୍ୟ ଫଳରେ ସାଧାରଣ ଲୋକଟି ସେବା ପାଇପାରୁନାହିଁ। ସରକାର ଏପରି ଭ୍ରଷ୍ଟ ଅଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଘୋର ଅନ୍ୟାୟ। ଅବସର ନେବାର କିଛି ମାସ ପୂର୍ବରୁ ଭ୍ରଷ୍ଟ ଅଧିକାରୀଙ୍କ କାରନାମା ଲୋକଲୋଚନକୁ ଆସୁଛି। ରାତାରାତି ଏତେ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ସମ୍ଭବ ନୁହେଁ। ଅନୈତିକ କାର୍ଯ୍ୟରେ ସେମାନେ ଅନେକ ଦିନରୁ ନିଶ୍ଚୟ ଲିପ୍ତ ଥିବେ। ଭ୍ରଷ୍ଟ କାରନାମା ପ୍ରଥମରୁ ଧରା ପଡ଼ିଥିଲେ ହୁଏତ ଏତେ ପର୍ଯ୍ୟନ୍ତ କଥା ଯାଇ ନ ଥା'ନ୍ତା।

କେତେକ ସ୍ଥାନରେ କାର୍ଯ୍ୟରତ ସରକାରୀ ଅଧିକାରୀମାନଙ୍କୁ ଗାଳିଗୁଲଜ କରିବା, ମାଡ଼ ମାରିବା ଘଟଣା ସାମନାକୁ ଆସୁଛି। ଏହା ଅତ୍ୟନ୍ତ ନିନ୍ଦନୀୟ। ଏପରି ସ୍ଥଳେ ଦୋଷୀ ବିରୋଧରେ ଦୃଷ୍ଟାନ୍ତମୂଳକ କଠୋର ଦଣ୍ଡବିଧାନ କରାଗଲେ ଭବିଷ୍ୟତରେ ଏପରି କାର୍ଯ୍ୟର ପୁନରାବୃତ୍ତି ହେବ ନାହିଁ। ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାର ବଦ୍ଧପରିକର। ସ୍ୱାସ୍ଥ୍ୟ ସେବା କେନ୍ଦ୍ରଗୁଡ଼ିକରେ ଅଧିକ ଡାକ୍ତର ନିଯୁକ୍ତି ସହ ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟକାରିତା ଓ ପରିବେଶର ସ୍ୱଚ୍ଛତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏତେସବୁ ସୁବିଧା ସତ୍ତ୍ୱେ କେତେକ ଜାଗାରେ ରୋଗୀ ସେବାରେ ଚରମ ଅବହେଳା, ଭୁଲ ଔଷଧ ଜନିତ ରୋଗୀମୃତ୍ୟୁ, ଡାକ୍ତରଙ୍କ ଭୁଲ ଚିକିତ୍ସା ଭଳି ଖବର ସମାଚାରପତ୍ର ଓ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଉଛି। ସବୁଠୁ ଦୁଃଖର ବିଷୟ ହେଉଛି କାର୍ଯ୍ୟରତ ଡାକ୍ତରଙ୍କ ଉପରେ ହେଉଥିବା ଅମାନୁଷିକ ଆକ୍ରମଣ। ରୋଗୀର ଆତ୍ମୀୟମାନଙ୍କ ଦୁର୍ବ୍ୟବହାର ଡାକ୍ତରମାନଙ୍କ ପ୍ରତି ବୃଦ୍ଧି ପାଉଛି। ଫଳରେ କାର୍ଯ୍ୟରତ ଡାକ୍ତର ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ଏକପ୍ରକାର ଭୟର ବାତାବରଣ ମଧ୍ୟରେ କରୁଛନ୍ତି ରୋଗୀ ସେବା। ଅନେକ ସ୍ୱାସ୍ଥ୍ୟ କେନ୍ଦ୍ରରେ, ଗାଳିଗୁଲଜ କରିବା, ଡାକ୍ତରଙ୍କୁ ଦୁର୍ବ୍ୟବହାର ଏକ ନିତିଦିନିଆ ଅଭ୍ୟାସରେ ପଡ଼ିଗଲାଣି। ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ବୃଦ୍ଧି ପାଉଥିବା ଅପ୍ରୀତିକର ସ୍ଥିତିର ପୁଙ୍ଖାନୁପୁଙ୍ଖ ସମୀକ୍ଷା ଦରକାର। ଚିକିତ୍ସାରେ ଅବହଳା ଥିଲେ ସମ୍ପୃକ୍ତ ଡାକ୍ତରଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ସେବାରେ ଅବହେଳାର ଅଭିଯୋଗ ଆସିଲେ ସ୍ୱାସ୍ଥ୍ୟକେନ୍ଦ୍ରର ଉଚ୍ଚାଧିକାରୀ କିମ୍ବା ଜିଲ୍ଲାସ୍ତରୀୟ ଅଧିକାରୀ ବିଧିବଦ୍ଧ ଅନୁସନ୍ଧାନ କରି ସେମାନଙ୍କ ମନ୍ତବ୍ୟ ଅନୁସାରେ ଭୁଲ୍ କରିଥିବା ଡାକ୍ତରଙ୍କୁ ତାଗିଦ କିମ୍ବା ସେମାନଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟନୁଷ୍ଠାନ ହେବା ଆବଶ୍ୟକ। ଭୁଲ ଔଷଧ ପାଇଁ ରୋଗୀର ମୃତ୍ୟୁ ହେବା ଭଳି ଅଭିଯୋଗ ଥିଲେ ଏପରି ଅଭିଯୋଗର ସତ୍ୟତା ପ୍ରମାଣ ପାଇଁ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ଦରକାର।

କୌଣସି ଅଭିଯୋଗର ସତ୍ୟାସତ୍ୟ ନ ଜାଣି, ଆଇନ ଶୃଙ୍ଖଳା ନିଜ ହାତକୁ ନେବା, ସ୍ୱାସ୍ଥ୍ୟକେନ୍ଦ୍ରର ଆସବାବପତ୍ର ଭଙ୍ଗାରୁଜା କରିବା ଏବଂ କାର୍ଯ୍ୟରତ ଡାକ୍ତରଙ୍କୁ ଦୁର୍ବ୍ୟବହାର କରିବା ନିନ୍ଦନୀୟ।

ଏବେ ଅନଲାଇନରେ ଅଭିଯୋଗ ପଞ୍ଜିକରଣର ସୁବିଧା ଉପଲବ୍ଧ ସତ୍ତ୍ୱେ ଅଭିଯୋଗ ସମାଧାନରେ ନିୟୋଜିତ ଅଧିକାରୀଙ୍କ ଅବହେଳା ଯୋଗୁଁ ମାସ ମାସ ପରେ ମଧ୍ୟ ଅଭିଯୋଗ ଅସମାଧିତ ରହୁଛି। ଅଭିଯୋଗ ଆବେଦନ ଓ ସମାଧାନର ସମୀକ୍ଷା ହେଉ ନାହିଁ। ଫଳରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଅଭିଯୋଗ ଯାହା ହେଉନା କାହିଁକି, ସେଥିପ୍ରତି ଧ୍ୟାନ ଦେବା ଦରକାର।

ଏକ କାର କମ୍ପାନୀର ଗ୍ରାହକ ସେବା ଟିମ୍‌ଙ୍କୁ ଥରେ ଏକ ଅଜବ ଅଭିଯୋଗ ମିଳିଲା। ଜଣେ ଗ୍ରାହକ ଲେଖିଥିଲେ ଯେ ସେ କିଣିଥିବା ନୂଆ କାରଟି ଅସ୍ୱାଭାବିକ ବ୍ୟବହାର କରୁଛି। ତାଙ୍କ ପରିବାରରେ ରାତ୍ରି ଖାଦ୍ୟ ପରେ ଆଇସ୍କ୍ରିମ୍ ଖାଇବାର ଏକ ନିୟମ ଥିଲା। ପରିବାର ସଦସ୍ୟମାନେ ଫ୍ଲେଭର୍ ବାଛିବା ପରେ ସେ କାରରେ ଯାଇ ଆଇସ୍କ୍ରିମ୍ ଆଣୁଥିଲେ। କିନ୍ତୁ ନୂଆ କାର ଆସିବା ପରଠାରୁ ଭାନିଲା ଆଇସ୍କ୍ରିମ୍ କିଣିବା ପରେ କାର୍ ଷ୍ଟାର୍ଟ ହୁଏନାହିଁ। ଅନ୍ୟ ଫ୍ଲେଭରର ଆଇସ୍କ୍ରିମ କିଣିବା ପରେ ଗାଡ଼ିଟି ଷ୍ଟାର୍ଟ ହୋଇଯାଏ। କମ୍ପାନୀର ଜଣେ ଉଚ୍ଚପଦସ୍ଥ ଅଧିକାରୀ ଏହି ଅଭିଯୋଗକୁ ଗମ୍ଭୀରତାର ସହ ନେଇ ଜଣେ ଦକ୍ଷ ଇଞ୍ଜିନିୟରଙ୍କୁ ତଦନ୍ତ ପାଇଁ ପଠାଇଲେ। ଇଞ୍ଜିନିୟର ସେହି ବ୍ୟକ୍ତିଙ୍କୁ ଭେଟି ରାତ୍ରି ଖାଦ୍ୟ ପରେ ଆଇସ୍କ୍ରିମ୍ ଦୋକାନକୁ ଯିବାର ଯୋଜନା କଲେ। ପ୍ରଥମ ରାତ୍ରି ସେମାନେ ଭାନିଲା ଆଇସ୍କ୍ରିମ୍ କିଣିଲେ। ଆଇସ୍କ୍ରିମ କିଣିବା ପରେ ଗାଡ଼ିଟି ଷ୍ଟାର୍ଟ ହେଲା ନାହିଁ। ଇଞ୍ଜିନିୟର ଅବହେଳା ନ କରି ଆଉ ତିନି ରାତ୍ରି ଯାଏଁ ପରୀକ୍ଷା କଲେ। ପ୍ରତ୍ୟେକ ଥର ଭାନିଲା ଆଇସ୍କ୍ରିମ୍ କିଣିବା ସମୟରେ କାର୍ ଚାଲୁ ନ ଥିବା ଦେଖିଲେ। ପଞ୍ଚମ ଦିନ ସେମାନେ ଚକଲେଟ୍ ଆଇସ୍କ୍ରିମ କିଣିଲେ। କିଣିବା ପରେ ଗାଡ଼ି ତୁରନ୍ତ ଷ୍ଟାର୍ଟ ହୋଇଗଲା।

ଇଞ୍ଜିନିୟର ଆଇସ୍କ୍ରିମ୍ କିଣିବାରେ ଲାଗୁଥିବା ସମୟ, ଇନ୍ଧନ ପ୍ରକାର, ଯାତାୟାତ ସମୟ ଆଦି ଉପରେ ନୋଟ୍ ନେବା ଆରମ୍ଭ କଲେ। ତାଙ୍କୁ ଜଣାପଡ଼ିଲା ଯେ ଭାନିଲା ଆଇସ୍କ୍ରିମ୍ କିଣିବାରେ ସମୟ କମ୍ ଲାଗୁଥିଲା। କାରଣ ଏହା ସବୁଠାରୁ ଲୋକପ୍ରିୟ ଫ୍ଲେଭର୍ ହୋଇଥିବାରୁ ଦୋକାନର ସାମନାରେ ରଖାଯାଇଥାଏ। ଅନ୍ୟ ଫ୍ଲେଭର୍ ଆଇସ୍କ୍ରିମକୁ ପ୍ରସ୍ତୁତ କରି ଗ୍ରାହକକୁ ଦେବାକୁ ପଡୁଥିବାରୁ ଅପେକ୍ଷାକୃତ ଅଧିକ ସମୟ ଲାଗେ।

ଏହାପରେ ଇଞ୍ଜିନିୟର ସମସ୍ୟାର ମୂଳ କାରଣ ଖୋଜିବାକୁ ଲାଗିଲେ। ସେ ଜାଣିବାକୁ ପାଇଲେ ଯେ ଏହା 'ଭେପର୍ ଲକ୍' ଜନିତ ସମସ୍ୟା। କାର୍ ଇଞ୍ଜିନ୍ ଅତ୍ୟଧିକ ଗରମ ହୋଇ ଇଞ୍ଜିନ ଭିତରେ ସୃଷ୍ଟି ହେଉଥିଲା ଏକ ପ୍ରକାର ଗ୍ୟାସ। ଇଞ୍ଜିନରୁ ଗ୍ୟାସ ସମ୍ପୂର୍ଣ୍ଣ ନିର୍ଗତ ହେବା ପରେ ଗାଡ଼ିଟି ଷ୍ଟାର୍ଟ ହେଉଥିଲା। ଭାନିଲା ଆଇସ୍କ୍ରିମ୍ କିଣିବା ସମୟରେ ଶୀଘ୍ର ଫେରିବା ଯୋଗୁଁ ଇଞ୍ଜିନ୍‌ରୁ ଗ୍ୟାସ ସମ୍ପୂର୍ଣ୍ଣ ନିର୍ଗତ ହେଉନଥିଲା ଏବଂ ଗାଡ଼ିଟି ଷ୍ଟାର୍ଟ ହେଉ ନ ଥିଲା। ଅନ୍ୟ ଫ୍ଲେଭରର ଆଇସ୍କ୍ରିମ କିଣବାକୁ ଅପେକ୍ଷାକୃତ ଅଧିକ ସମୟ ଲାଗୁଥିଲା। ଆଇସ୍କ୍ରିମ କିଣି ଫେରିଲା ବେଳକୁ ଇଞ୍ଜିନରୁ ଗ୍ୟାସ ବାହାରିଯାଉଥିବାରୁ କାର୍‌ଟି ଷ୍ଟାର୍ଟ ହେବାରେ ସମସ୍ୟା ରହୁ ନ ଥିଲା।

ଏହି ଗଳ୍ପରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ମିଳେ। ସମସ୍ୟାକୁ ଅବହେଳା, ଅଣଦେଖା ଓ ଅବିଶ୍ୱାସ ନକରି ଏହାକୁ ଗମ୍ଭୀରତାର ସହ ନେଲେ ସମାଧାନର ରାସ୍ତା ବାହାରି ପାରିବ। ଉଭୟ ଅଭିଯୋଗକାରୀ ଓ ଅଭିଯୋଗ ଗ୍ରହଣକାରୀ ପରସ୍ପରକୁ ସହଯୋଗ କରିବା, ଅନଲାଇନ ଅଭିଯୋଗ ପଞ୍ଜିକରଣ ଉପରେ ଗୁରୁତ୍ୱ, ଅଭିଯୋଗ ସମାଧାନର ନିର୍ଦ୍ଦିଷ୍ଟ ସମୟ ସୀମା ଏବଂ ଅଧିକାରୀସ୍ତରରେ ଅଭିଯୋଗ ଗ୍ରହଣ କରିବାର ଇଚ୍ଛୁକତା ଆବଶ୍ୟକ। ଅଭିଯୋଗ ନାଁରେ ଆଇନଶୃଙ୍ଖଳାକୁ ହାତକୁ ନେଲେ ସମସ୍ୟା ସମାଧାନ ପରିବର୍ତ୍ତେ ଅଧିକ ସମସ୍ୟା ସୃଷ୍ଟି କରିବ। ●

ଚାନ୍ଦୋଳ(କେନ୍ଦ୍ରାପଡ଼ା) ମୋ: ୭୩୮୧୦୪୬୪୭୭

# ଈଶ୍ୱର ଦୁଃଖ ଦିଅନ୍ତି?

**ପ୍ରବୀର କୁମାର ସାହୁ**



ଈଶ୍ୱର କ'ଣ ସତରେ ଅଛନ୍ତି? ଯଦି ଅଛନ୍ତି ତେବେ ଏତେ ଦୁଃଖ ମଣିଷ ପାଏ କେମିତି? ଏଇମିତି ପ୍ରଶ୍ନ ଦୁନିଆର ଅନେକ ଲୋକଙ୍କ ମନରେ। ଈଶ୍ୱରଙ୍କ ସତ୍ତା ଉପରେ ବିଶ୍ୱାସ ରଖୁଥିବା ପ୍ରତ୍ୟେକ ମଣିଷର ଅକାଟ ବିଶ୍ୱାସ ଯେ ଈଶ୍ୱର ଅଛନ୍ତି। ହଁ ଈଶ୍ୱର ସତରେ ଅଛନ୍ତି। ପ୍ରତ୍ୟେକ ମଣିଷଙ୍କ ପାଖରେ ଅଛନ୍ତି। ସର୍ବୋପରି ସର୍ବତ୍ର ବିଦ୍ୟମାନ। ଦୁଃଖ ଭୋଗୁଥିବା ଲୋକର କେବଳ ଗୋଟିଏ ହିଁ ବିଶ୍ୱାସ ଯେ ଈଶ୍ୱର ଦିନେ ନା ଦିନେ ସବୁକିଛି ଠିକ୍ କରିଦେବେ। ସେଇ ଅପେକ୍ଷାରେ ହିଁ ତ ମଣିଷ ବଞ୍ଚେ।

ଈଶ୍ୱର ଏକ ବିଶ୍ୱାସ। ପୁଣି କେତେବେଳେ ଦୁର୍ବଳର ସାହସ। କେହି ଜଣେ ସବୁବେଳେ ଠିକ୍ କରିବାକୁ ଅଛି - ଏହି ବିଶ୍ୱାସ ନେଇ ତ ମଣିଷ କର୍ମ କରି ଚାଲେ। ଦୁଃଖରୁ ସୁଖ ଆଡ଼କୁ ଏବଂ ଯନ୍ତ୍ରଣାରୁ ଉପଶମ ଆଡ଼କୁ ଯିବାକୁ ହେଲେ ବାସ୍ କେବଳ ଆମକୁ ସାହସର ସହିତ ପାଦ ବଢ଼େଇବାର ଅଛି। କେହି ଜଣେ ଉପରେ ଥାଇ ନଜର ରଖୁଛି। ତାଙ୍କରି ଭରସାରେ ଧୈର୍ଯ୍ୟ ରଖିବାକୁ ପଡ଼ିବ। ଏଠି ମନକୁ ପ୍ରଶ୍ନ ଆସିପାରେ ଈଶ୍ୱର ଆମ ଭୁଲକୁ ସଂଶୋଧନ କରନ୍ତି କେମିତି? ଏହାର ଉତ୍ତର ହେଉଛି କେବେ କେବେ ଦଣ୍ଡ ସାହାଯ୍ୟରେ ପୁଣି କେବେ ପ୍ରାୟଶ୍ଚିତରେ। କୌଣସି ଭୁଲର ସଂଶୋଧନ, ପ୍ରାୟଶ୍ଚିତ ଛଡ଼ା ଆଉ କିଛି ଅଧିକ ହେଇ ପାରେନି। ଈଶ୍ୱର ଅଛନ୍ତି।

ସବୁବେଳେ ଈଶ୍ୱରଙ୍କ ଅସ୍ତିତ୍ୱକୁ ନେଇ ପ୍ରଶ୍ନ କରୁଥିବା ବ୍ୟକ୍ତିମାନଙ୍କ ମତରେ ଈଶ୍ୱର ନିରର୍ଥକ। ମଣିଷ ନିଜ ଜୀବନକୁ ଶେଷ ଯାଏଁ ବହନ କରିବାରେ କ୍ଷମତା ରଖେ। ପ୍ରକୃତରେ ଈଶ୍ୱରଙ୍କ ଉପସ୍ଥିତି ଆମ ନିକଟରେ ଶୂନ୍ୟ। ଆମ ଚେଷ୍ଟା କଲେ ବି ତାଙ୍କ ଉପସ୍ଥିତିକୁ ପ୍ରମାଣ କରି ପାରିବା ନାହିଁ। କିନ୍ତୁ ଈଶ୍ୱର ଅଛନ୍ତି ସବୁବେଳେ ପ୍ରତ୍ୟେକ ବ୍ୟକ୍ତିର ଅତି ନିକଟରେ। ହୃଦୟର କେଉଁ ଗୋଟେ କୋଣରେ, ଅଳ୍ପ ଟିକେ ଭରସା ହୋଇ। ମଣିଷ ତାହାର ନିଜ ଜୀବନକୁ ଭୋଗିବାକୁ ହିଁ ପଡ଼ିବ। ଜୀବନ ଜିଇଁବା ବାଟରେ ଉଭୟ ଫୁଲ ଆଉ କଣ୍ଟା ଆସିବ। ଅସଂଖ୍ୟ ଭୁଲ ଆଉ ଠିକ୍ ଦେଇ ଯିବାକୁ ପଡ଼ିବ। ସେଥିପାଇଁ ଈଶ୍ୱର ହିଁ ସଦାକାଳ ମଣିଷର ଗୁରୁ। ପ୍ରତ୍ୟେକ ମଣିଷର ଭୁଲକୁ ସଂଶୋଧନ କରିବାର ଦାୟିତ୍ୱ ଈଶ୍ୱର ବହନ କରନ୍ତି।

ଈଶ୍ୱର ପ୍ରତ୍ୟେକ ମଣିଷକୁ ସାହାଯ୍ୟ କରନ୍ତି। ତଥାପି ଈଶ୍ୱରଙ୍କ ସାନ୍ନିଧ୍ୟ ପାଇବା ସହଜ ନୁହେଁ କ'ଣ ପାଇଁ? ସତରେ ସହଜ ନୁହେଁ। ଈଶ୍ୱରଙ୍କ ସାନ୍ନିଧ୍ୟ ହେଉ ଅଥବା ଈଶ୍ୱରଙ୍କ ଦର୍ଶନ, ସାଧାରଣ ବ୍ୟକ୍ତି ପାଖରେ ସହଜ ନୁହେଁ। ଈଶ୍ୱରଙ୍କୁ ପାଇବା ପାଇଁ ହେଲେ ପ୍ରତ୍ୟେକ ମଣିଷକୁ ମନୁଷ୍ୟଗତ ଦୋଷ ଦୁର୍ବଳତାକୁ ଛାଡ଼ିବା ପାଇଁ ପଡ଼ିବ। ଭୋଗିବାକୁ ପଡ଼ିବ ଏକ ଶୂନ୍ୟଜୀବନ। ଯେଉଁ ଜୀବନରେ ଥିବ ମାତ୍ର ଏକମାତ୍ର ଲକ୍ଷ୍ୟ - ଈଶ୍ୱରପ୍ରାପ୍ତି। ତେବେ ଯାଇ ଭେଟ ହେବେ ଈଶ୍ୱର। ଏକ ନୂତନ ଉର୍ଜା ଭାବରେ, ନୂଆ ଏକ ଆତ୍ମଜ୍ଞାନ ଭାବରେ। ସଂସାରରେ ଈଶ୍ୱରଙ୍କ ଭେଟ ପାଇଁ ଅନେକ ପ୍ରୟାସ। ପୂଜା, ଯଜ୍ଞ, କର୍ମ ଇତ୍ୟାଦି କେତେ କେତେ ବୈଦିକ କର୍ମ। ପୁଣି ଶହଶହ ବର୍ଷର ତପସ୍ୟା। ତଥାପି ଈଶ୍ୱର ଅପହଞ୍ଚ।

ଏବେ ଫେରିବି ମୋର ସେଇ ପ୍ରଥମ ପ୍ରଶ୍ନ ଆଡ଼କୁ। ଈଶ୍ୱର କ'ଣ ସତରେ ଦୁଃଖ ଦିଅନ୍ତି? ହଁ ଦିଅନ୍ତି। ଦୁଃଖର ଅର୍ଥ ମଣିଷକୁ ନୂଆ ଶିଖିବାକୁ ପଡ଼ିବ। ଧୈର୍ଯ୍ୟ, ସାହସ ସହ ସର୍ବୋପରି ଜୀବନ ବଞ୍ଚିବାର ରାହା ହିଁ ଦୁଃଖ ଦ୍ୱାରା ଶିଖେ ମଣିଷ। ଏ ସମୟ ବି ଦିନେ ଚାଲିଯିବ। ତେଣୁ କୌଣସି ଦୁଃଖ ସବୁଦିନ ପାଇଁ ନୁହେଁ। ଏହା କେବଳ ପ୍ରତ୍ୟେକ ମଣିଷ ପାଇଁ ଶିଖିବାର ଉପଯୁକ୍ତ ସମୟ। ଯେପରି ନୂଆକିଛି ପ୍ରଥମ ଥର ପାଇଁ ଶିଖିଲେ ଆମକୁ କଷ୍ଟ ଲାଗେ ଏବଂ ଥରେ ଶିଖିଗଲା ପରେ କଷ୍ଟ କାମ ବି ଆମକୁ ସହଜ ଲାଗେ। ଦୁଃଖ ହିଁ ସେମିତି। ଜୀବନକୁ ଶିଖିବାର ଅନ୍ୟ ଏକ ପାହାଚ। ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖୁଥିବା ପ୍ରତ୍ୟେକ ବ୍ୟକ୍ତି ପାଇଁ ଆଶ୍ୱାସନାର ବିଷୟ ହେଉଛି, ଦୁଃଖ ଖୁବ୍ ଶୀଘ୍ର ସରିବାକୁ ଯାଉଛି। ଯେମିତି ପାଠ ସରିଲେ, ନୂଆ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବାକୁ ପଡ଼େ। ଠିକ୍ ସେମିତି ସୁଖର ସମୟ ପାଖେଇ ଆସୁଛି। ଈଶ୍ୱରଙ୍କ କରୁଣା ପୃଥିବୀର ସବୁଜୀବଙ୍କ ପାଇଁ ସମାନ ରୂପରେ ଅଛି। ତେଣୁ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖି ଜୀବନର ପ୍ରତ୍ୟେକ ଯୁଦ୍ଧରେ ଆଗକୁ ବଢ଼ିବାର ଆକାଂକ୍ଷା ରଖିବା ଉଚିତ୍। ●

କଣିପାଳ(କେନ୍ଦ୍ରାପଡ଼ା), ମୋ: ୯୮୬୧୦୬୮୪୫୬

# ବୁଢ଼ିଆଣୀ ମନ୍ଦିର

**ଓଜସ୍ୱିନୀ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ମାଲାୟାଲାମ୍ କ୍ୟାଲେଣ୍ଡର୍‌ର ବୃଶ୍ଚିକ ମାସ ଅନୁସାରେ ମନ୍ଦିରରେ ପ୍ରତିବର୍ଷ ଏକ ଭବ୍ୟ ଉତ୍ସବ ପାଳନ କରାଯାଉଛି। ଏଠାକାର ଚିକିତ୍ସା ପଦ୍ଧତି ମଧ୍ୟ ଭିନ୍ନ। ପ୍ରଥମେ ରୋଗୀମାନେ ସ୍ନାନ କରିଥା'ନ୍ତି। ଏହାପରେ ସେମାନେ ଦେବୀଙ୍କୁ ନୈବେଦ୍ୟ ଭାବେ ମୁଢ଼ି ଅର୍ପଣ କରନ୍ତି। ଏହାକୁ 'ମଲାର୍' କୁହାଯାଏ। 'ମଲାର୍'ରୁ ପ୍ରାପ୍ତ ଭସ୍ମକୁ ରୋଗୀମାନେ ନିଜ ଶରୀରରେ ମର୍ଦ୍ଦନ କରିବା ସହିତ ମନ୍ଦିର ଭିତରେ ଥିବା କୂଅର ଜଳ ପାନ କରିଥା'ନ୍ତି। ଏହି କୂଅକୁ 'ଚିଳଂଥିକିନାର' ବୋଲି କୁହାଯାଉଛି। ଲଗାତାର ତିନି ଦିନ ଏଭଳି କରିବା ଦ୍ୱାରା ବୁଢ଼ିଆଣୀ ବିଷ ଦ୍ୱାରା ହୋଇଥିବା ଚର୍ମରୋଗ ସମ୍ପୂର୍ଣ୍ଣ ଭଲ ହୋଇଯାଏ। ଅନ୍ୟ କୀଟର ବିଷ ଦ୍ୱାରା ଅଧିକ ପ୍ରଭାବିତ ହୋଇଥିବା ରୋଗୀଙ୍କୁ ଏହି ପଦ୍ଧତି ସାତ ଦିନ ପର୍ଯ୍ୟନ୍ତ ପାଳନ କରିବାକୁ ହୋଇଥାଏ।

ବୁଢ଼ିଆଣୀ ପୂଜା କରାଯାଉଥିବା ଅନ୍ୟ ଗୋଟିଏ ମନ୍ଦିର ହେଉଛି ଶ୍ରୀକାଳହସ୍ତୀ ମନ୍ଦିର, ଯାହାକି ଆନ୍ଧ୍ରପ୍ରଦେଶର ଚିତ୍ତୁର୍ ଜିଲ୍ଲାରେ ଅଛି। ଏହି ମନ୍ଦିର ଦେବଦେବ ମହାଦେବଙ୍କୁ ସମର୍ପିତ। ଏହାକୁ 'ଦକ୍ଷିଣ କୈଳାସ' ଓ 'ଦକ୍ଷିଣ କାଶୀ' ବୋଲି ମଧ୍ୟ କୁହାଯାଏ। ଏହି ମନ୍ଦିରରେ ପୂଜା ପାଉଥିବା ଶିବଲିଙ୍ଗ ବାୟୁତତ୍ତ୍ୱର କାରକ ଅଟନ୍ତି। ଏହି ମନ୍ଦିରରେ 'ଶ୍ରୀ' ନାମକ ବୁଢ଼ିଆଣୀ, 'କାଳ' ନାମକ ସର୍ପ ଓ ଏକ 'ହସ୍ତୀ' ଶିବଙ୍କର ପୂଜାର୍ଚ୍ଚନା କରି ମୋକ୍ଷ ପ୍ରାପ୍ତି କରିଥିଲେ। ତେଣୁ ଏହି ମନ୍ଦିରର ନାମକରଣ 'ଶ୍ରୀକାଳହସ୍ତୀ' ମନ୍ଦିର ହୋଇଛି। ମନ୍ଦିରରେ ଏହି ତିନିଟି ପ୍ରାଣୀଙ୍କର ମୂର୍ତ୍ତି ମଧ୍ୟ ସ୍ଥାପନା କରାଯାଇଛି। ଏଠାରେ ଭକ୍ତମାନେ ମୋକ୍ଷ କାମନା କରି ବୁଢ଼ିଆଣୀକୁ ବିଶେଷ ପୂଜାର୍ଚ୍ଚନା କରିଥା'ନ୍ତି। ଶିବ ପୁରାଣ, ଲିଙ୍ଗ ପୁରାଣ ଓ ସ୍କନ୍ଦ ପୁରାଣରେ ମଧ୍ୟ ଏହି ମନ୍ଦିରର ବର୍ଣ୍ଣନା ରହିଛି। ବିଶ୍ୱାସ କରାଯାଏ ଯେ, ଏହି ମନ୍ଦିରରେ ଭକ୍ତି ଓ ଶ୍ରଦ୍ଧାର ସହିତ ବୁଢ଼ିଆଣୀ, ସର୍ପ ଓ ହାତୀଙ୍କୁ ବିଶେଷ ପୂଜାର୍ଚ୍ଚନା କଲେ ମହାଦେବଙ୍କ କୃପାରୁ ମୋକ୍ଷ ପ୍ରାପ୍ତି ହୋଇଥାଏ।

## ବିଚିତ୍ର ବିଶ୍ୱାସ

ଉପରୋକ୍ତ ଦୁଇଟି ମନ୍ଦିରରେ ବୁଢ଼ିଆଣୀ ପୂଜା ପାଉଥିବାବେଳେ ଉତ୍ତର ପ୍ରଦେଶର ସୁଲତାନପୁରରେ 'ବୁଢ଼ିଆଣୀ କୁଣ୍ଡ' ନାମକ ଏକ ବହୁ ପୁରାତନ କୂଅ ରହିଛି। ଏହି କୁଣ୍ଡର ଜଳ ଅତ୍ୟନ୍ତ ପବିତ୍ର ଏବଂ ରୋଗ ନାଶକାରୀ ବୋଲି ବିଶ୍ୱାସ ରହିଛି। ଜନଶ୍ରୁତି ଅନୁଯାୟୀ ଭକ୍ତଶ୍ରେଷ୍ଠ ହନୁମାନ ସଞ୍ଜୀବନୀ ବୁଟି ଆଣିବାକୁ ଯିବା ସମୟରେ କିଛି ସମୟ ଏହି ସ୍ଥାନରେ ବିଶ୍ରାମ ନେଇଥିଲେ। ହନୁମାନଙ୍କ ପ୍ରାଣ ହରଣ କରିବା ପାଇଁ ରାବଣ କାଳନେମୀ ନାମକ ରାକ୍ଷସକୁ ପଠାଇଥିଲେ। କାଳନେମୀ ଛଦ୍ମବେଶରେ ହନୁମାନଙ୍କୁ ବଧ କରିବାକୁ ଆସିଥିଲେ। ଏ ସମସ୍ତ ଘଟଣା ପ୍ରତି ଅଜ୍ଞ ହନୁମାନ ବିଶ୍ରାମ ସାରି ସ୍ନାନ ପାଇଁ ନିକଟସ୍ଥ କୂଅରୁ ପାଣି ବାହାର କରିବାକୁ ଯିବା ସମୟରେ କୂଅ ଭିତରୁ ଗୋଟିଏ ବୁଢ଼ିଆଣୀ ବାହାରି ଆସି ହନୁମାନଙ୍କ କାନରେ ଦୁଷ୍ଟ ଦାନବ କାଳନେମୀ ସମ୍ପର୍କରେ ସୂଚନା ଦେଇଥିଲା। ଏହାପରେ ହନୁମାନ କାଳନେମୀକୁ ବଧ କରିଥିଲେ। ଏହାପରେ ହନୁମାନ ଉକ୍ତ କୂଅର ଜଳରେ ସ୍ନାନ ସାରି ଲକ୍ଷ୍ୟପଥରେ ଅଗ୍ରସର ହୋଇଥିଲେ।

ସେହିଦିନଠାରୁ ଉକ୍ତ କୂଅକୁ 'ବୁଢ଼ିଆଣୀ କୁଣ୍ଡ' ବୋଲି କୁହାଗଲା। ସେହିସ୍ଥାନରେ ହନୁମାନଙ୍କର ଏକ ବିଶାଳ ପ୍ରତିମା ପୂଜା ପାଉଛନ୍ତି। ହନୁମାନଙ୍କ ମନ୍ଦିରକୁ ଯିବା ପୂର୍ବରୁ ଶ୍ରଦ୍ଧାଳୁମାନେ କୂଅର ପାଣିରେ ଗୋଡ଼ହାତ ଧୋଇଥା'ନ୍ତି ଏବଂ ମୁଣ୍ଡରେ ସିଞ୍ଚନ କରିଥା'ନ୍ତି। ବିଶ୍ୱାସ ରହିଛି ଏଭଳି କରିବା ଦ୍ୱାରା ହନୁମାନଙ୍କର ବିଶେଷ କୃପା ପ୍ରାପ୍ତ ହୋଇଥାଏ। ଏହି ମନ୍ଦିରରେ ପୂଜା ପାଉଥିବା ହନୁମାନଙ୍କ ଗୋଟିଏ ଗୋଡ଼ ପାତାଳପୁର ପର୍ଯ୍ୟନ୍ତ ରହିଛି ବୋଲି ବିଶ୍ୱାସ କରାଯାଏ। କାରଣ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ୧୦୦ ଫୁଟ ତଳକୁ ଖୋଳିବା ପରେ ମଧ୍ୟ ହନୁମାନଙ୍କ ପାଦ ଦେଖିବାକୁ ମିଳିନଥିଲା। ତେଣୁ ଖନନ କାର୍ଯ୍ୟ ବନ୍ଦନ କରାଯାଇଛି ଏବଂ ପ୍ରତ୍ୟକ୍ଷ ଦେବତା ଭାବେ ଏହି ମନ୍ଦିରର ଖ୍ୟାତି ରହିଛି। (ସମାପ୍ତ) ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଟିପିସିଓଡିଏଲ୍‌ର ଅତିରିକ୍ତ ସୁରକ୍ଷା ଜମା ନୋଟିସ**

# ବିଜୁ ଯୁବ-ଛାତ୍ର ଜନତା ଦଳର ବିଶାଳ ବିକ୍ଷୋଭ

ଭୁବନେଶ୍ୱର,୧୮।୧୨(ସମିସ): ଟିପିସିଓଡିଏଲ୍ ପକ୍ଷରୁ ଅତିରିକ୍ତ ସୁରକ୍ଷା ଜମା ଆଦାୟ କରିବା ପାଇଁ ଯେଉଁ ନୋଟିସ୍ ଜାରି କରିଛନ୍ତି, ତାହା ଜନସାଧାରଣଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ଲଦି ଦିଆଯାଉଛି। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଦୃଢ଼ ଦାବି ଉପସ୍ଥାପନ କରିବା ସହିତ ରାଜରାସ୍ତାରେ ସ୍ମାର୍ଟ ମିଟର ଭାଙ୍ଗି ପ୍ରତିବାଦ କରିଛି।

ଗୁରୁବାର ଭୁବନେଶ୍ୱର ପାୱାର ହାଉସ ଛକସ୍ଥିତ ଟିପିସିଓଡିଏଲ୍ ଅଫିସ ସମ୍ମୁଖରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ରାଜ୍ୟର କୋଟିଏ ଉପଭୋକ୍ତାଙ୍କଠାରୁ ଜାତୀୟ ହାରଠାରୁ ଅଧିକ ଆଦାୟ ହେଉଥିବା ବିଦ୍ୟୁତ୍ ଶୁଳ୍କକୁ ତୁରନ୍ତ ସୁଧ ସହିତ ଫେରାଇବା ପାଇଁ ବିଜେଡି ଦାବି କରିଛି। ଆନ୍ଧ୍ର ପ୍ରଦେଶ ବିଦ୍ୟୁତ୍ ନିୟାମକ ଆୟୋଗ ଏହି ଅର୍ଥ ଫେରସ୍ତ ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି, ସେହିଭଳି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ପଦକ୍ଷେପ ନେବା ଉପରେ ବିଜେଡି ଜୋର୍ ଦେଇଛି।



ସରବରାହଜନିତ କ୍ଷତି ଯୋଗୁଁ ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅତିରିକ୍ତ ଶୁଳ୍କ ବହନ କରିବାକୁ ପଡୁଛି। ଟାଟା କମ୍ପାନୀର ଅପାରଗତା, ଦୁର୍ନୀତି ଯୋଗୁଁ ରାଜ୍ୟରେ ସରବରାହଜନିତ କ୍ଷତି ଜାତୀୟ ହାରଠାରୁ ମଧ୍ୟ ଅଧିକ ରହିଛି। ବହୁ ଉପଭୋକ୍ତଙ୍କ ମିଟର ସଠିକ୍ ଚାଲୁଥିଲେ ସୁଦ୍ଧା, ଏହାକୁ ଟାଟା ପାୱାର ପକ୍ଷରୁ ଜୋର୍‌ଜବରଦସ୍ତ ବଦଳାଯାଇ ସ୍ମାର୍ଟ ମିଟର ଲଗାଯାଇଛି, ଯାହା ଠିକ୍ ନୁହେଁ। ସ୍ମାର୍ଟ ମିଟର ଯୋଗୁଁ ଉପଭୋକ୍ତାମାନଙ୍କୁ ଅଧିକ ବିଦ୍ୟୁତ୍ ବିଲ୍ ଦେବାକୁ ପଡୁଛି। ତେଣୁ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଆଗାମୀ ଦିନରେ ଏହି ଆର୍ଥିକ ଶୋଷଣ ବନ୍ଦ ନହେଲେ ବିଜେଡି ଟାଟା ପାୱାର ବିରୋଧରେ ଦୁର୍ବାର ଆନ୍ଦୋଳନ କରିବ ବୋଲି ନେତୃମଣ୍ଡଳୀ ଚେତାବନୀ ଦେଇଛନ୍ତି।

- ଅତିରିକ୍ତ ସୁରକ୍ଷା ଜମା ନୋଟିସ ପ୍ରତ୍ୟାହାର ଓ ସ୍ମାର୍ଟ ମିଟର ଲଗା ବନ୍ଦ ଦାବି
- ଜାତୀୟ ହାରଠାରୁ ଅଧିକ ଆଦାୟ ହେଉଥିବା ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର କରାଯାଉ

ଏହି ବିକ୍ଷୋଭରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ଅଶୋକ ଚନ୍ଦ୍ର ପଣ୍ଡା, ଅତନୁ ସବ୍ୟସାଚୀ ନାୟକ, ପ୍ରୀତିରଞ୍ଜନ ଘଡେଇ, ସୁଶାନ୍ତ ରାଉତ, ପ୍ରଣବ ବଳବନ୍ତରାୟ, ରାଜେନ୍ଦ୍ର ସାହୁ, ସ୍ନେହାଙ୍ଗିନୀ ଛୁରିଆ, ସୁବାସ ସିଂହ, ଅବନୀ ଯୋଶୀ, ଅମରେଶ ପତ୍ରୀ, ଅମରଜିତ୍ ସେନାପତି, ସୋଫିଆ ଆଲାମ, ଧ୍ରୁତି ମାର୍ଥା, ତନ୍ମୟ ସ୍ୱାଇଁ, ଜ୍ୟୋତି ରଞ୍ଜନ ଜେନା, ମିହିର ରାଉତ, ନାରାୟଣ ଜେନା, ତୁମ୍ବନାଥ ପଣ୍ଡା, ମିହିର ରାୟ, ଏସ୍.କେ ଅମିର ମହମ୍ମଦ, ବିଜୟ କେତନ ସାହୁ, ଦୀପକ ମହାପାତ୍ର, ନୀଳମାଧବ ମହାନ୍ତି, ଶୁଭ୍ରାଂଶୁ ପାଢ଼ୀ, ସଂଜିତ୍ ମହାନ୍ତି, ମନୋଜ ସେନାପତି, ସୌମ୍ୟରଞ୍ଜନ ତ୍ରିପାଠୀ, ମନୋଜ ମହାନ୍ତି, ଜଗମୋହନ ବଳିଆରସିଂହ, ବିଶ୍ୱରଞ୍ଜନ ଭୂୟାଁ, ଜ୍ଞାନରଞ୍ଜନ ମାନସିଂହ, ତାରିଣୀ ପ୍ରସାଦ ନାୟକ, ସ୍ମୃତି ରଂଜନ ପଟ୍ଟନାୟକ, ରଶ୍ମି ରଞ୍ଜନ ଦାସ, ଚିନ୍ମୟ ପ୍ରଧାନ, ପୃଥ୍ୱୀରାଜ ପଣ୍ଡା, ଦୀପକ ବେହେରା, ସୁଦୀପ୍ତ କେଶରୀ ସାମଲ, ସ୍ୱଦେଶ ରଂଜନ ସିଂ, ଅରୂପ ଶ୍ରୀଚନ୍ଦନ, ମନୋରଞ୍ଜନ ସ୍ୱାଇଁ, ସୋନାଲି ପ୍ରିୟଦର୍ଶିନୀ, ଲଗ୍ନାଦୀପ ମିଶ୍ର, ମଧୁସ୍ମିତା ପରିଡ଼ା, ବିକାଶ ସାହୁ, ପ୍ରଦୀପ୍ତ ବିଶ୍ୱାଳ, ସୁକାନ୍ତ କୁମାର ରାୟ, ଫାତିମା ଖାତୁନ୍, ରକି ଦାସ, ସୁଜିତ୍ ପାଲଟା ସିଂହ, ଦେବସ୍ମିତା ଦାସ, ସ୍ନେହାଶିଷ ଜେନା, ଅଶୋକ ନାୟକ, ଅମିତ୍ ଜେନା, ତବ୍ରେଜ୍ ଖାଁ, ସୌମ୍ୟ ରଂଜନ ମହାପାତ୍ର, ଅସ୍ମିତ୍ ଦାସ, ସମିମ୍ ଅଖତର୍, ବିଜୟଲକ୍ଷ୍ମୀ ଦାଶ, ଏସ.କେ ନୱାଜ୍, ସଚ୍ଚିକାନ୍ତ ସାହୁ, ସିପୂଲ୍ ସ୍ୱାଇଁ, ପ୍ରଦ୍ୟୁମ୍ନ ମହାନ୍ତି, ଶଙ୍କର ମଲ୍ଲିକ, ଦୀପକ ମହାପାତ୍ର ଓ ଆଶିଷ ସାହୁ ପ୍ରମୁଖ ସାମିଲ ଥିଲେ।

**ମହାନଦୀକୁ ଖସି ପଡ଼ିଲେ ଯୁବତୀ**

# ବଞ୍ଚାଇଦେଲା ଜଳମଗ୍ନ ମନ୍ଦିର

ଇବ୍‌ଥର୍ମାଲ, ୧୮।୧୨ (ସମିସ): ମହାନଦୀର ଅକାତକାତ ପାଣିକୁ ଖସି ପଡ଼ିଥିବା ଜଣେ ଯୁବତୀ ଏକ ଜଳମଗ୍ନ ମନ୍ଦିରର ପିଢ଼ରେ ଆଶ୍ରୟ ନେଇ ଜୀବନ ବଞ୍ଚାଇବା ଘଟଣା ଆଜି ଝାରସୁଗୁଡ଼ା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ବନହରପାଲି ଥାନା ଅଧୀନ ଝାରସୁଗୁଡ଼ା ଓ ସମ୍ବଲପୁରକୁ





ସଂଯୋଗ କରୁଥିବା ରମ୍ପେଲା ସେତୁ ନିକଟରେ ଗୁରୁବାର ଏହି ଘଟଣା ଘଟିଛି। ଯୁବତୀଜଣଙ୍କ ବ୍ରଜରାଜନଗର ଥାନା ଅଧୀନ ଇଟାଭଟା ଗାଁ ଝରଣାପଡ଼ାର ସାବିତ୍ରୀ ଦାସ ଓରଫ୍ ମେହେର (୩୨)। ସୂଚନାନୁଯାୟୀ, ଆଜି ଦିନ ପ୍ରାୟ ସାଢ଼େ ୧ଟାରେ ସାବିତ୍ରୀ ରମ୍ପେଲା ସେତୁ ଉପରୁ ଭାରସାମ୍ୟ ହରାଇ ମହାନଦୀକୁ ଖସି ପଡ଼ିଥିଲେ। ପହଁରା ଜାଣିଥିବାରୁ ଅକାତକାତ ପାଣିରେ ପ୍ରାଣ ବିକଳରେ ପହଁରି ପହଁରି ନିକଟରେ ଥିବା ଏକ ଜଳମଗ୍ନ ହରିହର ମନ୍ଦିର ପିଢ଼କୁ ଚଢ଼ି ଆଶ୍ରୟ ନେଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବନ୍‌ହରପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିବାକୁ ପ୍ରୟାସ କରିଥିଲା। ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହାୟତାରେ ମନ୍ଦିର ପାଖରୁ ଯୁବତୀଙ୍କୁ ଉଦ୍ଧାର କରାଯାଇଥିଲା। ପରେ ତାଙ୍କୁ ଇବ୍‌ଥର୍ମାଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମୁଣ୍ଡରେ ସାମାନ୍ୟ ଆଘାତ ଲାଗିଥିବା ବେଳେ ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ପୁଲିସ କହିଛି। ତେବେ କେମିତି ଓ କାହିଁକି ସାବିତ୍ରୀ ସେତୁ ଉପରୁ ପାଣିରେ ପଡ଼ିଲେ, ତାହା ସ୍ପଷ୍ଟ ହୋଇପାରିନାହିଁ।

ଉଲ୍ଲେଖଯୋଗ୍ୟ, ସାବିତ୍ରୀଙ୍କ ସ୍ୱାମୀଙ୍କର ପୂର୍ବରୁ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ୧୦ବର୍ଷର ଏକ ସନ୍ତାନ ରହିଛି। ୩ଦିନ ହେଲା ସେ ଘରୁ ଚାଲିଆସିଥିଲେ ବୋଲି ତାଙ୍କ ବାପା ଜୟଧର ନାଗ ପୁଲିସକୁ କହିଛନ୍ତି।

# ସ୍ୱର୍ଗଦ୍ୱାରରେ ଶବଦାହ ପାଇଁ ହେବ ନୂଆ ବ୍ୟବସ୍ଥା

ପୁରୀ,୧୮।୧୨(ସମିସ): ଦିନକୁ ଦିନ ସ୍ୱର୍ଗଦ୍ୱାରରେ ଶବଦାହ ସଂଖ୍ୟା ବଢୁଛି। ସ୍ୱର୍ଗଦ୍ୱାରର ଉନ୍ନତୀକରଣ ପରେ ଅଧିକ ମୃତଦେହ ସଂସ୍କାର ପାଇଁ ଆସୁଛି। ନିକଟରେ ୨୪ ଘଣ୍ଟାରେ୧୩୬ ଶବ ଦାହ ପାଇଁ ଆସିଥିଲା। ତେଣୁ କମ୍ ସମୟ ମଧ୍ୟରେ କିପରି ଅଧିକ ଶବ ସଂସ୍କାର ହୋଇପାରିବ, ସେଥିଲାଗି ସରକାର ଚିନ୍ତା କରୁଛନ୍ତି। ସ୍ୱର୍ଗଦ୍ୱାରରେ ଶବଦାହ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଆପଣେଇବାକୁ ଯାଉଛନ୍ତି ବୋଲି ବୋଲି ଗୁରୁବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି ସ୍ୱର୍ଗଦ୍ୱାର ସେବା ସମିତିର ଆବାହକ ତଥା ଉପଜିଲ୍ଲାପାଳ ରାଜକିଶୋର ଜେନା। ସେ କହିଛନ୍ତି, ଏହି ବ୍ୟବସ୍ଥା ଦ୍ୱାରା ଆମ ପରମ୍ପରା କ୍ଷୁଣ୍ଣ ନହେବା ସହ କମ୍ ସମୟ ଓ ପ୍ରଦୂଷଣ ବି କମ୍ ହେବ। ପରୀକ୍ଷାମୂଳକ ଭାବେ ଏହି ବ୍ୟବସ୍ଥା ଲାଗୁ କରାଯିବ। ତାହା ହେଉଛି ଉଡ୍ ବେସ୍‌ଡ ଫର୍ଣ୍ଣେସ। ପରୀକ୍ଷାମୂଳକ ଭାବେ ୪ଟି କରାଯିବାର ଯୋଜନା ରହିଛି। ଏଥିରେ କମ୍ ସମୟରେ ଶବଦାହ ହୋଇପାରିବ। ସବୁଠୁ ବଡ଼ କଥା ହେଉଛି, ଏଥିରେ କାଠ କମ୍ ଖର୍ଚ୍ଚ, ପ୍ରଦୂଷଣ କମ୍ ହେବା ସହ ପରମ୍ପରା ଅନୁଯାୟୀ ବି ଶବଦାହ ହୋଇପାରିବ। ତେବେ ଓଏଫ୍‌ଡିସି ପକ୍ଷରୁ ଜାଳେଣି କାଠର ମୂଲ୍ୟ ବୃଦ୍ଧି ହୋଇଥିବା ବେଳେ ସେ ନେଇ ଆଲୋଚନା କରାଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି।

## ଅବଶିଷ୍ଟାଂଶ

### ଭିବି ଜି-ରାମ-ଜି...

ଗାନ୍ଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ଶିବରାଜ ସିଂହ କହିଥିଲେ ଯେ ମହାତ୍ମା ଗାନ୍ଧୀ ଓ ଜବାହରଲାଲ ନେହରୁଙ୍କ ନାମରେ ଏବେ ବି ଅନେକ ଯୋଜନା ରହିଛି। ତେବେ ବିରୋଧୀ ଦଳ ଏଥିରେ ସନ୍ତୁଷ୍ଟ ହୋଇନଥିଲେ। ସେମାନେ ଏହାର ପ୍ରତିବାଦ ଜଣାଇ ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିବା ସହିତ ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। ସେମାନେ ଏହି ବିଲର କପି ଚିରିବା ସହିତ ଏହାକୁ ଖଣ୍ଡ ଖଣ୍ଡ କରି ବାଚସ୍ପତିଙ୍କ ଚୌକି ଆଡ଼କୁ ଫିଙ୍ଗିଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ଓମ ବିର୍ଲା ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ।

ଏହାପୂର୍ବରୁ ଆଜି ସକାଳେ ବିରୋଧୀ ଦଳ ଏକତ୍ରିତ ହୋଇ ସଂସଦ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଏହି ବିଲକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଥିଲେ ଯେ ଏହି ବିଲ ହେଉଛି ମହାତ୍ମା ଗାନ୍ଧୀଙ୍କ ପ୍ରତି ଅପମାନ। ସୂଚନାଯୋଗ୍ୟ ଯେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଉଚ୍ଛେଦ କରି ଏହା ବଦଳରେ ସରକାର ସଂସଦରେ ଯେଉଁ ବିଲ୍ ଆଣିଛନ୍ତି ସେଥିରେ ନୂଆ ଯୋଜନାର ନାମ ରଖାଯାଇଛି ବିକଶିତ ଭାରତ ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିସନ-ଗ୍ରାମୀଣ (ଭିକେ ଜି-ରାମ-ଜି)। ଏହି ସ୍କିମ୍‌ରେ ଅଣକୁଶଳୀ କାମ କରିବାକୁ ଇଚ୍ଛୁକ ପ୍ରତ୍ୟେକ ଗ୍ରାମୀଣ ପରିବାର ପାଇଁ ପ୍ରତିବର୍ଷ ୧୨୫ଦିନର ରୋଜଗାର ଗ୍ୟାରେଣ୍ଟି ଦିଆଯାଇଛି। କାମ ସରିବାର ସପ୍ତାହେ କିମ୍ବା ୧୫ ଦିନ ମଧ୍ୟରେ ମଜୁରି ପ୍ରଦାନ କରାଯିବ। ଏହି ସମୟ ମଧ୍ୟରେ ମଜୁରି ନ ମିଳିଲେ ବେକାରୀ ଭତ୍ତା ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଛି। ନୂଆ ସ୍କିମରେ କାମକୁ ୪ ଭାଗରେ ବିଭକ୍ତ କରାଯିବ। ଏଗୁଡ଼ିକ ହେଲା ଜଳ ନିରାପତ୍ତା, ମୌଳିକ ଗ୍ରାମୀଣ ଭିତ୍ତିଭୂମି, ଜୀବିକା ସଂକ୍ରାନ୍ତ ଭିତ୍ତିଭୂମି ଏବଂ ବିପର୍ଯ୍ୟୟ ପ୍ରଶମନ ଲାଗି ସ୍ୱତନ୍ତ୍ର କାର୍ଯ୍ୟ। ଏହି ସ୍କିମରେ ପାରିଦର୍ଶିତା ଆଣିବା ଲାଗି ବାୟୋମେଟ୍ରିକ୍ ଓ ଜିଓଟାଗିଂର ବ୍ୟବସ୍ଥା କରାଯାଇଛି। ମନରେଗାରେ ୧୦୦ ଦିନ କାମ ଗ୍ୟାରେଣ୍ଟି ଥିବା ବେଳେ ଜି ରାମ ଜିରେ ଏହାକୁ ୧୨୫ ଦିନ କରି ଦିଆଯାଇଛି। ତେବେ ଏଥିପାଇଁ ପୂର୍ବଭଳି କେନ୍ଦ୍ର ସରକାର ଆଉ ଶତ ପ୍ରତିଶତ ପାଣ୍ଠି ଯୋଗାଇବେ ନାହିଁ। କେନ୍ଦ୍ର ୬୦ ଭାଗ ଏବଂ ରାଜ୍ୟ ସରକାର ୪୦ ଭାଗ ଅର୍ଥ ଦେବେ ବୋଲି ଏଥିରେ ବ୍ୟବସ୍ଥା କରାଯାଇଛି।

### ନୂଆ ସମୀକରଣର...

ଉଭୟ ନେତାଙ୍କ ସାକ୍ଷାତ ପରେ ରାଜ୍ୟରେ ବିଭିନ୍ନ ଦଳରୁ ଯେଉଁ ନେତାମାନେ ଅସନ୍ତୁଷ୍ଟ ହୋଇ ରହିଛନ୍ତି, ସେମାନଙ୍କୁ ଏକାଠି କରି ଏକ ନୂଆ ରାଜନୈତିକ ସମୀକରଣ ସୃଷ୍ଟି କରିବା ନେଇ ଚେଷ୍ଟା ଆରମ୍ଭ ହୋଇଥିବା ଚର୍ଚ୍ଚା ହେଉଛି। ୨୦୨୬ରେ ଅନେକ ରାଜନୈତିକ ଘଟଣା ଘଟିବା ନେଇ ବିଜୟ ମହାପାତ୍ର ପୂର୍ବରୁ କହିଛନ୍ତି। ମହମ୍ମଦ ମୋକିମ ତାଙ୍କୁ ସାକ୍ଷାତ କରିବା ଏହି ଚର୍ଚ୍ଚାରେ ଆହୁରି ଖୋରାକ୍ ଯୋଗାଇଛି।

### 'ଆମ ପାଇଁ...

କରି ରାସ୍ତାରେ ଧାନ ବିକ୍ରୟ କରିବାପରେ ଚାପଗ୍ରସ୍ତ ହୋଇ ସରକାରଙ୍କ ପକ୍ଷରୁ ପ୍ରାୟ ୧୧ ହଜାର ଟୋକନ ଇସ୍ୟୁ କରାଯାଇଥିଲା। କିନ୍ତୁ ସମସ୍ତ ଚାଷୀର ଶେଷ ଟୋକନ ନଆସିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀ ସଙ୍ଗଠନ ପକ୍ଷରୁ ଘୋଷଣା କରିବାସହ ଆସନ୍ତାକାଲି 'ସମ୍ବଲପୁର ବନ୍ଦ' ଡକରା ଦିଆଯାଇଛି।

ସମ୍ବଲପୁର ଜିଲ୍ଲାରେ ଗତ ଜୁଲାଇରେ ଖରିଫ୍ ଧାନ ବିକ୍ରୟ ପଞ୍ଜିକରଣ ସମୟରେ ଚାଷୀମାନେ ନଭେମ୍ବର ୧ ତାରିଖରୁ ଧାନବିକ୍ରୟ କରିବେ ବୋଲି ଉଲ୍ଲେଖ କରିଥିଲେ। ତେବେ ସରକାର ନୂଆପଡ଼ା ଉପନିର୍ବାଚନ ଯୋଗୁଁ ଏହାକୁ ବିଳମ୍ବ କଲେ। ଡିଏଲପିସି ବୈଠକରେ ନଭେମ୍ବର ୨୮ ତାରିଖରୁ ମଣ୍ଡି ଖୋଲିବ ବୋଲି ଘୋଷଣାକଲା ଜିଲ୍ଲା ପ୍ରଶାସନ। ମିଲର୍‌ମାନେ ରେଜିଷ୍ଟ୍ରେସନ ଓ ସିକ୍ୟୁରିଟି ଡିପୋଜିଟ୍ ନକରିବାରୁ ଧାନକିଣା ଆରମ୍ଭ ହୋଇପାରିଲା ନାହିଁ। ଫଳରେ ଚାଷୀ ଆନ୍ଦୋଳନମୁହାଁ ହେଲା। ଡିସେମ୍ବର ୧ ତାରିଖରେ ସିନ୍ଦୂରପଙ୍କସ୍ଥିତ ତୁମ୍ବେସିଂହାରେ ଚାଷୀମାନେ ଜାତୀୟ ରାଜପଥ ଅବରୋଧ କଲେ। ଏହାପରେ ରାତାରାତି ମିଲରଙ୍କ ରେଜିଷ୍ଟ୍ରେସନ ହୋଇ ପରଦିନଠାରୁ ଧାନ ଉଠିଲା। ତେବେ, ସରକାର ମାତ୍ର କେଇ ହଜାର ଟୋକନ ଇସ୍ୟୁ କରି ଅଟକିଗଲେ। ଜିଲ୍ଲାସ୍ତରରେ ଡିଏଲପିସିକୁ କ୍ଷମତାହୀନ କରାଯାଇଥିବାରୁ ଅସହାୟତା ପ୍ରକାଶ କଲା ଯୋଗାଣ ବିଭାଗ ଓ ଜିଲ୍ଲା ପ୍ରଶାସନ। ବହୁସଂଖ୍ୟକ ଚାଷୀ ପ୍ରଥମ ପର୍ଯ୍ୟାୟ ଟୋକନ ପାଇ ନଥିବାବେଳେ ଅନେକ ଚାଷୀ ୭୫ କ୍ୱିଣ୍ଟାଲ ଧାନ ବିକ୍ରୟ ପରେ ବଳକା ଧାନ ଜଗି ବସିରହିଲେ। ପୁଣି ଚାଷୀମାନେ ଟୋକନ ପାଇଁ ୧୨ ତାରିଖରେ ଜାତୀୟ ରାଜପଥରେ ୩ଟି ଜାଗାରେ ରାସ୍ତାରୋକ କଲେ। ଟୋକନ ଦେବା ବଦଳରେ ପୁଲିସ ଚାଷୀମାନଙ୍କୁ ଗିରଫ କଲା। ଟୋକନ ସମସ୍ୟାକୁ ନେଇ ସରକାରଙ୍କ ଆଭିମୁଖ୍ୟର ପ୍ରତିବାଦ କରିବାସହ ଚାଷୀମାନେ ୧୯ ତାରିଖ ସମ୍ବଲପୁର ବନ୍ଦ ଡକରା ଦେଇଛନ୍ତି।

### ଦୁର୍ଘଟଣାରେ ଦିନକୁ...

ମୃତ୍ୟୁ ଘଟୁଛି। ଏହି ମୃତ୍ୟୁସଂଖ୍ୟା ମଧ୍ୟରେ ୧୦ ହଜାର ହେଉଛନ୍ତି ଶିଶୁ। ପୁଣି ସ୍କୁଲ କଲେଜ ନିକଟରେ ଦୁର୍ଘଟଣା ଯୋଗୁଁ ଆହୁରି ୧୦ ହଜାର ଲୋକ ପ୍ରାଣ ହରାଇଥିଲେ ବୋଲି ଏହି ସୂତ୍ରରୁ ଜଣାପଡ଼ିଛି।

ଆସନ୍ତାବର୍ଷ ୨୦୨୬ ସୁଦ୍ଧା ଦେଶବ୍ୟାପୀ ଉପଗ୍ରହ ଆଧାରିତ ଟୋଲ ପ୍ରଣାଳୀ ଲାଗୁ ହେବ। ଏହା ଉପଗ୍ରହ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଉପରେ ଆଧାରିତ ହେବ।। ଗାଡ଼ି ତଥା ବାହନଗୁଡ଼ିକରୁ ଫାଷ୍ଟଟ୍ୟାଗ୍ ଓ ନମ୍ବର ପ୍ଲେଟ ଚିହ୍ନଟ କରିବା ଟେକ୍‌ନିକ ଜରିଆରେ ନ ଅଟକାଇ ଟୋଲ୍ ଆପେଆପେ କଟିବ। ଏହାଦ୍ୱାରା ୧, ୫୦୦ କୋଟି ଟଙ୍କାର ଇନ୍ଧନ ବଞ୍ଚିପାରିବ ଓ ୬, ୦୦୦ କୋଟି ଟଙ୍କାର ଅତିରିକ୍ତ ରାଜ୍ୟସ୍ୱ ବୃଦ୍ଧି ପାଇବ। ପ୍ରଥମେ ଟୋଲ ପାର କରିବାକୁ ୩ରୁ ୧୦ ମିନିଟ ସମୟ ଲାଗୁଥିବା ବେଳେ ଏବେ ଏହି ସମୟକୁ ଶୂନ୍ୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଗଡ଼କାରୀ କହିଛନ୍ତି।

# ଓଆରଏସ ଗ୍ରୁପ୍-ବି ଅଧିକାରୀଙ୍କ ଗ୍ରେଡେସନ ତାଲିକା ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ଅଙ୍କୁଶ

କଟକ, ୧୮ ।୧୨ (ସମିସ): ଓଡ଼ିଶା ରାଜସ୍ୱ ସେବା (ଓଆର୍‌ଏସ୍) ଗ୍ରୁପ୍-ବି ଅଧିକାରୀଙ୍କ ଗତ ୨୦୨୫, ଜୁନ ୨୫ର ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକା ଉପରେ ହାଇକୋର୍ଟ ଆଜି ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଏହି ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକା ଆଧାରରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କିଛି ଅଗ୍ରଗତି ହୋଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ରଣଜିତ କୁମାର ଦାଶ ଓ ଧନଞ୍ଜୟ ସାହୁଙ୍କ ତରଫରୁ ଦାୟର ମାମଲାର ଏକତ୍ର ଶୁଣାଣି କରି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିବା ସହ ମାମଲାରେ ସରକାରଙ୍କୁ ଜବାବ ତଲବ କରିଛନ୍ତି। ୨୦୨୬ ଜାନୁଆରି ଶେଷ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ଓଆରଏସ୍ ଗ୍ରୁପ୍-ବି ଅଧିକାରୀଙ୍କୁ ଓଏଏସ୍ ପଦକୁ ପଦୋନ୍ନତି ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ ପୂର୍ବକ ପ୍ରୋଭିଜନାଲ ଗ୍ରେଡେସନ ତାଲିକା ୨୦୨୫, ଜାନୁଆରି ୧୭ରେ ପ୍ରକାଶ ପାଇଥିଲା। ଓଆରଏସ୍ ନିୟମାବଳୀର ନିୟମ-୮ ର ଉଲ୍ଲଂଘନ କରାଯାଇ କମ୍ ବେତନ ହାରରେ ଥିବା ଅଧିକାରୀଙ୍କୁ ଅଧିକ ବେତନ ହାରରେ ଥିବା ଅଧିକାରୀଙ୍କ ଉପରେ ତାଲିକାଭୁକ୍ତ କରାଯାଇଛି ବୋଲି ଆବେଦନକାରୀ ଆପତ୍ତି ଜଣାଇଥିଲେ ମଧ୍ୟ ଏହାକୁ ବିଚାର ନ କରି ଜୁନ୍ ୨୫ରେ ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକା ପ୍ରକାଶ ପାଇଥିଲା। ଏହାକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅମୀୟ କୁମାର ଛାଟୋଇ ମାମଲା ପରିଚାଳନା କରୁଛନ୍ତି।

# ଜଷ୍ଟିସ ସଂଗମ ସାହୁ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି

କଟକ, ୧୮ ।୧୨ (ସମିସ): ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ସଂଗମ କୁମାର ସାହୁ ପାଟନା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ହେବେ। ଏନେଇ ସୁପ୍ରିମକୋର୍ଟଙ୍କ କଲେଜିୟମ ଜଷ୍ଟିସ ସାହୁଙ୍କ ନାମ ସୁପାରିସ କରିଛି। ୧୯୬୪ ମସିହା ଜୁନ୍ ୫ ତାରିଖରେ କଟକରେ ଜନ୍ମିତ ଜଷ୍ଟିସ ସାହୁ କଟକ ନୂଆବଜାର ହାଇସ୍କୁଲରୁ ମାଟ୍ରିକ୍ ଶିକ୍ଷା ଶେଷ ପରେ ଷ୍ଟିୱାର୍ଟ ସାଇନ୍ସ କଲେଜରୁ ସ୍ନାତକ ବିଜ୍ଞାନ ଶିକ୍ଷା ସମାପ୍ତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଓ ଇଂରାଜୀରେ ସ୍ନାତକୋତ୍ତର କରିଥିଲେ। କଟକର ଦି ଲ' କଲେଜରୁ ଏଲଏଲବି ଶିକ୍ଷା ଶେଷ କରିବା ପରେ ୧୯୮୯ ନଭେମ୍ବର ୨୬ରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦରେ ଓକିଲ ଭାବେ ପଞ୍ଜୀକରଣ କରିଥିଲେ। ଫୌଜଦାରୀ ଆଇନ ଓ ଚାକିରି ସମ୍ପର୍କିତ ମାମଲାଗୁଡ଼ିକୁ ସେ ଜିଲ୍ଲା କୋର୍ଟ, ହାଇକୋର୍ଟ, ଖାଉଟି ଫୋରମ୍, ସ୍ୟାଟ, କ୍ୟାଟ୍‌ରେ ଦକ୍ଷତାର ସହ ପରିଚାଳନା କରିଥିଲେ। ଗତ ୨୦୧୪ ଜୁଲାଇ ୨ରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବରେ ନିଯୁକ୍ତ ହୋଇଥିଲେ।



ଉଲ୍ଲେଖଯୋଗ୍ୟ, ଶେଷଥର ପାଇଁ ଗତ ୨୦୨୪ ଜୁଲାଇ ୫ରେ ଓଡ଼ିଶା ହାଇକୋର୍ଟରୁ ଜଷ୍ଟିସ୍ ବିଦ୍ୟୁତ୍ ରଂଜନ ଷଡ଼ଙ୍ଗୀ ଝାଡ଼ଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଶପଥ ନେଇଥିଲେ।

**■ ହାଇକୋର୍ଟଙ୍କୁ ଅବଗତ କଲେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ**

# ରାଜ୍ୟରେ ୨୬୬୯ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ

କଟକ, ୧୮ ।୧୨(ସମିସ): କଟକ ସହର ସମସ୍ୟା ସମ୍ପର୍କିତ ମାମଲା ଶୁଣାଣି ବେଳେ ରାଜ୍ୟର ସମସ୍ତ ମହାବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ରହିଥିବା ସମସ୍ୟା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ କଟକର ଶୈଳବାଳା ମହାବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅର୍ଥ ମଞ୍ଜୁର କରିଥିବା ବେଳେ ରାଜ୍ୟର ଅନ୍ୟ ମହାବିଦ୍ୟାଳୟ ଗୁଡିକ ପାଇଁ କଣ ପଦକ୍ଷେପ ନିଆଯାଇଛି, ସେନେଇ ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଭାଗୀୟ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆଜି ମାମଲା ଶୁଣାଣି ବେଳେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ରାଜ୍ୟର ବିଭିନ୍ନ କଲେଜରେ ୨୬୬୯ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ବୋଲି ହାଇକୋର୍ଟଙ୍କୁ ଅବଗତ କରିଥିଲେ। ଏମାନଙ୍କ ମଧ୍ୟରୁ ୩୫୩ ଜଣ ଦୃଷ୍ଟିବାଧିତ, ୨୧୬ଜଣ ଶ୍ରୁତିବାଧିତ ଓ ୧୨୩୪ଜଣ ଶାରୀରିକ ଭିନ୍ନକ୍ଷମ ବୋଲି ଜଣାପଡ଼ିଛି। ମହାବିଦ୍ୟାଳୟରେ ବାଧାମୁକ୍ତ ଚଳାଚଳ ପାଇଁ ରାମ୍ପ ସହ ଶୌଚାଳୟ ସୁବିଧା, ଲିଫ୍ଟ, ବ୍ରେଲି ପୁସ୍ତକ ଆଦି ନଥିବା ନେଇ ପୂର୍ବରୁ ଆଡଭୋକେଟ କମିଟି ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।


**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ପ୍ଲଟ୍ ନଂ.-୧୩୮/୨୦୩୦/୨୫//୮ ପ୍ରଥମ ମହଲା, ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ ରିଙ୍ଗ ରୋଡ୍,ରାୟଗଡା-୭୬୫୦୦୧(ଓଡ଼ିଶା)
CCI | ମୋବାଇଲ ଆପ

ସଂଖ୍ୟା: ଭାକନି / ରାୟଗଡ଼ା /୨୦୨୫-୨୬ ତାରିଖ: ୧୮.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରିପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପ୍‌ରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର/ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ

ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।

ଚାଷୀମାନଙ୍କର ସ୍ୱୟଂ ପଞ୍ଜୀକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନ କରି ପଞ୍ଜୀକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତିକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/- ଶାଖା ପ୍ରମୁଖ



**VEHICLE FOR SALE**

ASHOK LEYLAND 4825,MODEL 2024, Regn. No - OD-07-AT-7630 in as is where is condition. Contact: M/S Sundaram Finance Limited, BERHAMPUR BRANCH, Ph:0680- 2290703, MOB - 94375 77759, within 7 days.

**NOTICE**

By virtue of an affidavit sworn before The Executive Magistrate, Sukruli, Mayurbhanj, dated 15.12.2025, I, Dharitri Nayak, Address Village-Pandabilla, PO-Khiching, PS-Raruan, Dist-Mayurbhanj, Pin-757039 declare that I have changed my name from Dharaitri Nayak to Dharitri Nayak. Henceforth, I shall be known as Dharitri Nayak for all purposes.

Dharitri Nayak

**AFFIDAVIT (FOR MINOR)**

By virtue of an affidavit sworn before Executive Magistrate, Banpur, vide no- 3385, dated-4/9/2025 I, Gitanjali Barik, aged about -30 years, Address - W/o- Bibhuti Bhusan Barik, At- Ranipada, Po- Kumarang Sasan, Ps- Banpur, Dist- Khordha, Odisha, Pin-752031, declare that I have changed the name of my minor daughter from Subyashriya Barik to **Subhasriya Barik.** Henceforth, he shall be known as **Subhasriya Barik** for all purposes.

**Subhasriya Barik**

**NOTICE**

By virtue of an affidavit sworn before The Executive Magistrate, Sukruli, Mayurbhanj, dated 09.12.2025 I, Kholana Bhoi, Address Village-Tangia, PO-Jhadghosada, PS-Raruan, Dist-Mayurbhanj, Pin-757039 declare that I have changed my name from Khulana Bhoi to Kholana Bhoi. Henceforth, I shall be known as Kholana Bhoi for all purposes.

Kholana Bhoi

**AFFIDAVIT**

I, Latha Sahu, aged about 61 years, W/o- Sivaram Sahu, resident of At-srichandanpur, Po-bangurigaon, Ps-kakatpur, Dist- Puri, Odisha, Pin- 752118 declare by this affidavit No. 2551, dtd-18/12/2025, that now onwards I shall be known as **LATA SAHU** for all future purposes.

**AFFIDAVIT**

I, **Mamata Padhy**, Wife of Trilochan Sahu, resident of Plot No. 43/1703, Near Indraprasta, Phase II, Union Bank, Pokhariput, Aerodrome Area, PS-Airfield, Bhubaneswar, Dist. Khordha, Pin-751020, Odisha, declare by this affidavit No. 752 **Dtd. 13/12/2025** that now onwards, I shall be known as **MAMATA KUMARI PADHY** for all future purposes.

**ନାମ ପରିବର୍ତ୍ତନ**

ମୁଁ ଉଷାରାଣୀ ପଢ଼ିହାରୀ, ବୟସ-୫୭ ବର୍ଷ, ସ୍ୱାମୀ-ସ୍ୱର୍ଗତଃ ନିରଞ୍ଜନ ପଢ଼ିହାରୀ, ଗ୍ରାମ/ପୋ- ଗୋଲାଢ଼ିଆ, ଥାନା-ଚାନ୍ଦବାଲି, ଜିଲ୍ଲା- ଭଦ୍ରକ, ଏହିକି ମୋର ଆଧାର କାର୍ଡ଼ ରେ ମୋର ନାମ ଉଷାରାଣୀ ପଢ଼ିହାରୀ ଓ ଜନ୍ମ ତାରିଖ- ୦୧/୦୫/୧୯୬୮ ଉଲ୍ଲେଖ ଥାଇ ଆର ପି ଏଲ୍ ଆଇ ପଲିସି ବଣ୍ଡ ନଂ- **R-OR-EA-201303** ରେ ମୋର ନାମ ଉଷାରାଣୀ ପଢ଼ିହାରୀ ପରିବର୍ତ୍ତେ ଉଷାମଣୀ ଦାସ ବୋଲି ଉଲ୍ଲେଖ ଅଛି। ଏଗଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଚାନ୍ଦବାଲିଙ୍କ ନିକଟରେ ଏଫିଡାଭିଡ୍ ନଂ - **7883**, ତା- **12/12/2025** ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ରରେ ଉଷାରାଣୀ ପଢ଼ିହାରୀ, ସ୍ୱାମୀ- ନିରଞ୍ଜନ ପଢ଼ିହାରୀ, ନାମରେ ପରିଚିତ ହେବି।

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

*Campus:*
262, Puranpadhan, Balakati, Bhubaneswar

Mob. 7019799641, 7978608747
9853801459
Email: mdscnbbsr@gmail.com

- **B. Pharm** *Rs. 58,000/- P.A.* Eligibility: +2 Sc. (PCB/M & OJEE Appeared)
- **D. Pharm** *Rs. 48,000/- P.A.* Eligibility: +2 Sc. (PCB/M)
- **B.M.L.T.** *Rs. 58,000/- P.A.* Eligibility: +2 Sc. (PCB/M with 50 % Mark)
- **D.M.L.T.** *Rs. 48,000/- P.A.* Eligibility: +2 Sc. Pass (PCB/M)
- **M.P.H.** *Rs. 42,000/- P.A.* Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**

By virtue of an affidavit (CF No. 86) sworn before The Executive Magistrate, Bhubaneswar, date: 18/12/2025. I, Jayashree Dash, W/o- Madanmohan Shyamasundar Dash, resident of Plot No. 572, Gothapatna, Near Sai Prattik Apartment, Bhubaneswar, Dist- Khordha, PIN- 751003, Odisha declare that I have changed my name from **Jayashree Meher to Jayashree Dash.** Henceforth, I shall be known as **Jayashree Dash** (new name) for all purposes.

**JAYASHREE DASH**

C-1820

ବିଜ୍ଞାପିତ ଅଂଚଳ ପରିଷଦ, ରେଢାଖୋଲ

**OFFICE OF THE NOTIFIED AREA COUNCIL, REDHAKHOL**
(ODISHA), DIST – SAMBALPUR
E-mail: eonacrdi@gmail.com

**'e' PROCUREMENT NOTICE**
No. 3051 / NAC Dt. 16.12.2025
Bid Identification No.: RDL NAC - 4/2025-26
Tender ID: 2025_ORULB_123226

The Municipal Executive Officer on behalf of NAC Redhakhol invites tenders in Single Cover System. Bid documents consisting of specification, the Schedule of Quantities and the set of terms and conditions of contract and other necessary documents can be seen in the Govt. Website i.e. **https://tendersodisha.gov.in**

1. Number of Civil works / Others : 36 numbers
2. Estimated Cost : Rs. 0.64 lakh to Rs. 8.47 lakh
3. Period of completion : As per NIT
4. Date & time of availability of bid documents in the portal : From 10.00 A.M. of 17.12.2025 to 04.00 P.M. of 29.12.2025
5. Last Date & Time for receipt of bids in the portal : 04.00 P.M. of 29.12.2025
6. Bids will be opened on : 04.30 A.M. on 29.12.2025
7. Name and address of the officer inviting bid : Executive Officer, NAC Redhakhol

Sd/- Executive Officer
NAC Redhakhol

OIPR-13175/11/0013/2526

**ସର୍ବସାଧାରଣ ବିଜ୍ଞପ୍ତି**

ଏହି ଦ୍ୱାରା ସୂଚନା ଦିଆଯାଉଛି ଯେ, ମିସେସ ଲିଂଗାମ ଜସ୍ୱଲାକ୍ଷ୍ମୀ (ଏହିରାପରେ ମୋର୍ଟଗେଜର / ବୋର୍ରୋଅର କୁହାଯାଇଛନ୍ତି) ନିମ୍ନଲିଖିତ ସିଦ୍ଧ ସମ୍ପତ୍ତିର ମୋର୍ଟଗେଜ ଆମ କ୍ଲାଇଣ୍ଟ IDFC FIRST Bank Limited - ଶାଖା ଠିକଣା ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍, ଜସ୍ପୁର ଶାଖା, ପ୍ଲଟ ନଂ-୧୨୨୧, ଏମଜି ରୋଡ, ଜସ୍ପୁର, ପିନ-୭୬୪୦୦୧, ଜିଲ୍ଲା-କୋରାପୁଟସ୍ଥିତ ବ୍ୟାଙ୍କର ସପକ୍ଷରେ ସୃଷ୍ଟି କରିଛନ୍ତି। ଉକ୍ତ ମୋର୍ଟଗେଜରଙ୍କର ଅରିଜିନାଲ ଦଲିଲ ଯଥା ରେକର୍ଡ ଅଫ ରାଇଟ (ROR) ଖାତା ନଂ - ୬୫ ଏବଂ ପ୍ଲଟ ନଂ -୨୫, ମାଧୁରୀ କୁମାରୀ ପାତ୍ର ନାମରେ ୨୦୨୩ ସାଲରୁ ରେକର୍ଡ ହୋଇଛି, ହରାଇ ଯାଇଛି / ନିଖୋଜ ହୋଇଛି ଏବଂ ମିଳୁନାହିଁ। ଯଦି ଉପରୋକ୍ତ ଅରିଜିନାଲ ଦଲିଲ ଏବଂ ROR ଦଲିଲ କେହି ପାଇଥାନ୍ତି, ତେବେ ତାହା ନିମ୍ନ ଠିକଣାରେ ହସ୍ତାନ୍ତର କରିବା ହେବେ। ଏହା ସହିତ, ଯଦି କେହି ବ୍ୟକ୍ତି, ସଂସ୍ଥା, ସଂଗଠନ ଉକ୍ତ ସମ୍ପତ୍ତି ସମ୍ବନ୍ଧରେ କୌଣସି ଦାବି, ଆପତ୍ତି କିମ୍ବା ସମ୍ପର୍କ ରଖିଥାନ୍ତି ତେବେ ସେମାନେ ଏହି ନୋଟିସ ପ୍ରକାଶନର ୧୪ ଦିନ ମଧ୍ୟରେ ଦସ୍ତାବିଜ ପ୍ରମାଣ ସହ ନିମ୍ନ ଠିକଣାରେ ସୂଚନା ଦିଅନ୍ତୁ, ନ ହେଲେ ସେମାନଙ୍କ ଦାବି ପରିତ୍ୟକ୍ତ ଏବଂ ତ୍ୟାଗ କରାଯାଇଛି ବୋଲି ଗଣାଯିବ। ୧୪ ଦିନ ପରେ ଉଠାଯାଇଥିବା କୌଣସି ଆପତ୍ତି ଉକ୍ତ ସମ୍ପତ୍ତି ବା ମୋର କ୍ଲାଇଣ୍ଟ ଉପରେ ବାଧ୍ୟତା ସୃଷ୍ଟି କରିବ ନାହିଁ।

ସମ୍ପତ୍ତିର ବିବରଣୀ: ଖାତା ନଂ -୬୫, ପ୍ଲଟ ନଂ -୨୫, ମୌଜା-ନୀଳକଣ୍ଠେଶ୍ୱରପୁର, ତହସିଲ-ଜସ୍ପୁର, ଜିଲ୍ଲା-କୋରାପୁଟ
ସ୍ଥାନ: ଜସ୍ପୁର, ତାରିଖ: ୦୭ ଡିସେମ୍ବର ୨୦୨୫
ପ୍ୟାନେଲ ଆବେଦକ ନାମ ଏବଂ ଠିକଣା:
ମେନ ରୋଡ, ଜସ୍ପୁର, କୋରାପୁଟ-୭୬୪୦୦୧
ଶ୍ରୀ ସୁବାଶ ଚନ୍ଦ୍ର ପଣ୍ଡା, ମୋବାଇଲ: ୯୪୩୭୨୩୪୨୬୪

## ରାସ୍ତାରେ ଉଡୁଛି ଜିପସମ

# ଦେଖାଯାଉନି ରାସ୍ତା, ହାତ ଠାରି ଡାକୁଛି ଦୁର୍ଘଟଣା

ପାରାଦୀପ, ୧୮।୧୨(ସମିସ)



- ଦୁର୍ଦ୍ଦଶା ଭୋଗୁଛନ୍ତି ସ୍ଥାନୀୟ ଲୋକେ
- କେତେ ଯେ ଗଲାଣି ଜୀବନ, ପ୍ରଶାସନର ନିଘା ନାହିଁ

ଚଣ୍ଡିଖୋଲରୁ ପାରାଦୀପ ଜାତୀୟ ରାଜପଥର ସମ୍ପ୍ରସାରଣ କାମ ଏବେ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏହାମଧ୍ୟରେ ପାରାଦୀପ ଅଠରବାଙ୍କୀରୁ ଭୂତମୁଣ୍ଡାଇ ପର୍ଯ୍ୟନ୍ତ ଏହି ରାସ୍ତା କାମ ମଧ୍ୟ ଚାଲିଛି। ଠିକା ସଂସ୍ଥାର ବେପରୁଆ ନିଷ୍ପତ୍ତି ପାଇଁ ଦୁର୍ଘଟଣା ଘଟୁଛି। ଜୀବନ ମଧ୍ୟ ଯାଉଛି। ପାଖାପାଖି ଏହି ୭ କିମି ରାସ୍ତାର ଅବସ୍ଥା କଥା କହିଲେ ବହୁ ଦୁଃଖ ଲାଗେ। ରାସ୍ତାର ଅବସ୍ଥା ଓ ରାସ୍ତା କାମ ବେଳେ ସ୍ଥାନୀୟ ପରିବେଶର କଥା ବିଭିନ୍ନ ଗଣମାଧ୍ୟମରେ ବହୁବାର ପ୍ରକାଶ ପାଇଥିଲେ ମଧ୍ୟ କେହି ବି ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଦୁର୍ଦ୍ଦଶା ଭୋଗୁଛନ୍ତି ସ୍ଥାନୀୟ ଲୋକେ। ଠିକା ସଂସ୍ଥା ଏଆରଏସଏସ ଠିକ ଢଙ୍ଗରେ କାମ କରୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କାମ ଏଭଳି ଢଙ୍ଗରେ ହେଉଛି ଯାହା ସ୍ଥାନୀୟ ଅଧିବାସୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଜିପସମ ଉଡୁଥିବାରୁ ଲୋକେ ଅଣନିଶ୍ୱାସୀ ହୋଇପଡୁଛନ୍ତି। ଏହା ମଧ୍ୟ ରୋଗର କାରଣ ଭାବେ ଉଭା ହୋଇଛି।

ଜିପସମ ଉଡ଼ିବା ଦ୍ୱାରା ରାସ୍ତା ଦେଖାଯାଉନାହିଁ। ଦୁର୍ଘଟଣା ଘଟୁଛି। ଆଉଏକ କଥା ହେଲା ଠିକା ସଂସ୍ଥାର ବେପରୁଆ ନିଷ୍ପତ୍ତି ଯାହା ସବୁଠାରୁ ବଡ କଷ୍ଟ ଦେଉଛି। ମୁଖ୍ୟ ରାସ୍ତା ବନ୍ଦ କରି ସର୍ଭିସ ରାସ୍ତାରେ ଯାତାୟାତ ପାଇଁ ଛାଡୁଛନ୍ତି। ସର୍ଭିସ ରାସ୍ତାରେ ସିଗ୍ନାଲ କିମ୍ବା ସୁରକ୍ଷା ବ୍ୟବସ୍ଥା ପାଇଁ ଲୋକ ନିୟୋଜିତ କରିନାହାଁନ୍ତି। ଫଳରେ ଲୋକେ ରାସ୍ତା କେଉଁଠି ଆରମ୍ଭ ଓ କେଉଁଠି ଶେଷ ଓ କେଉଁଆଡ଼େ ଗଲେ ଠିକ ଜାଗାରେ ପହଞ୍ଚି ହେବ, ସେ ସମ୍ପର୍କରେ କିଛି ଜଣାପଡୁନାହିଁ। ଚଳିତ ସପ୍ତାହରେ ଏହି ଅବ୍ୟବସ୍ଥା ପାଇଁ କୁଜଙ୍ଗ କଲେଜର ଜଣେ ଅଧ୍ୟାପକଙ୍କ ଜୀବନ ଗଲା। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ରାସ୍ତା ସମ୍ପ୍ରସାରଣ ସାଙ୍ଗକୁ ଦୋଛକି ଓ ପାରାଦୀପଗଡ଼ରେ ଓଭରବ୍ରିଜ ନିର୍ମାଣ ମଧ୍ୟ ଚାଲିଛି। ଏଥିପାଇଁ ରାସ୍ତା ସଙ୍କୁଚିତ ହୋଇ ରାସ୍ତା ସବୁବେଳେ ଜାମ ହେଉଛି। ପଣ୍ୟବାହୀ ଟ୍ରକ ରାସ୍ତାରେ ଠିଆ ହେବା ଦ୍ୱାରା ରାସ୍ତା ଜାମ ହେଉଛି। ଲୋକେ ଅଠରବାଙ୍କୀରୁ ଭୂତମୁଣ୍ଡାଇ ପର୍ଯ୍ୟନ୍ତ ଅତିକ୍ରମ କରିବାକୁ ଭୟ କରୁଛନ୍ତି।

ଅନ୍ୟପକ୍ଷରେ ଏହି ରାସ୍ତା ହେଉଛି ସର୍ବଭାରତୀୟ ସ୍ତରରେ ଏକ ନମ୍ବର ପୋର୍ଟର ସ୍ଥାନ ଅଳଙ୍କୃତ କରିଥିବା ପାରାଦୀପ ବନ୍ଦରକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତା। ଜାତୀୟ ରାଜପଥର ମାନ୍ୟତା ପାଇଛି ସତ କିନ୍ତୁ ଏହା ଏବେ ମଣିଷଖିଆ ରାସ୍ତାରେ ପରିଣତ ହୋଇଛି। ପ୍ରତିଦିନ ଏଠି ଘଟେ ଦୁର୍ଘଟଣା ଓ ପ୍ରତିଦିନ ଏହି ରାସ୍ତାରେ ପଡେ ରକ୍ତର ଛିଟା। ବାଣିଜ୍ୟ ନଗରୀ ପାରାଦୀପକୁ ପ୍ରତିଦିନ ରାଜ୍ୟ ଓ ରାଜ୍ୟ ବାହାରୁ ଛୁଟି ଆସନ୍ତି ହଜାର ହଜାର ସଂଖ୍ୟାରେ ବିଭିନ୍ନ ପଣ୍ୟବାହି ଟ୍ରକ। ଦିନରାତି ଏଠି ଚାଲେ ଖଣିଜ ପଦାର୍ଥ ଓ ବିଭିନ୍ନ ଜିନିଷ ପତ୍ରର ନବାଆଣିବା। ଏଥି ନିମନ୍ତେ ନିୟୋଜିତ ଟ୍ରକର ଧିରେ ଧିରେ ସଂଖ୍ୟା ବୃଦ୍ଧି ଘଟିଥିବାରୁ ଉପୁଜୁଛି ଅନେକ ସମସ୍ୟା। କେଉଁଠି ରାସ୍ତା ଜାମ ତ ଆଉ କେଉଁଠି ରାସ୍ତାରେ ଦୁର୍ଘଟଣା। ଜଗତସିଂହପୁର ଜିଲ୍ଲାପାଳ ଅଠରବାଙ୍କିଠାରୁ ଜିରୋ ପଏଣ୍ଟ ଓ ତୈଳ ବିଶୋଧନାଗାରଠାରୁ ଟର୍ମିନାଲ ଛକ ପର୍ଯ୍ୟନ୍ତ କରିଛନ୍ତି ନୋ ପାର୍କିଂ ଜୋନର ଘୋଷଣା। ମାତ୍ର ସବୁ ନିୟମକୁ ଫୁ କରିଦେଇଛନ୍ତି ଟ୍ରକ ଚାଳକ। ଫଳରେ ରାସ୍ତା କଡରେ ବେଆଇନ ପାର୍କିଂ ଓ ଶହ ଶହ ଖାଲ ଯୋଗୁଁ ରାସ୍ତା ସଙ୍କୁଚିତ ହେଉଥିବା ଦେଖାଯାଉଛି। ଫଳରେ ଧୂଳି ଧୂସର ଯୋଗୁଁ ସାଧାରଣ ପଥଚାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠି ରାତିଅଧିଆ ଚାଲେ ଖାଲଖମାର ମରାମତି। ବର୍ତ୍ତମାନ ଏଠାରେ ଚାଲିଛି ଜିପସମରେ ତିଆରି ରାଜରାସ୍ତା। ଠିକାଦାର ୮ ଲେନ୍ ବିଶିଷ୍ଟ ରାସ୍ତା ପାଇଁ ଜିପସମ ବ୍ୟବହାର କରୁଥିବାବେଳେ ଏଥିରେ ଯେତିକି ଭାଗର ମାଟି ଓ ବାଲି ବ୍ୟବହାର କରିବା କଥା ତାହା କରୁନାହାନ୍ତି। ଫଳରେ ଗାଡ଼ି ଯିବା ଆସିବା ଯୋଗୁଁ ଜିପସମ ଉଡ଼ି ରାସ୍ତାକୁ ଅନ୍ଧାର କରିଦେଉଛି। ଫଳରେ ବାଇକ୍ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ଜିପସମ ଗୁଣ୍ଡ ଯୋଗୁଁ ବନ୍ଦର ନଗରୀରେ ଏବେ ଲୋକମାନେ ରୋଗାକ୍ରାନ୍ତ ହେବାରେ ଲାଗିଛନ୍ତି। ଜିପସମ ଧୂଳି ଉଡ଼ି ଏଠାରେ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନର ନିଘା ଅଛି ନା ଜାତୀୟ ରାଜପଥ ବିଭାଗର ଚିନ୍ତା। ଯେତେବେଳେ ଦୁର୍ଘଟଣା ଘଟି ଜୀବନ ଚାଲିଯାଏ ସେତେବେଳେ ହୁଏ ରାସ୍ତାରୋକ ଆଉ ପ୍ରଶାସନ ପକ୍ଷରୁ ଦିଆଯାଏ ଅନେକ ପ୍ରତିଶ୍ରୁତି। ସେହି ସମୟ ସରିଲେ ସମସ୍ତେ ଭୁଲିଯାଆନ୍ତି ରାସ୍ତାର ସେହି ଶୋଚନୀୟ ଅବସ୍ଥା କଥା। ଜାତୀୟ ରାଜପଥ ପାଇଁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା, କିନ୍ତୁ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି କେବଳ ଜିପସମ ପକାଇ ରାସ୍ତା କାମ କରି ସାଧାରଣ ଲୋକଙ୍କୁ ମରଣ ମୁହଁକୁ ଠେଲିବା ପାଇଁ ଜାଲ ବସାଉଛି ଠିକାଦାର। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଧ୍ୟାନ ଦେବା ସହିତ ସଠିକ୍ ମେଟେରିଆଲ୍ସରେ କାର୍ଯ୍ୟ କରାଇବା ସହିତ ଉଡୁଥିବା ଧୂଳି ରୋକିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଜିଲ୍ଲା ବରିଷ୍ଠ ନାଗରିକ ଫୋରମ୍‌ର ବାର୍ଷିକ ଉତ୍ସବ

ଜଗତସିଂହପୁର, ୧୮।୧୨(ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୧୯ ଠାକୁରପାଟଣାସ୍ଥ ରୂପଶ୍ରୀ ମଣ୍ଡପରେ ଜଗତସିଂହପୁର ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ମଧୁସୂଦନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ ଉଦଘାଟନ କରିଥିଲେ। ବରିଷ୍ଠ ନାଗରିକ ସମାଜ ପାଇଁ ବୋଝ ନୁହଁନ୍ତି। ସେମାନଙ୍କ ଅଭିଜ୍ଞତା ଓ ଜୀବନ ଦର୍ଶନକୁ




ଆମ୍ଭେମାନେ ସର୍ବଦା ସମ୍ମାନ ଓ ଶ୍ରଦ୍ଧା କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାସ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା ଯୋଗଦେଇ ବରିଷ୍ଠ ନାଗରିକଙ୍କ ସମସ୍ୟା ଓ ସୁସ୍ଥ ସମାଜ ଗଠନରେ ସେମାନଙ୍କ ବଳିଷ୍ଠ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକାରିଣୀ ସଦସ୍ୟ ଦୀପ୍ତି ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ହିତେଶ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ ସୁଭାଷ ରାଉତ ମଞ୍ଚ ପରିଚାଳନା କରିଥିବାବେଳେ କାର୍ଯ୍ୟକାରୀ ସଭାପତି ଭରତ ନାଥ ଧନ୍ୟବାଦ ଦେଇଥିଲେ। ଏ ଅବସରରେ କବିତା ପାଠ, ରକ୍ତଦାନ ଶିବିର, ମ୍ୟାଜିକ ସୋ, ଭଜନ ଆସର ଓ ମାଗଣା ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ସେହିପରି ଆଶ୍ରା ସ୍ୱତନ୍ତ୍ର ଅନୁଷ୍ଠାନ ପକ୍ଷରୁ ପ୍ରଦତ୍ତ ଟ୍ରାଇ ସାଇକଲ ଓ ଶ୍ରବଣ ଯନ୍ତ୍ର ହିତାଧିକାରୀଙ୍କୁ ବର୍ଣ୍ଟନ କରାଯାଇଥିଲା।

## ଆନ୍ତର୍ଜାତିକ ସ୍ତରର ସନ୍ତରଣାଗାର ପାଇଁ ପ୍ରସ୍ତୁତି

ଜଗତସିଂହପୁର, ୧୮।୧୨(ସମିସ): ଜଗତସିଂହପୁର ସଦର ମହକୁମାରେ ହେବ ଆନ୍ତର୍ଜାତିକ ସ୍ତରର ସନ୍ତରଣାଗାର। କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି ତଥା ଜଳ କ୍ରୀଡ଼ା ପାଇଁ ଉଦ୍ୟମ କରିଛନ୍ତି ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ। ସନ୍ତରଣାଗାର ପାଇଁ ବିନିଯୋଗ ହେବ ୨୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା। ଶ୍ରୀ ଦାସ ରାଜ୍ୟ ଯୁବ ଓ କ୍ରୀଡ଼ା ବ୍ୟାପାର ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ସେହିପରି ଆସନ୍ତା ଜାନୁଆରୀ ତୃତୀୟ ସପ୍ତାହ ସୁଦ୍ଧା ୧୨ କୋଟି ଟଙ୍କା ବ୍ୟୟ ଅଟକଳରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ନବକଳେବରର ଶିଳାନ୍ୟାସ, ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପିଜି ବ୍ଲକ ପାଇଁ ମଞ୍ଜୁର ହୋଇଥିବା ୫ କୋଟିର ଏହି ପ୍ରକଳ୍ପର ଶିଳାନ୍ୟାସ, ଜଗତସିଂହପୁର, ନାଉଗାଁରେ ଦୁଇଟି ଷ୍ଟାଡିୟମର ଶିଳାନ୍ୟାସ ପାଇଁ ଜଗତସିଂହପୁର ବିଧାୟକ ଯୋଜନା ପ୍ରସ୍ତୁତି କରିଛନ୍ତି।

## ଓଷ୍ଟା ପକ୍ଷରୁ ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ

ନାଉଗାଁ, ୧୮।୧୨(ସମିସ): ନାଉଗାଁ ବ୍ଲକ ଓଷ୍ଟା ସଂଘ ପକ୍ଷରୁ ନାଉଗାଁ ହାଟସ୍ଥ ସରକାରୀ ଉଚ୍ଚବିଦ୍ୟାଳୟରେ ୪୨ତମ ବ୍ଲକସ୍ତରୀୟ ଶିଶୁ ଉତ୍ସବ ସଭାପତି ସୁକାନ୍ତ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସମସ୍ତ ବିଦ୍ୟାଳୟରୁ ୧୫୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ। ପ୍ରତି ବିଭାଗର ଦୁଇଜଣ ସଫଳ ଛାତ୍ରଛାତ୍ରୀ ଜିଲ୍ଲାସ୍ତର ପ୍ରତିଯୋଗିତା ପାଇଁ ବିଚାରକ ମଣ୍ଡଳୀ ଚୟନ କରିଛନ୍ତି। ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା।



ବ୍ଲକ ସମ୍ପାଦକ ହିମାଂଶୁ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବେଲେ ଜିଲ୍ଲା ଓଷ୍ଟା ସଭାପତି ନାରାୟଣ ସାହୁ, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ଓଷ୍ଟା ସଂଘର ଉପଦେଷ୍ଟା ତଥା ପୂର୍ବତନ ପ୍ରଧାନଶିକ୍ଷକ ନିରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ନିରୋଦ ସ୍ୱାଇଁ, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ହରେକୃଷ୍ଣ ମହାନ୍ତି, ମୁଖ୍ୟବକ୍ତା ଭାବେ ପଞ୍ଚାୟତ ବାଣୀପୀଠ କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅକ୍ଷୟ କୁମାର ରାଉତ ଯୋଗଦାନ କରିଥିଲେ। ବ୍ଲକ ସମ୍ପାଦକ ହିମାଂଶୁ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀମତୀ ସନ୍ତୋଷୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଆଦର୍ଶ ଦାସ, ବୁଲାକି ସେଠୀ, ସନ୍ତୋଷ ଦାସ, ମଧୁ ଖରା, ରାମ ଚନ୍ଦ୍ର ମୁଦୁଲି, ସୁଶାନ୍ତ ଜେନା, ସନ୍ତୋଷ ପରିଡ଼ା, ସଙ୍ଗୀତା ସ୍ୱାଇଁ, ମଧୁସ୍ମିତା ଦାସ, ଫିରୋଜ ଖଣ୍ଡୁଆଳ, ସୌମ୍ୟା ପ୍ରିୟଦର୍ଶିନୀ ସ୍ୱାଇଁ, ମାନସ ବେହେରା, ପ୍ରଶାନ୍ତ ଦାସ, ନୃସିଂହ ରାଉତ ଓ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା ଓ ବିଚାରକ ଭାବେ ସହଯୋଗ କରିଥିଲେ। ଏନସିସି ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ପାରାଦୀପ ମହାବିଦ୍ୟାଳୟରେ ଜାତୀୟ ସମ୍ମାନ ଉଦ୍‌ଯାପିତ

ପାରାଦୀପ, ୧୮।୧୨(ସମିସ): ପାରାଦୀପ ମହାବିଦ୍ୟାଳୟ ଇଂରାଜୀ ବିଭାଗ ପକ୍ଷରୁ ଏକଦିବସୀୟ ଜାତୀୟ ସ୍ତରୀୟ ସମ୍ମାନ ଆଜି ଉଦଯାପିତ ହୋଇଯାଇଛି। ଏହି ସମ୍ମାନ ଇଂରାଜୀ ସାହିତ୍ୟଘରେ କ୍ଲାସିକାଲ ଯୁଗ ଠାରୁ ଉତ୍ତର ଆଧୁନିକ ଯୁଗ ପର୍ଯ୍ୟନ୍ତ ପରିବର୍ତ୍ତନର ଧାରା ଶୀର୍ଷକ ଉପରେ ପର୍ଯ୍ୟବେସିତ ଥିଲା। ମୁଖ୍ୟଅତିଥି ଭାବେ




ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା ପାରାଦୀପ ମହାବିଦ୍ୟାଳୟର ପରିଚାଳନା ସମିତି ସଭାପତି ନିରଞ୍ଜନ ବେହେରା ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଇଂରାଜୀ ବିଭାଗ ମୁଖ୍ୟ ଗଣେଶ୍ୱର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜୀବ ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ଭାଗବତ ନାୟକ, ଆସାମର ବୋର୍ଡଲାଣ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ପ୍ରଦୀପ୍ତ କୁମାର ପାତ୍ର ଓ ପାରାଦୀପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ସୁରେନ୍ଦ୍ର ମୋହନ ମିଶ୍ର ପ୍ରମୁଖ ଯୋଗଦେଇ ଉକ୍ତ ବିଷୟ ଉପରେ ଆଲୋଚନା କରିଥିଲେ। ଏଥିରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, ଗବେଷକ ଯୋଗଦେଇ ତାଙ୍କର ଗବେଷଣାତ୍ମକ ସନ୍ଦର୍ଭ ପାଠ କରିଥିଲେ। ଇଂରାଜୀ ଅଧ୍ୟାପକ ଜୀବନାନନ୍ଦ ଦାସ ନିବନ୍ଧ ପାଠର ପରିଚାଳନା କରିଥିଲେ। ଅଧ୍ୟାପିକା ଶ୍ରୀମତୀ ଶାଶ୍ୱତୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ

ଏରସମା, ୧୮।୧୨(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଏରସମା ବ୍ଲକ ଆନୁକୂଲ୍ୟରେ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଛି। ପଲ୍ଲୀକଣ୍ଠା ପଞ୍ଚାୟତ ହାଡ଼ିବନ୍ଧୁ ଉଚ୍ଚବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ବ୍ଲକ ଅଞ୍ଚଳର ୧୫ଟି ବିଦ୍ୟାଳୟର ୧୯୫ ଜଣ ଛାତ୍ରଛାତ୍ରୀ ୧୦ଟି ବିଭାଗର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅପରାହ୍ନରେ ଓଷ୍ଟା ସଂଘ ବ୍ଲକ ସଭାପତି ତାପସ ମହାନ୍ତିଙ୍କ



ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନ ଉତ୍ସବରେ ଓଷ୍ଟାର ଜିଲ୍ଲା ସଭାପତି ନାରାୟଣ ସାହୁ ମୁଖ୍ୟଅତିଥି ଓ ସହସମ୍ପାଦକ ଅନୀଲ ଜେନା ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ରଶ୍ମିତା ସ୍ୱାଇଁ, ସମିତ ସଭ୍ୟା ସନ୍ଧ୍ୟାରାଣୀ କୁଅଁର, ବିଚିତ୍ର ପଲାଇ, ଭଗବାନ ସ୍ୱାଇଁ, ସରୋଜ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଓଷ୍ଟା ସଂଘ ପୂର୍ବତନ ସମ୍ପାଦକ ଅଭୟ ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ। ପ୍ରଧାନଶିକ୍ଷକ ତଥା ବ୍ଲକ ସମ୍ପାଦକ ଅଜିତ ଲେଙ୍କା ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ଅମ୍ବୁଜ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ସନ୍ଧ୍ୟାରାଣୀ ମୁଦୁଲି, ସ୍ମୃତିରେଖା ସ୍ୱାଇଁ, ପ୍ରଜ୍ଞା ପ୍ରିୟଦର୍ଶିନୀ ନାୟକ, ଶିଳ୍ପା ପ୍ରିୟଦର୍ଶିନୀ, ଓମ୍ ପ୍ରକାଶ ସ୍ୱାଇଁ, ସ୍ମୃତିରଞ୍ଜନ ସାହୁ, ସତ୍ୟପ୍ରକାଶ ଦାସ, ମୋନାଲିସା ଷଡ଼ଙ୍ଗୀ, ପ୍ରାପ୍ତି ପ୍ରିୟଦର୍ଶିନୀ ଦଳାଇ, ସମ୍ପୂର୍ଣ୍ଣା ବାରିକ, ଶୁଭଲକ୍ଷ୍ମୀ ଜେନା, ଅର୍ପିତା ପ୍ରିୟଦର୍ଶିନୀ ସ୍ୱାଇଁ, ସ୍ନେହାସୁମନ ରାଉତ, ଅର୍ପିତା ପ୍ରିୟଦର୍ଶିନୀ, ମିତାଲି ପ୍ରିୟଦର୍ଶିନୀ ଜେନା, ଶୁଭ୍ରାଂଶୁ ବାରିକ, ଅର୍ଚ୍ଚିତା ଦାସ, ଅର୍ଚ୍ଚିତା ନନ୍ଦ ଓ ସୀମାରାଣୀ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା।

## ସେଣ୍ଟ ଜାଭିୟର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବାଲିକୁଦା, ୧୮।୧୨(ସମିସ): ବାଲିକୁଦା ସେଣ୍ଟ ଜାଭିୟର ବିଦ୍ୟାଳୟର ବାର୍ଷିକ କ୍ରୀଡା ଆୟୋଜିତ ହୋଇଛି। ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ଦାସଙ୍କ ସଭାପତିତ୍ୱରେ ଉକ୍ତ କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ ଯୋଗଦେଇ ଉଦଘାଟନ କରିବା ସହ ଛାତ୍ରଛାତ୍ରୀଙ୍କ ଜୀବନରେ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ



ଆଲୋକପାତ କରିଥିଲେ। କ୍ରୀଡା ଶିକ୍ଷକ କନକପ୍ରସାଦ ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଉପାଧ୍ୟକ୍ଷା ଶିକ୍ଷୟିତ୍ରୀ ସୁଚିତ୍ରା ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ଅନୁରାଧା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଶିକ୍ଷୟିତ୍ରୀ ସ୍ନେହପ୍ରଭା ନାୟକ, ପ୍ରଜ୍ଞା ଭାରତୀ କର, ରବିନାରାୟଣ ନାୟକ, ଜ୍ୟୋତି ରଞ୍ଜନ ବାରିକ, ବନ୍ଦିତା ନାୟକ, ପ୍ରଜ୍ଞା ପ୍ରିୟଦର୍ଶିନୀ ସ୍ୱାଇଁ, ସାବିତ୍ରୀ ସାହୁ, ସୁହାନା ଖାତୁନ, ବିଭୂପଦ ଦାସ, ମଧୁସ୍ମିତା ତାରେଣିଆ ପ୍ରମୁଖ ସହଯୋଗ କରିଥିଲେ।

## ବାୟୁସେନା କର୍ମଚାରୀଙ୍କ ସ୍ମୃତିଚାରଣ ସଭା

ତିର୍ତ୍ତୋଲ, ୧୮।୧୨(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ କୋଟକଣା ଗ୍ରାମ୍ୟ କମିଟି ସମ୍ପାଦକ ତଥା ଚାରବାଟିଆ ଚୌଦ୍ୱାର ବାୟୁସେନା କାର୍ଯ୍ୟାଳୟର କର୍ମଚାରୀ ବିଭୂତି ଭୂଷଣ ମଲ୍ଲିକଙ୍କ ଏକାଦଶାହରେ କୋଟକଣାଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି।



ଶିକ୍ଷାବିତ ସାରଦା ପ୍ରସନ୍ନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ପଣ୍ଡିତ ଶିଶିର ପଣ୍ଡା, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ହେମନ୍ତ ସ୍ୱାଇଁ, ସାମାଜିକ କର୍ମୀ ଦେବବ୍ରତ ମହାନ୍ତି, ନିରଞ୍ଜନ ଦାସ, ସାମ୍ବାଦିକ ଶ୍ରୀବତ୍ସ ପାଢ଼ୀ, ସୁବର୍ଣ୍ଣ ପଣ୍ଡାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଓ ଗ୍ରାମବାସୀ ଯୋଗଦେଇ ସର୍ଗତ ମଲ୍ଲିକଙ୍କ ସ୍ମୃତିଚାରଣ କରିଥିଲେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ନାଉଗାଁ, ୧୮।୧୨ (ସମିସ): ଜାମୁଗାଁ ପଞ୍ଚାୟତ ଚକୁଳିପଡ଼ା ଗ୍ରାମର ଧର୍ମପରାୟଣ ବ୍ୟକ୍ତି ନିର୍ମଳ ଚନ୍ଦ୍ର ପାଲଙ୍କ ମଙ୍ଗଳବାର ଦିନ ପରଲୋକ ହୋଇଯାଇଛି। ସେ ୧୯୯୩ରେ ଇସ୍ପାତ



କାରଖାନାରୁ ଅବସର ଗ୍ରହଣ କରିଥିଲେ। ସେ ଜଣେ ଧର୍ମପରାୟଣ, ପରୋପକାରୀ, ମିତ୍ରଭାଷୀ ବ୍ୟକ୍ତି ଥିଲେ। ସେବା ନିବୃତ୍ତ ପରେ ସେ ତାଙ୍କ କନିଷ୍ଠ ପୁତ୍ର କଲ୍ଲୋଳ କୁମାର ରାୟଙ୍କ ସହିତ ସେକ୍ଟର-୧୯ ଅଞ୍ଚଳରେ ଅବସ୍ଥାନ କରୁଥିଲେ। ମୃତ୍ୟୁ ପୂର୍ବରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ଥାଇ ନିଜ ଘରେ ଅବସ୍ଥାନ କରୁଥିଲେ। ବଡପୁଅ ବିମଲ ରାୟ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବହୁ ବ୍ୟକ୍ତି ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

## ବେଥାନି କନଭେଣ୍ଟ ସ୍କୁଲ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ପାରାଦୀପ, ୧୮।୧୨(ସମିସ): ବନ୍ଦର ସହର ପାରାଦୀପର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବେଥାନି କନ୍‌ଭେଣ୍ଟ ସ୍କୁଲର ୧୫ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଇମ୍ପେଟ୍ସ ଆଜି ଉଦଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାରାଦୀପ ମ୍ୟୁନିସିପାଲିଟି ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପାରାଦୀପ ବନ୍ଦରର ମୁଖ୍ୟ ଅର୍ଥ ପରାମର୍ଶଦାତା ଓ ହିସାବରକ୍ଷକ ଅଶୋକ କୁମାର ସାହୁ, ଅଡିସିନାଲ ଏସ୍‌ପି ସ୍ମୃତିରଞ୍ଜନ କର ଯୋଗ ଦେଇଥିଲେ। ମୁଖ୍ୟଅତିଥି ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ୧୫ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଏଭଳି




କାର୍ଯ୍ୟକ୍ରମ ଦ୍ୱାରା କ୍ରୀଡା କ୍ଷେତ୍ରରେ ଅନେକ ଲୁକ୍କାୟିତ କ୍ରୀଡା ପ୍ରତିଭା ଆଗାମୀ ଦିନରେ ଜିଲ୍ଲା ଓ ରାଜ୍ୟ ସ୍ତରରେ ଅଂଶଗ୍ରହଣ କରି ପାରାଦୀପ ପାଇଁ ସୁନାମ ଆଣିବେ ବୋଲି କହିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତା ଦୁଇଦିନ ଧରି ସ୍କୁଲ ପରିସରରେ ଚାଲିବ। ଏଥିରେ ୮ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଅଧ୍ୟକ୍ଷ ଫାଦର ସୁନୀଲ ଲାକ୍ରା, ମ୍ୟାନେଜର ଫାଦର ନିହାର ରଞ୍ଜନ ପରିଚ୍ଛାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଏହି ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଛି। ଆସନ୍ତାକାଲି ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଏହି କ୍ରୀଡା ପ୍ରତିଯୋଗିତାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରୁଛନ୍ତି।

- ପୂର୍ତ୍ତ ମନ୍ତ୍ରୀଙ୍କୁ ଏରସମା ବିଧାୟକଙ୍କ ଚିଠି

## ମଣିଜଙ୍ଗା-ନିମକଣା ବାଇପାସ୍ ରାସ୍ତା ନିର୍ମାଣ ଦାବି

ଏରସମା, ୧୮।୧୨(ସମିସ): କଟକ-ପାରାଦୀପ ରାଜ୍ୟ ରାଜପଥର ମଣିଜଙ୍ଗାଠାରୁ ନିମକଣା ପର୍ଯ୍ୟନ୍ତ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ମନ୍ତ୍ରୀଙ୍କୁ ଚିଠି ଲେଖି ଦାବି ଜଣାଇଛନ୍ତି ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା। ବିଧାୟକ ଶ୍ରୀ ଜେନା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, କଟକ-ପାରାଦୀପ ରାଜ୍ୟ ରାଜପଥର ମଣିଜଙ୍ଗାଠାରୁ ଏରସମା ବ୍ଲକ ମୁଖ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାର ମଣିଜଙ୍ଗାଠାରୁ ନିମକଣା ପର୍ଯ୍ୟନ୍ତ ରାସ୍ତା କେତେକ ଗାଁ ମଧ୍ୟଦେଇ ଯାଇଛି। ଏଠାରେ ରାସ୍ତା ଖୁବ୍ ସଙ୍କୁଚିତ ରହିଛି। କଟକ-ପାରାଦୀପ ରାସ୍ତାରୁ ମଣିଜଙ୍ଗା ଏରସମା ରାସ୍ତାର ପ୍ରବେଶ ପଥରେ ଭାରୀଯାନ, ଯାତ୍ରୀବାହୀ ବସ୍ ଓ ଅନ୍ୟାନ୍ୟ ଗାଡ଼ି ପ୍ରବେଶ ସମୟରେ ବିଭିନ୍ନ ସମୟରେ ଏଠାରେ କଟକ-ପାରାଦୀପ ରାସ୍ତା ଓ ଏହି ମଣିଜଙ୍ଗା-ଏରସମା ରାସ୍ତା ଜାମ୍ ହୋଇ ଅସମ୍ଭାଳ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏହି କାରଣରୁ ବିଭିନ୍ନ ସମୟରେ ଏଠାରେ ବହୁ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଯେଉଁଥିପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଓ ବ୍ୟବସାୟୀ ଏହି ରାସ୍ତାଦେଇ ନିଜର ଲକ୍ଷ୍ୟସ୍ଥଳରେ ଠିକ୍ ସମୟରେ ପହଞ୍ଚିବା ପାଇଁ ବିଭିନ୍ନ ଅସୁବିଧାର ସମ୍ମୁଖିନ ହେଉଛନ୍ତି। କଟକ-ପାରାଦୀପ ରାଜ୍ୟ ରାଜପଥ ସହିତ ମଣିଜଙ୍ଗା ରାସ୍ତାରେ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ମଣିଜଙ୍ଗାଠାରୁ ନିମକଣା ପର୍ଯ୍ୟନ୍ତ ବାଇପାସ୍ ରାସ୍ତା ନିର୍ମାଣର ଆବଶ୍ୟକତା ଖୁବ୍ ଜରୁରୀ ବୋଲି ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଓ ବ୍ୟବସାୟୀ ଦାବି କରୁଛନ୍ତି। ଏଥିସହିତ ମଣିଜଙ୍ଗା-ଏରସମା ରାସ୍ତାରେ ଦୈନିକ ଯାତାୟାତ କରୁଥିବା ଉଭୟ ତିର୍ତ୍ତୋଲ ଓ ଏରସମା ଅଞ୍ଚଳର ଜନସାଧାରଣ ଓ ବ୍ୟବସାୟୀ ଖୁବ୍ ଉପକୃତ ହେବେ ବୋଲି ମତ ପ୍ରକାଶ ପାଉଛି। ତେବେ ସ୍ଥାନୀୟ ଜନସାଧାରଣଙ୍କ ଦୀର୍ଘଦିନର ଦାବି ଓ ସେମାନଙ୍କର ଯାତାୟାତ ସୁବିଧା ଦୃଷ୍ଟିରୁ ମଣିଜଙ୍ଗାଠାରୁ ନିମକଣା ପର୍ଯ୍ୟନ୍ତ ଏକ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଚିଠି ମାଧ୍ୟମରେ ରାଜ୍ୟ ପୂର୍ତ୍ତମନ୍ତ୍ରୀଙ୍କୁ ବିଧାୟକ ଶ୍ରୀ ଜେନା ଅନୁରୋଧ କରିଥିବା ଜଣାପଡ଼ିଛି।


To
The Hon'ble Minister,
Works, Excise & Law,
Odisha, Bhubaneswar.

Sub: Submission of proposal for construction of Bye-pass road over Cuttack-Paradeep S.H at Manijanga to Nimakana to connect Erasama Block Headquarters.

Esteemed Sir,
I have the pleasure to inform you that the existing State Highway from Cuttack to Paradeep is getting crowded at Manijanga due to plying of loaded vehicles, route buses and Lorries. The local people are getting problem to reach at their destiny at their time of need on regular basis and approaching the local administration for the same. But due to improper field enquiry and local need the issue gets serious day by day followed by maximum road accidents. After discussion with local people and businessman it is seen that the Bye-pass road from Manijanga to Nimakana over Cuttack-Paradeep S.H will solve the traffic conjunction issue and empowers smooth running of vehicles over the said State Highway.

I would therefore request you to kindly consider the public demand and pass necessary orders for construction of Bye-pass road from Manijanga to Nimakana to connect Block Hqrs Erasama.

With Regards,
Yours sincerely,
(Sarada Prasanna Jena)
M.L.A, Balikuda-Erasama

## ସୋନିଆ ଓ ରାହୁଲଙ୍କ ବିରୋଧରେ ଷଡ଼ଯନ୍ତ୍ରର ପ୍ରତିବାଦ

# ଜିଲ୍ଲା କଂଗ୍ରେସର ଜୋରଦାର୍ ବିକ୍ଷୋଭ

ଜଗତସିଂହପୁର, ୧୮।୧୨(ସମିସ)

ନ୍ୟାସନାଲ୍ ହେରାଲ୍ଡ ମାମଲାରେ କଂଗ୍ରେସ ସଂସଦୀୟ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ବିଜେପି ସରକାର ଷଡ଼ଯନ୍ତ୍ର କରି ଇଡି ମାଧ୍ୟମରେ ମାନସିକ ଯନ୍ତ୍ରଣା ଦେବା ସହ ଉଭୟଙ୍କ ସାମାଜିକ ସମ୍ମାନ ଓ ପ୍ରତିଷ୍ଠାକୁ କୁଠାରଘାତ କରିବାକୁ ଉଦ୍ୟମ କରିଥିଲା। ବାରମ୍ବାର ଏଭଳି କରାଯାଉଥିବାରୁ ଦେଶବ୍ୟାପୀ କଂଗ୍ରେସ ଦଳ ପକ୍ଷରୁ ଏହାର ପ୍ରତିବାଦ କରାଯାଇଛି। ଏହି କ୍ରମରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଓ ଓପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ଡ. ଲଲାଟେନ୍ଦୁ ମହାପାତ୍ରଙ୍କ ଉପସ୍ଥିତିରେ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ପ୍ରଥମେ ଟାଉନ ହଲ୍‌ଠାରୁ ଶତାଧିକ କଂଗ୍ରସ କର୍ମୀ ବିଜେପି ସରକାର ବିରୁଦ୍ଧରେ ନାରାବାଜି ସହିତ ଏକ ଶୋଭାଯାତ୍ରରେ ବାହାରି ବଜାର ପରିକ୍ରମା କରିଥିଲେ। ସମ୍ବିଧାନକୁ ସୁରକ୍ଷା ଦେଉଥିବା କଂଗ୍ରେସ




ଦଳ ଓ ଏହାର ସର୍ବୋଚ୍ଚ ନେତୃବର୍ଗଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହା ବ୍ୟକ୍ତିଗତ ବିଦ୍ୱେଷ ରଖିଅପମାନିତ କରିବାକୁ ବାରମ୍ବାର ଚେଷ୍ଟା କରୁଛନ୍ତି। ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ସମ୍ବିଧାନର ସୁରକ୍ଷା, ବେକାର ଯୁବକ/ଯୁବତୀ ଶ୍ରମିକ ଓ କୃଷକଙ୍କ ସହ ସାମାଜିକ ନ୍ୟାୟ ପାଇଁ ଶାଣିତ ସ୍ୱରରେ ବିରୋଧ କରୁଛନ୍ତି। ସେମାନଙ୍କୁ ବଦନାମ କରିବା ପାଇଁ ଏଭଳି ଅପଚେଷ୍ଟା କରାଯାଇଛି ବୋଲି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ନାୟକ କହିଛନ୍ତି। କୌଣସି ଏଫ୍‌ଆଇଆର୍ ବିନା କାହାରି ଅଭିଯୋଗରେ କେନ୍ଦ୍ର ସରକାର ଇଡି ମାଧ୍ୟମରେ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ କଂଗ୍ରେସର ଛବିକୁ କଳୁଷିତ କରିବାର ଚେଷ୍ଟା କରୁଛନ୍ତି। ଏଭଳି ହୀନ ରାଜନୀତି ପାଇଁ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଦୁହେଁ ଦେଶବାସୀଙ୍କ ଆଗରେ କ୍ଷମା ମାଗିବା ଉଚିତ ବୋଲି ଶ୍ରୀ ନାୟକ ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପିସିସି ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର, ଅଜୟ ମହାପାତ୍ର, ବଲ୍ଲଭାନନ୍ଦ ସ୍ୱାଇଁ, ପ୍ରଶାନ୍ତ ଦାସ, ସର୍ବେଶ୍ୱର ପଣ୍ଡା, ଆର୍ତ୍ତତ୍ରାଣ ପଣ୍ଡା, ମହନି ଚରଣ ରାଉତ, ବିଚିତ୍ରାନନ୍ଦ ଲେଙ୍କା, ପ୍ରଶାନ୍ତ ମହାପାତ୍ର, ଡ. ଜଗଦାନନ୍ଦ, ଜ୍ଞାନରଞ୍ଜନ ପୃଷ୍ଟି, ସଫି ଆଜମ, ମନୋରଞ୍ଜନ ଜେନା, ଶୁଭନାରାୟଣ ନାୟକ, ଜିତେନ୍ଦ୍ର ମହାନ୍ତି, ସେକ୍ ହିଦାୟଦ ଅଲ୍ଲୀ, ଅଭିଷେକ ବଳ, ସୁଧାକର ଖଟୁଆ, ଜିତେନ୍ଦ୍ର ମହାନ୍ତି, ବୃନ୍ଦାବନ ପ୍ରଧାନ, ଲକ୍ଷ୍ମୀଧର ମଲ୍ଲିକ, ସତ୍ୟବ୍ରତ ଦାସ, ଅଜୟ ମଲ୍ଲିକ, ସୌଭାଗ୍ୟ ସାହୁ, ସୁରଜକାନ୍ତ ଦାସ, ବିମଳାନ୍ଦୁ ଦାସ, କିଶୋର ପଟ୍ଟନାୟକ, ବିଜୟ ପୃଷ୍ଟି, ଅନନ୍ତ ପୃଷ୍ଟି, ସୌମ୍ୟକାନ୍ତ ସିଂ, ଅବିନାଶ ବଳ, ରିତେଶ ମଲ୍ଲିକ, ବିଶ୍ୱଜିତ ମହାନ୍ତି, ସୁଶାନ୍ତ ଦାସ, ରମେଶ ସ୍ୱାଇଁ, ଚିନ୍ମୟ ବିଶ୍ୱାଳ, ଦିଲ୍ଲୀପ ମାହାର, ପ୍ରିତମ ପରିଜା, ସୌମ୍ୟ ସଞ୍ଜିବ ଦାସ, ନାରାୟଣ ନାୟକ, ରବୀନ୍ଦ୍ର ମଲ୍ଲିକ, ନସିମ ଖାନ, ସୁବାସ ରାଟସିଂ, ଅମରେନ୍ଦ୍ର ମହାନ୍ତି, ରାହୁଲ ମଲ୍ଲିକ, ସୂର୍ଯ୍ୟକାନ୍ତ ମଲ୍ଲିକ, କ୍ଷୀରୋଦ ଜେନା, ଅସିମ ରାଉତ, ସଞ୍ଜୟ ସ୍ୱାଇଁ, ସାଇ ପ୍ରଭଞ୍ଜନ ମହାପାତ୍ରଙ୍କ ସମେତ ଶତାଧିକ କର୍ମୀ ଏଥିରେ ଯୋଗ ଦେଇଥିଲେ।

# ଢେଙ୍କାନାଳ ବରା ଓ ପାଳ ବାଇଗଣକୁ ଜିଆଇ ମାନ୍ୟତା ଦାବି

ଢେଙ୍କାନାଳ,୧୮ ।୧୨(ସମିସ)



ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ବରା ଓ ପାଳ ବାଇଗଣକୁ ଜିଆଇ ଟ୍ୟାଗ ପ୍ରଦାନ ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି। ଗୁରୁବାର ପୂର୍ବାହ୍ନରେ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆଇଏଏସ. ପ୍ରୋବେସନର ଭଗତ ସାମଲ କଲ୍ୟାଣରାଓ ଯୋଗଦେଇ ଜିଲ୍ଲାର ବରା ଓ ପାଳ ବାଇଗଣ ସ୍ୱତନ୍ତ୍ର ଏବଂ ଖୁବ୍ ସ୍ୱାଦିଷ୍ଟ ବୋଲି ପ୍ରକାଶ କରିଥିଲେ। ଏହା ଜିଆଇ ମାନ୍ୟତା ପାଇବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିପାଇଁ ସମସ୍ତ ବ୍ୟବସାୟୀ, ଚାଷୀ, ଗଣମାଧ୍ୟମ ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ତଥା ମୁଖ୍ୟ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି ସମସ୍ତ ତଥ୍ୟ ସଂଗ୍ରହ କରାଯାଇ ଜିଆଇ ମାନ୍ୟତା ନିମନ୍ତେ ଆସନ୍ତା ଜାନୁଆରୀ ୧୫ ତାରିଖ ମଧ୍ୟରେ ଆବେଦନ କରାଯିବ ବୋଲି କହିଛନ୍ତି। ପାଳ ବାଇଗଣ ସମ୍ପର୍କରେ ସମସ୍ତ ପ୍ରକାରର ତଥ୍ୟ ଏକ କମିଟି ମାଧ୍ୟମରେ ସଂଗ୍ରହ କରାଯିବ। ବରାର ପ୍ରାମାଣିକ ତଥ୍ୟ ଆଦି ସଂଗ୍ରହ ମୋ ଢେଙ୍କାନାଳ ଚାନେଲର ଇଂ ସୌମ୍ୟବ୍ରତ ସାହୁଙ୍କ ଦ୍ୱାରା କରାଯିବ ବୋଲି ସେ ପ୍ରକାଶ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଏହି ପାଳ ବାଇଗଣ ଓ ବରାର ସ୍ୱତନ୍ତ୍ରତା ପରୀକ୍ଷା କରାଯାଇ ଜିଆଇ ମାନ୍ୟତା ନିମନ୍ତେ ଆବେଦନ କରାଯିବ ବୋଲି ସେ କହିଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଡିପିସି, ମିଶନଶକ୍ତି, ଓରମାସ ଡେପୁଟି ସିଇଓ, ସ୍ୱିଟ୍ ଆସୋସିଏସନ ସଭାପତି, ସମ୍ପାଦକ, କପିଳେଶ୍ୱର ମହାଦେବ ଫାର୍ମର୍ ପ୍ରଡ୍ୟୁସର କୋ-ଅପରେଟିଭ ସୋସାଇଟିର କର୍ମକର୍ତ୍ତା, ମୋ ଢେଙ୍କାନାଳ ଚାନେଲର ଇଂ. ସୌମ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।

## ହୃଦଘାତରେ ଯୁବ ଇଞ୍ଜିନିୟର ମୃତ

ଢେଙ୍କାନାଳସଦର,୧୮ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଦଧିସିଙ୍ଗା ଗ୍ରାମର ଯୁବ ଇଞ୍ଜିନିୟର ଦେବୀପ୍ରସାଦ ମହାନ୍ତି (୨୪)ଙ୍କର ହୃଦଘାତରେ ରାଜସ୍ଥାନ ଉଦୟପୁରଠାରେ ପରଲୋକ ହୋଇଛି। ସେଠାରେ ସେ କାର୍ଯ୍ୟରତ ଥିଲେ। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ରାଜସ୍ଥାନ ସରକାରଙ୍କ ସହ ଯୋଗାଯୋଗ କରି ଦେବୀପ୍ରସାଦ କାର୍ଯ୍ୟ କରୁଥିବା କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ସମ୍ମାନର ସହ ମୃତଦେହ ପଠାଇବା ବ୍ୟବସ୍ଥା କରିଥିଲେ। ଏଥି ସହିତ ପରିବାରକୁ ସମସ୍ତ ଆର୍ôଥକ ସହାୟତା ପାଇଁ ବ୍ୟବସ୍ଥା କରିଛନ୍ତି। ମଙ୍ଗଳବାର ତାଙ୍କ ମରଶରୀର ଭୁବନେଶ୍ୱର ବିମାନବନ୍ଦରରୁ ଦଧିସିଙ୍ଗା ଗ୍ରାମକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଗତ ୧୪ ମାସ ହେଲା ସେ କମ୍ପାନୀରେ କାର୍ଯ୍ୟରତ ଥିଲେ। ତାଙ୍କ ଦେହାନ୍ତରେ ସାଂସଦ ପାଣି, ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, କୃଷକନେତା ରାମଚନ୍ଦ୍ର ପାତ୍ର, ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ମନ୍ତ୍ରୀଙ୍କ ଗଁଦିଆ ପ୍ରତିନିଧି ରତିକାନ୍ତ ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ୫ ଏକର ଜମିର ଧାନ ନଷ୍ଟକଲେ ହାତୀପଲ



କଙ୍କଡ଼ାହାଡ଼,୧୮ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ କନ୍ଧରା ଫରେଷ୍ଟ ସେକ୍ସନ ଅଧୀନ ବାମ୍ ପଞ୍ଚାୟତ କୀର୍ତ୍ତନପୁର ଭଗାମୁଣ୍ଡା ସାହିରେ ବୁଧବାର ବିଳମ୍ବିତ ରାତିରେ ୩୦ଟିକିଆ ହାତୀପଲ ଉପଦ୍ରବ କରିଛନ୍ତି। ସନ୍ଧ୍ୟାରେ ହାତୀପଲ କେନ୍ଦୁଝର ଜିଲ୍ଲା ସମାକୁଦ ଜଙ୍ଗଲ ଦେଇ ଢେଙ୍କାନାଳ ଜିଲ୍ଲା ଝାଞ୍ଜିରୀବେରଣା ଗ୍ରାମର ଚାଷ ଜମିକୁ ପଶିଆସିଥିଲେ। ଲକ୍ଷ୍ମୀଧର ପ୍ରଧାନଙ୍କ ତାର ବାଡ଼ ଭାଙ୍ଗି କୀର୍ତ୍ତନପୁର ଭଗାମୁଣ୍ଡା ସାହିରେ ବାଣେଶ୍ୱର ସିଂହ ଓ ବିରଞ୍ଚି ପ୍ରଧାନଙ୍କ ଚାଷ ଜମିରେ ଅମଳ କରି ରଖିଥିବା ଧାନବିଡ଼ା ଖାଇ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ବାଣେଶ୍ୱରଙ୍କ ତିନି ଏକର ଜମିର ଧାନ ନଷ୍ଟ କରିଥିବା ବେଳେ ବିରଞ୍ଚିଙ୍କ ୨ ଏକର ଜମିର ଧାନ ଖାଇଦେଇଛନ୍ତି ହାତୀପଲ। ଏ ନେଇ ଉଭୟ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।

## ସନ୍‌ରାଇଜ କ୍ଲବର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ



ହିନ୍ଦୋଳ,୧୮ ।୧୨(ସମିସ): ହିନ୍ଦୋଳ ଉପଖଣ୍ଡ ସାନରାଇଜ କ୍ଲବର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦଯାପିତ ହୋଇଛି। ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧ୍ୟାପକ ରମେଶ ସାହୁ, ଅନୁଷ୍ଠାନର ସମ୍ପାଦକ ବିନୟ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ସାମ୍ବାଦିକ ବିକ୍ରମ ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ବହୁ କବି ଏବଂ ଚିତ୍ରଶିଳ୍ପୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶେଷରେ ସୁବର୍ଣ୍ଣ ଜୟନ୍ତୀ ପତାକା ଅବତରଣ ପରେ ସଭାପତି ଭାସ୍କର ନାୟକଙ୍କୁ କ୍ରୀଡ଼ା ସମ୍ପାଦକ ରୋହିତ ସାହୁ ପ୍ରଦାନ କରିଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ



ଗଁଦିଆ,୧୮ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗୀତା ଗୁରୁବାର ଉଦଯାପିତ ହୋଇଛି। ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ ଏହାକୁ ଉଦଘାଟନ କରିଥିଲେ। ପ୍ରାୟ ୧୫୦ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ। ଉଦଯାପନୀ ଉତ୍ସବକୁ କଲେଜ ଅଧ୍ୟକ୍ଷ ଗୋଲକ ନାୟକ ପରିଚାଳନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମେଡାଲ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ବାଳକ ବର୍ଗରେ ଇନ୍ଦ୍ରଜିତ ପରିଡା ଏବଂ ବାଳିକା ବର୍ଗରେ ସୀତା ମୁଣ୍ଡା ଚାମ୍ପିଅନ ହୋଇଥିଲେ। ଖେଳ ଶିକ୍ଷକ ଦୀପାଂଶୁ ତ୍ରିପାଠୀ ଏବଂ ଚିତ୍ତରଞ୍ଜନ ସାମଲ ଖେଳ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରିୟବ୍ରତ ପାତ୍ର କଲେଜର ଦ୍ରୁତତମ ଧାବକ ଓ ଧାବିକାଙ୍କୁ ପୁରସ୍କୃତ କରିଥିଲେ।

● ଶୁଣିଲେନି ଜିଲ୍ଲାପାଳ

## ଟାଟା ପାୱାର ବିରୋଧରେ ଏକାଠି ହେଲେ ଉପଭୋକ୍ତା



ଢେଙ୍କାନାଳ,୧୮ ।୧୨(ସମିସ): ଢେଙ୍କାନାଳ ଜିଲ୍ଲାରେ ଟାଟା ପାୱାର ମନମୁଖି ଶାସନ ତଥା ସ୍ମାର୍ଟ ମିଟର ଆଳରେ ଉପଭୋକ୍ତାଙ୍କୁ ଶୋଷଣ ଅଭିଯୋଗ ଉପରେ ଜିଲ୍ଲାପାଳ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଗୁରୁବାର ପୁଣି ଥରେ କମ୍ପାନୀ ବିରୋଧରେ ଆନ୍ଦୋଳନ କରାଯାଇଛି। ଟାଟା ପାୱାର ନ ମାନିଲେ ବିଭିନ୍ନ କାର୍ଯ୍ୟାଳୟରେ କର୍ମଚାରୀ ଏବଂ ଅଧିକାରୀଙ୍କୁ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ଓକିଲ ସଙ୍ଘ ସଭାପତି କହିଛନ୍ତି। ଢେଙ୍କାନାଳରେ ଟାଟା ପାୱାର ବିଦ୍ୟୁତ ଯୋଗାଣ ନାମରେ ଉପଭୋକ୍ତାଙ୍କୁ ବିଭିନ୍ନ ଆଳରେ ଶୋଷଣ କରୁଛି। ଏହାକୁ ନେଇ ଜିଲ୍ଲାରେ ଅସନ୍ତୋଷ ଦେଖାଦେବା ସହିତ ଓକିଲ ସଙ୍ଘ ଆହ୍ୱାନରେ ଢେଙ୍କନାଳ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦକୁ ସମର୍ଥନ କରି ସହର ସହ ଆଖପାଖ ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିଥିଲା।

ଟାଟା ପାୱାର ସ୍ମାର୍ଟ ମିଟର ନାମରେ ଶୋଷଣ କରୁଥିବାର ଅଭିଯୋଗ ହୋଇଛି। ପ୍ରଥମେ ଜିଲ୍ଲାର ବିଭିନ୍ନ ସଙ୍ଗଠନ ସହ ଆଲୋଚନା, କପିଳାସ ରାସ୍ତାରେ ଆଲୋକୀକରଣ, ସିଟି ହସ୍ପିଟାଲ କାର୍ଯ୍ୟକ୍ଷମ ସହିତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ ବନ୍ଦ କରିବାକୁ ଦାବି କରାଯାଇଥିଲା। ଢେଙ୍କାନାଳ ବନ୍ଦ ପରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରିବା ପରେ ଟାଟା ପାୱାର, ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ଏବଂ ପ୍ରଶାସନ ତରଫରୁ ଏକ ମିଳିତ ବୈଠକ ଆହ୍ୱାନ କରାଯାଇ ସମସ୍ୟା ସମାଧାନ କରିବାକୁ କହିଥିଲେ। କିନ୍ତୁ ଗୋଟିଏ ମାସ ବିତିଯାଇଥିଲେ ମଧ୍ୟ ଜିଲ୍ଲାପାଳ କୌଣସି ପଦକ୍ଷେପ ଗ୍ରହଣ କଲେନାହିଁ। ଏହାକୁ ନେଇ ପୁଣି ଥରେ ଟାଟା ପାୱାର ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଛି। ଗୁରୁବାର ଏକ ବିଶାଳ ଶୋଭାଯାତ୍ରାରେ ବିଭିନ୍ନ ସଙ୍ଗଠନ ସହ ଜନସାଧାରଣ ଏକତ୍ରିତ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ଓକିଲ ସଙ୍ଘର ସଭାପତି ଗୋପାଳ ପାତ୍ରଙ୍କ କହିବା ଅନୁସାରେ ଟାଟା ପାୱାର ତା'ର ମନମାନିରୁ ନିବୃତ୍ତ ରହୁ। ଢେଙ୍କାନାଳ ବନ୍ଦ ପରେ ମୁଖ୍ୟମନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏକ ମାସ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ କିମ୍ବା ଜିଲ୍ଲାପାଳ ବୈଠକ ଡାକିଲେ ନାହିଁ। ତେଣୁ ବିଦ୍ୟୁତ ଉପଭୋକ୍ତା କମିଟି ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବା ସହିତ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ପରେ ଯଦି କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଟାଟା ପାୱାର କର୍ମଚାରୀମାନଙ୍କୁ କୌଣସି କାର୍ଯ୍ୟାଳୟରେ ପୂରାଇ ଦିଆଯିବ ନାହିଁ। ଏଣିକି ଆମେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବୁ ନାହିଁ। ତଡ଼ି ତଡ଼ି ତାଙ୍କୁ ଏଠାରୁ ବିଦାୟ କରିଦେବୁ ବୋଲି ଓକିଲ ସଂଘ ସଭାପତି ପାତ୍ର କହିଛନ୍ତି। ଯେପର୍ଯ୍ୟନ୍ତ ନ୍ୟାୟ ନ ମିଳିଛି, ଆନ୍ଦୋଳନ ଜାରି ରହିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ବଣସିଂହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଢେଙ୍କାନାଳ,୧୮ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ବଣସିଂହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପୂର୍ବତନ ସରପଞ୍ଚ ଜୟନ୍ତ କୁମାର ହୋତା ମୁଖ୍ୟଅତିଥି, ରାଜ୍ୟ କଳା ସଂସ୍କୃତିର ଉପସଭାପତି ଅବନୀ ମିଶ୍ର ମୁଖ୍ୟବକ୍ତା, କଣ୍ଠଶିଳ୍ପୀ ସ୍ନିଗ୍ଧା ଧଳ, ରାଧାଦେଇପୁର ସରପଞ୍ଚ ଟୁନିକୁନି ସ୍ୱାଇଁ, ବଣସିଂହ ସରପଞ୍ଚ ପ୍ରମିଳା ବେହେରା, ଡିଗ୍ରୀ କଲେଜ ଅଧ୍ୟକ୍ଷ ଗଗନ ବିହାରୀ ସ୍ୱାଇଁ, ଅଧ୍ୟାପକ ଶରତ ଚନ୍ଦ୍ର ରାଉତ, ରମେଶ ଚନ୍ଦ୍ର ବାରିକ, ସମ୍ପାଦକ କାଳନ୍ଦୀ ଚରଣ ସ୍ୱାଇଁ, ସମାଜସେବୀ ଗଙ୍ଗାଧର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଂସ୍କାର, ସଂସ୍କୃତି ଓ ପରମ୍ପରାକୁ ଜୀବନ ସହିତ ଯୋଡ଼ିପାରିଲେ ସଫଳତା ଅର୍ଜନ କରିପାରିବେ ବୋଲି କହିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ ଶଙ୍କର୍ଷଣ ଶତପଥୀ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ରଶ୍ମିଲତା ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସର୍ବାଧିକ ନମ୍ବର ରଖିଥିବା ସ୍ମିତାଞ୍ଜଳି ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଣ୍ଠଶିଳ୍ପୀ ପମି ମିଶ୍ର, ରଶ୍ମିରଞ୍ଜନ ପଣ୍ଡା, କମଳ ନନ୍ଦ ଓ ସ୍ନିଗ୍ଧା ଧଳ ସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ରଛାତ୍ରୀମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଅଧ୍ୟାପିକା ସୁତପା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳ ଯୋଗାଣ ନିମନ୍ତେ ଜିଲ୍ଲାପାଳଙ୍କୁ ଦାବି

ଢେଙ୍କାନାଳ,୧୮ ।୧୨(ସମିସ): ଗ୍ରାମମାନଙ୍କୁ ପାନୀୟଜଳ ଯୋଗାଣ ନିମନ୍ତେ ବିଛାଯାଇଥିବ ପାଇପଗୁଡ଼ିକ ନଷ୍ଟ ହୋଇ ପାଣି ଲିକ୍ କରୁଥିବାରୁ ଏହାର ମରାମତି କରି ଜଳ ଯୋଗାଣ କରିବାକୁ ବିକେଏମୟୁ ଜିଲ୍ଲା ସମ୍ପାଦକ ରବି ରଥ ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ବର୍ତ୍ତମାନ କୂଅଗୁଡ଼ିକର ଜଳସ୍ତର କମି ଆସୁଛି। ପୂର୍ବରୁ ଯେଉଁ ଜଳ ଯୋଗାଣ ନିମନ୍ତେ ପାଇପ ବିଛାଯାଇଛି ତାହା ନଷ୍ଟ ହେବାକୁ ବସିଲାଣି। ପାଇପ୍ କନେକ୍ଟର ଭାଙ୍ଗିଯାଇଥିବାରୁ ପାଣି ଠିକ ଭାବେ ଯୋଗାଣ ହୋଇପାରୁନାହିଁ। ଟ୍ୟାପ୍‌ଗୁଡ଼ିକ ଭାଙ୍ଗି ପାଣି ବୋହିଚାଲୁଛି। ଠିକ୍ ଭାବେ ପାଇପ ବିଛାଯାଇ ନ ଥିବାରୁ ପାଇପଗୁଡ଼ିକ ଭାଙ୍ଗିଗଲାଣି। ବର୍ତ୍ତମାନ ପାନୀୟ ଜଳ ଯୋଗାଣ ପାଇଁ କାର୍ଯ୍ୟ ଚାଲୁ ରହିଥିବା ବେଳେ ଠିକାଦାର ଗୋଟିଏ ଗ୍ରାମରେ କାମ ସମ୍ପୂର୍ଣ୍ଣ ନ କରି ଅଧପନ୍ତରିଆ ଅବସ୍ଥାରେ ଛାଡ଼ି ଯାଉଛନ୍ତି। ଏହି ବିଷୟକୁ ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ବିକେଏମୟୁ ଜିଲ୍ଲା ସମ୍ପାଦକ ରଥ ଦାବି କରିଛନ୍ତି।

## 'ନ୍ୟାସନାଲ ହେରାଲ୍ଡ ମାମଲା ଖାରଜ ଯଥାର୍ଥ'



ଢେଙ୍କାନାଳ,୧୮ ।୧୨(ସମିସ): ନ୍ୟାସନାଲ୍ ହେରାଲ୍ଡ ବାବଦରେ ଦିଲ୍ଲୀ ହାଇକୋର୍ଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦାୟର କରିଥିବା ମାମଲା ଖାରଜ ହୋଇଥିବାରୁ ଏହାକୁ ଢେଙ୍କାନାଳ ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଛି। ସହରସ୍ଥିତ କଂଗ୍ରେସ ଜିଲ୍ଲା କାର୍ଯ୍ୟାଳୟରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ କଂଗ୍ରେସ ନେତୃମଣ୍ଡଳୀ ଓ କର୍ମୀମାନେ ଏକତ୍ରିତ ହୋଇଥିଲେ। ବରିଷ୍ଠ ନେତା ବିପ୍ରବର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ନେତା ତଥା ପୂର୍ବତନ ଜିଲ୍ଲା ସଭାପତି ସୁନୀଲ କୁମାର ଦାସ, ଜିଲ୍ଲା ଉପଦେଷ୍ଟା ପ୍ରେମଶଙ୍କର ମିଶ୍ର, ରୁଦ୍ରପ୍ରକାଶ ଶରଣ, ପିସିସି ସାଧାରଣ ସମ୍ପାଦକ ଶିଳ୍ପୀଶ୍ରୀ ହରିଚନ୍ଦନ, ଯୁବ କଂଗ୍ରେସ ନେତ୍ରୀ ସୁସ୍ମିତା ଦାଶ, ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲ, ପ୍ରବକ୍ତା ସରୋଜ କୁମାର ଶତପଥୀ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ, ସଂଗଠକ ଗୟାଧର ସେଠୀ, ସାରଙ୍ଗଧର ରାଜ, ଆଇନଜୀବୀ ବିକାଶ ରଞ୍ଜନ ନାଏକ, ସର୍ବେଶ୍ୱର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ବିଜେପି ସରକାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀଙ୍କୁ ନ୍ୟାସନାଲ ହେରାଲ୍ଡ ମାମଲାରେ ମିଥ୍ୟାରେ ଛନ୍ଦି ଇଡି ଜରିଆରେ ବାରମ୍ବାର ସମନ କରିବା, ଇଡି ପକ୍ଷରୁ ଦିଲ୍ଲୀ ହାଇକୋର୍ଟରେ ମାମଲା ଦାୟର କରିବା ଅତ୍ୟନ୍ତ ନିନ୍ଦନୀୟ ଅଟେ ମତ ପ୍ରକାଶ ପାଇଥିଲା। ତେବେ ଦିଲ୍ଲୀ ହାଇକୋର୍ଟ ଏହି ମାମଲାକୁ ଖାରଜ କରିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଓ ଯଥାର୍ଥ। କୋର୍ଟ ଏହି ମାମଲାରେ ଉଚିତ ବିଚାର କରିଛନ୍ତି ବୋଲି କଂଗ୍ରେସ ନେତାମାନେ କହିଥିଲେ।

● କଳ୍ପନା କ୍ଲବର କର୍ମକର୍ତ୍ତା ନିର୍ବାଚନ

## ଗୋବିନ୍ଦ ଉପସଭାପତି, ଶ୍ରୁତିପଦ ସମ୍ପାଦକ





ଢେଙ୍କାନାଳ,୧୮ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରର ସର୍ବପୁରାତନ କଳ୍ପନା କ୍ଲବର ବାର୍ଷିକ କର୍ମକର୍ତ୍ତା ନିର୍ବାଚନ କ୍ଲବ ପରିସରରେ ଅନୁଷ୍ଠିତ ହୋଇଛି। କ୍ଲବର ସ୍ଥାୟୀ ସଭାପତି ଉପଜିଲ୍ଲାପାଳ ହେବାର ନିୟମ ଥିବା ବେଳେ ଅନ୍ୟ ପଦବୀ ପାଇଁ ନିର୍ବାଚନ ହୋଇଥିଲା। ଉପସଭାପତି ପଦ ପାଇଁ ଗୋବିନ୍ଦ ଚନ୍ଦ୍ର ସାହୁ ଓ ଅଯୋଧ୍ୟା ଶତପଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଗୋବିନ୍ଦ ବିଜୟୀ ହୋଇଛନ୍ତି। ସମ୍ପାଦକ ଭାବେ ଶ୍ରୁତିପଦ ନନ୍ଦ ବିଶ୍ୱଜିତ ପଟ୍ଟନାୟକଙ୍କୁ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି। କ୍ରୀଡ଼ା ସମ୍ପାଦକ ଭାବେ ବିଦ୍ୟାଧର ବରାଳ, ନାଟ୍ୟ ସମ୍ପାଦକ ଭାବେ ଜଗଦୀଶ ତ୍ରିପାଠୀ, କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ମିହିର ପ୍ରସାଦ ମହାପାତ୍ର, ଆଦିତ୍ୟ କୁମାର ଆଚାର୍ଯ୍ୟ, ହିମାଂଶୁ ଶେଖର ମହାପାତ୍ର, ସୁନୀଲ କୁମାର ପଟ୍ଟନାୟକ, ସୁବ୍ରତ କୁମାର ମହାନ୍ତି ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ସଭ୍ୟ ଚିତ୍ତରଞ୍ଜନ ଦାସ ଓ ଗୌରୀଶଙ୍କର ପାଳ ନିର୍ବାଚନ ପରିଚାଳନା କରିଥିଲେ।

ଖେଳ ପାଇଁ ପଡ଼ିଆ ନାହିଁ

## ବାର୍ଷିକ କ୍ରୀଡ଼ା ପାଇଁ ଏକ କିଲୋମିଟର ଯିବାକୁ ପଡୁଛି






ଭୁବନ,୧୮ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଏନ୍‌ଏସି ଅନ୍ତର୍ଗତ ୧୯ଟି ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ପାଇଁ ଖେଳପଡ଼ିଆର ଅଭାବ ରହିଛି। ବିଦ୍ୟାଳୟଗୁଡ଼ିକର ବାର୍ଷିକ କ୍ରୀଡ଼ା ପାଇଁ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳପଡ଼ିଆ ଏକମାତ୍ର ସାହା ଭରସା ପାଲଟିଛି। ଯାହାକି ଭୁବନ ମିନି ଷ୍ଟାଡିୟମ ନାମରେ ନାମିତ ହୋଇଛି। ଏହି ଖେଳ ପଡ଼ିଆ ବ୍ୟତୀତ ଅନ୍ୟ ୧୮ ସ୍କୁଲରେ ନାହିଁ ଖେଳ ପଡ଼ିଆ। ନୂଆଭୁବନରେ ଥିବା ନୂଆଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟ, ଗୋଡ଼ିପଟଣା ଉଚ୍ଚ ପ୍ରାଥମିକ ସ୍କୁଲ, ତକ୍ଷଶିଳା, ଜାଭିୟର୍ସ, ସରସ୍ୱତୀ ଶିଶୁ ମନ୍ଦିରର ବିଦ୍ୟାର୍ଥୀ ନିଜ କ୍ୟାମ୍ପାସରେ ବାର୍ଷିକ କ୍ରୀଡ଼ା ଉତ୍ସବ କରିବାର ସୁଯୋଗ ନାହିଁ। ସମସ୍ତ ସ୍କୁଲ ନୂଆ ଭୁବନରେ ଥିବା କିଛି ବ୍ୟକ୍ତିଗତ ଜମିରେ ବାର୍ଷିକ ଖେଳକୁଦ କରୁଛନ୍ତି। ମଙ୍ଗଳବାର ନୂଆଭୁବନ ସ୍କୁଲର ବାର୍ଷିକ ଖେଳ ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିପିନ ବିହାରୀ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଖଗେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଶିକ୍ଷୟିତ୍ରୀ ଧରିତ୍ରୀ ପ୍ରିୟଦର୍ଶିନୀ ମିଶ୍ର, ପ୍ରଭାତ ନଳିନୀ ସାହୁ କ୍ରୀଡ଼ା ପରିଚାଳନା କରିଥିଲେ। ସେହିପରି ପୃଷ୍ଟି ପାଟଣା ନୋଡାଲ ସ୍କୁଲର ବାର୍ଷିକ କ୍ରୀଡ଼ା ବିଦ୍ୟାଳୟଠାରୁ ଏକ କିମି ଦୂରରେ ବୃଦ୍ଧେଶ୍ୱର ମନ୍ଦିର ନିକଟ ବେସରକାରୀ ପଡ଼ିଆରେ ବୁଧବାର ପ୍ରଧାନଶିକ୍ଷକ ମନମୋହନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ପେଣ୍ଠସାହି, ହରିହରପୁର ପାଟଣା ସ୍କୁଲର କ୍ରୀଡ଼ା ବୃଦ୍ଧେଶ୍ୱର ପଡ଼ିଆରେ ହୋଇଥାଏ। ଭୁବନ ଏନ୍‌ଏସି ଅନ୍ତର୍ଗତ ଟୋଲଙ୍କବେରେଣିଠାରେ ଥିବା ଶ୍ରୀମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ମିନି ଷ୍ଟାଡିୟମରେ ଉଦଘାଟିତ ହୋଇଛି। ବିଦ୍ୟାର୍ଥୀମାନଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ଦିଗରେ ସହାୟକ ହେଉଥିବା କ୍ରୀଡ଼ା ପାଇଁ ପଡ଼ିଆ ଅଭାବ ଯୋଗୁଁ ପ୍ରଧାନଶିକ୍ଷକ ଦୀନବନ୍ଧୁ ବେହେରାଙ୍କ ତତ୍ତ୍ୱାବଧାନରେ ଭୁବନ ମିନି ଷ୍ଟାଡିୟମରେ କ୍ରୀଡ଼ା ଅନୁଷ୍ଠିତ ହେଉଛି। ପୃଷ୍ଟି ପୋଖରୀ, ହରିହରପୁର ପାଟଣାଠାରେ ଥିବା ଖେଳପଡ଼ିଆର ଉନ୍ନତୀକରଣ କରାଗଲେ ଯୁବ ଖେଳାଳିଙ୍କ ସହ ସ୍କୁଲ ବିଦ୍ୟାର୍ଥୀ ଖେଳକୁଦ କରିପାରନ୍ତେ ବୋଲି ପୂର୍ବତନ ଫୁଟବଲ ଖେଳାଳି ସନ୍ତୋଷ କୁମାର ବେହେରା, କ୍ରିକେଟ ଖେଳାଳି ଲକ୍ଷ୍ମୀଧର ସାହୁ, ଓସିଏ ସ୍ୱୀକୃତିପ୍ରାପ୍ତ ଅମ୍ପାୟର ବିପିନ ବିହାରୀ ସେଠୀ ମତ ଦେଇଛନ୍ତି।

### ହରିହରପୁର ଓ ପୃଷ୍ଟିପାଟଣା ପଡ଼ିଆ ଉନ୍ନତୀକରଣ ପାଇଁ ଦାବି

## ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଢେଙ୍କାନାଳ,୧୮ ।୧୨(ସମିସ): ଢେଙ୍କାନାଳ ସହରସ୍ଥିତ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ୬୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀ କ୍ରୀଡ଼ା ମଶାଲ ପ୍ରଜ୍ୱଳନ ଓ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ୍ତ କୁମାର ମହାପାତ୍ର, କୁଟୁଣିଆ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କରୁଣାକର ସେଠୀ, ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଜୟନ୍ତୀ ବେହେରାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀଙ୍କ ସହଯୋଗରେ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଏହି କ୍ରୀଡ଼ା ଉତ୍ସବ ଉଦଯାପିତ ହେବ ବୋଲି ପ୍ରଧାନଶିକ୍ଷୟିତ୍ରୀ ଦେହୁରୀ ସୂଚନା ଦେଇଛନ୍ତି।

# ହିମାଳୟ କ୍ଷେତ୍ରରେ ଚୀନ୍ ନିର୍ମାଣ କରୁଛି ରହସ୍ୟମୟ ବନ୍ଧ



## ଭାଙ୍ଗିଲେ ଭାରତରେ ରଚିବ ଧ୍ୱଂସର ତାଣ୍ଡବ

ବେଜିଂ, ୧୮ ।୧୨(ଏଜେନ୍ସି): ହିମାଳୟ କ୍ଷେତ୍ରର ଦୁର୍ଗମ ଅଞ୍ଚଳରେ ଚୀନ୍ ବିଶ୍ୱର ସବୁଠାରୁ ବୃହତ୍ ଜଳବିଦ୍ୟୁତ ବନ୍ଧ ନିର୍ମାଣ କରୁଛି । ଏହି ବନ୍ଧ ଚୀନର ଜନବହୁଳ ଅଞ୍ଚଳଠାରୁ ଶହଶହ କିମି ଦୂରରେ ଅବସ୍ଥିତ । ଦେଶ ପାଇଁ ଆବଶ୍ୟକ ବିଦ୍ୟୁତ ଉତ୍ପାଦନ ପାଇଁ ଏହି ବନ୍ଧ ନିର୍ମାଣ କରୁଛି ବୋଲି ଚୀନ କହୁଛି । କିନ୍ତୁ ପ୍ରକୃତରେ ଚୀନ ଏହି ବନ୍ଧ ନିର୍ମାଣ କରି ବ୍ରହ୍ମପୁତ୍ରର ନଦୀକୁ ରୋକିବାକୁ ଚାହୁଁଛି । ତିବ୍ବତର ୟାରଲୁଙ୍ଗ ସାଙ୍ଗପୋ ନଦୀ ଉପରେ ଚୀନ୍ ଏହି ବିଶାଳ ପ୍ରକଳ୍ପ ନିର୍ମାଣ କରୁଛି । ଏହି ନଦୀ ଭାରତରେ ବ୍ରହ୍ମପୁତ୍ର ଓ ବାଂଲାଦେଶରେ ଯମୁନା ନଦୀ ଭାବେ ପରିଚିତ । ନ୍ୟୁଜ୍ ଏଜେନ୍ସି ସିଏନ୍ଏନ୍ ଦେଇଥିବା ଏକ ରିପୋର୍ଟ ଅନୁଯାୟୀ, ୧୬୮ ବିଲିଅନ ଡଲାର ବିନିମୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଉଛି । ଏହି ପ୍ରକଳ୍ପ ଦ୍ୱାରା ୩ ଗର୍ଜେଟ ଡ୍ୟାମଠାରୁ ୩ ଗୁଣା ଅଧିକ ବିଦ୍ୟୁତ ନିର୍ମାଣ କରାଯାଇପାରିବ ବୋଲି ଚୀନ୍ ଦାବି କରିଛି । ଚୀନ୍ ଦାବି ଯାହା ହେଉନା କାହିଁକି, ବାସ୍ତବରେ ଏହା ଭାରତ ପାଇଁ ମହା ବିପଦ ସୃଷ୍ଟି କରୁଛି । ଏହି ବନ୍ଧ ସହିତ ଚୀନ୍ ଆଞ୍ଚଳିକ ପରିବେଶ ଓ ଏହାକୁ ଲାଗି ଥିବା ପ୍ରାକୃତିକ କ୍ଷେତ୍ରକୁ ନଷ୍ଟ ତଥା ଧ୍ୱଂସ କରିବ । ପରିବେଶ ଉପରେ ଏହି ବନ୍ଧର ବିନାଶକାରୀ ପ୍ରଭାବ ପଡ଼ିବ ବୋଲି କୁହାଯାଇଛି । ଏହା ଦ୍ୱାରା ବିରଳ, ପ୍ରାଚୀନ ପରିସଂସ୍ଥା ଏବଂ ସେଠାରେ ରହୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ପୈତୃକ ଘର ତଥା ଭିଟାମାଟି ପ୍ରତି ବଡ଼ କ୍ଷତି ପହଞ୍ଚାଇବ ।

ପୁଣି ଭାରତ ଓ ବାଂଲାଦେଶର ତଳମୁଣ୍ଡରେ ବସବାସ କରୁଥିବା ଲକ୍ଷ ଲକ୍ଷ ଲୋକ ଏହି ନଦୀ ଉପରେ ନିର୍ଭର କରନ୍ତି । ଚୀନ୍‌ର ଏହି ଉଚ୍ଚାଭିଳାଷି ପ୍ରକଳ୍ପକୁ ‘ଜଳ ବୋମା’ ବୋଲି କୁହାଯାଉଛି । ପ୍ରକଳ୍ପଟି ଯେତିକି ରହସ୍ୟମୟ ଓ ସେତିକି ବିଶାଳ ମଧ୍ୟ । ଭବିଷ୍ୟତରେ ଏହା ଭାରତ ପାଇଁ ବିପଦ ସୃଷ୍ଟି କରିପାରେ ବୋଲି କୁହାଯାଇଛି । ଏହି ପ୍ରକଳ୍ପର ଡିଜାଇନ ସଂକ୍ରାନ୍ତରେ କୌଣସି ସୂଚନା ଦିଆଯାଇନାହିଁ । ଏହା ଦ୍ୱାରା ଭୂକମ୍ପର ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯିବ ନାହିଁ ବୋଲି ସିଏନ୍ଏନ୍ ତା’ର ରିପୋର୍ଟରେ ଉଲ୍ଲେଖ କରିଛି । କାରଣ ହିମାଳୟ କ୍ଷେତ୍ର ତଥା ଏହି ଅଞ୍ଚଳ ସବୁଠାରୁ ଭୂକମ୍ପ ଦୃଷ୍ଟିରୁ ସକ୍ରିୟ ରହିଛି । ଏଠାରେ ଭୂକମ୍ପ ସହିତ ଭୂସ୍ଖଳନ ଓ ହିମସ୍ରୋତ ବିସ୍ଫୋରଣର ଆଶଙ୍କା ସର୍ବଦା ରହିଥାଏ । ଯଦି ବନ୍ଧ ଗଠନ ପ୍ରକ୍ରିୟାରେ ସାମାନ୍ୟ ବିଫଳତା ହୁଏ ଓ ଏହି ବନ୍ଧ ଭାଙ୍ଗିଯାଏ, ତେବେ ଏହାର ପ୍ରଭାବ କେବଳ ଚୀନ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ । ଭାରତ ଓ ବାଂଲାଦେଶର କୋଟି କୋଟି ଲୋକ ଏହି ନଦୀ ଉପରେ ନିର୍ଭରଶୀଳ ରହିଥିବା ବେଳେ ହଠାତ ବନ୍ଧ ଭାଙ୍ଗିଲେ କିମ୍ବା ପାଣି ଛଡ଼ା ଗଲେ ଏହା ଏକ ‘ଜଳ ବୋମା’ ଭଳି ପରିସ୍ଥିତି ସୃଷ୍ଟି କରିବା ସହ ଧ୍ୱଂସର ତାଣ୍ଡବଲୀଳା ରଚିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ପଶ୍ଚିମବଙ୍ଗରେ ଗାନ୍ଧୀଙ୍କ ନାମରେ ହେବ ରୋଜଗାର ଗ୍ୟାରେଣ୍ଟି ଯୋଜନା: ମମତା


କୋଲକାତା, ୧୮ ।୧୨(ଏଜେନ୍ସି): ରୋଜଗାର ଗ୍ୟାରେଣ୍ଟି ସ୍କିମ୍ ‘ମନରେଗା’ରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯିବା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ଏକ ନୂଆ ଘୋଷଣା କରିଛନ୍ତି । ରାଜ୍ୟର ଚାଲିଥିବାର ରୋଜଗାର ଗ୍ୟାରେଣ୍ଟି ଯୋଜନା ‘କର୍ମଶ୍ରୀ’ର ନାମ ପରିବର୍ତ୍ତନ କରାଯାଇ ମହାତ୍ମା ଗାନ୍ଧୀଙ୍କ ନାମରେ ରଖାଯିବ ବୋଲି ସେ କହିଛନ୍ତି । ୨୦୨୪ରେ ରାଜ୍ୟରେ ‘କର୍ମଶ୍ରୀ’ ଯୋଜନା ଆରମ୍ଭ ହୋଇଥିଲା । ଗାଁ ଓ ସହରରେ ଥିବା ଗରିବ ଲୋକଙ୍କୁ ରୋଜଗାର ଦେବା ଏହି ଯୋଜାନର ମୁଖ୍ୟ ଲକ୍ଷ୍ୟ ଥିଲା । ଏବେ ଏହାର ନାମ ହେବ ‘ମହାତ୍ମା ଗାନ୍ଧୀ କର୍ମଶ୍ରୀ’ ଯୋଜନା । ଗୁରୁବାର ଅନୁଷ୍ଠିତ କମର୍ସ ଓ ଇଣ୍ଡଷ୍ଟ୍ରୀ କନକ୍ଲେଭରେ ଯୋଗ ଦେଇ ମମତା ଏ ନେଇ ଘୋଷଣା କରିଛନ୍ତି । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସମ୍ମାନରେ ଏପରି କରାଯିବ ବୋଲି ସେ କହିଛନ୍ତି । ଉଲ୍ଲେଖଥାଉ କି, କେନ୍ଦ୍ର ସରକାର ଗାନ୍ଧୀଙ୍କ ନାମ ହଟାଇ ମନରେଗାର ନାମକୁ ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ)ରେ ପରିବର୍ତ୍ତନ କରାଯାଇଛି ଓ ଗୁରୁବାର ଲୋକସଭାରେ ଏ ନେଇ ବିଲ୍ ପାରିତ ହୋଇଛି ।

## ଦଳାଚକଟା ପରେ ବିଜୟଙ୍କ ପ୍ରଥମ ରାଲି



ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): କରୁର ଦଳାଚକଟା ପରେ ଗୁରୁବାର ଅଭିନେତା ତଥା ତାମିଲଗା ବେତ୍ରୀ କାଝଗମ୍ (ଟିଭିକେ) ଦଳ ପ୍ରମୁଖ ବିଜୟ ତାମିଲନାଡୁରେ ତାଙ୍କର ପ୍ରଥମ ରାଜନୈତିକ ରାଲିର ଆୟୋଜନ କରିଛନ୍ତି । ଏଥିରେ ୩୫, ୦୦୦ ଲୋକ ଯୋଗ ଦେଇଥିଲେ । ରାଲି ଅବସରରେ ଜଣେ ସମର୍ଥକ ବେହୋଶ ହୋଇ ତଳେ ପଡ଼ିଯାଇଥିଲେ । ଫଳରେ କିଛି ସମୟ ପାଇଁ ଲୋକଙ୍କ ମଧ୍ୟରେ ଦୌଡ଼ାଦୌଡ଼ି ଦେଖିବାକୁ ମିଳିଥିଲା । ବେହୋଶ ହୋଇଥିବା ବ୍ୟକ୍ତିଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ତାଙ୍କର ଚିକିତ୍ସା ଚାଲିଛି । ରାଲିରେ ନିଜର ବକ୍ତବ୍ୟ ଦେବା ଅବସରରେ ସେ ଡିଏମ୍‌କେକୁ ସମାଲୋଚନା କରିଥିଲେ । ଏବେ ଭଲ ଓ ମନ୍ଦ ଅର୍ଥାତ ଧର୍ମ ଓ ଅଧର୍ମ ମଧ୍ୟରେ ଯୁଦ୍ଧ ହେବ । ମୋ ବିରୋଧରେ ଷଡଯନ୍ତ୍ର ରଚା ଯାଉଛି । କିନ୍ତୁ ସେମାନେ ଏଥିରେ ସଫଳ ହେବେ ନାହିଁ ବୋଲି ବିଜୟ କହିଥିଲେ । କେତୋଟି ସର୍ତ୍ତ ସହ ଏହି ରାଲି ଆୟୋଜନ କରିବାକୁ ଅନୁମତି ଦିଆଯାଇଥିଲା ।

## ପ୍ରସିଦ୍ଧ ମୂର୍ତ୍ତିକାର ରାମ ସୂତାରଙ୍କ ପରଲୋକ



ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): ଦେଶର ପ୍ରସିଦ୍ଧ ମୂର୍ତ୍ତିକାର ରାମ ସୂତାର ବୁଧବାର ବିଳମ୍ବିତ ରାତିରେ ନୋଏଡାସ୍ଥିତ ତାଙ୍କ ବାସଭବନରେ ପରଲୋକଗମନ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୧୦୦ ବର୍ଷ ଥିଲା ଓ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ । ଗୁରୁବାର ତାଙ୍କ ପୁଅ ଅନିଲ ସୂତାର ପିତାଙ୍କ ପରଲୋକ ନେଇ ସୂଚନା ଦେଇଥିଲେ । ୧୯୨୫ ଫେବୃଆରୀ ୧୯ରେ ସେ ମହାରାଷ୍ଟ୍ରର ଧୂଳେ ଜିଲ୍ଲାର ଗୋଣଡୁର ଗାଁର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ମୁମ୍ବଇର ଜେଜେ ସ୍କୁଲ ଅଫ୍ ଆର୍ଟ ଆଣ୍ଡ ଆର୍କିଟେକଚରରେ ଅଧ୍ୟୟନ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ । ରାମ ସୂତାର ବିଶ୍ୱର ସବୁଠାରୁ ଉଚ୍ଚ ପ୍ରତିମୂର୍ତ୍ତି, ଗୁଜରାଟରେ ସ୍ଥାପିତ ଷ୍ଟାଚ୍ୟୁ ଅଫ୍ ୟୁନିଟି (ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତି) ଭଳି ସ୍ମାରକୀ ମୂର୍ତ୍ତିର ଡିଜାଇନ୍ କରିଥିଲେ । ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟମଧ୍ୟରେ ସଂସଦ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ଧ୍ୟାନ ପ୍ରତିମୂର୍ତ୍ତି ଓ ଘୋଡ଼ା ଚଢ଼ିଥିବା ଛତ୍ରପତି ଶିବାଜୀ ମହାରାଜଙ୍କ ପ୍ରତିମୂର୍ତ୍ତି ଅନ୍ତର୍ଭୁକ୍ତ । ତାଙ୍କୁ ୧୯୯୯ରେ ପଦ୍ମଶ୍ରୀ ଓ ୨୦୧୬ରେ ପଦ୍ମଭୂଷଣ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା । ତାଙ୍କୁ ମହାରାଷ୍ଟ୍ରର ସର୍ବୋଚ୍ଚ ନାଗରିକ ସମ୍ମାନ ‘ମହାରାଷ୍ଟ୍ର ଭୂଷଣ’ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା । ତାଙ୍କ ପରଲୋକରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର ଓ ଏକନାଥ ସିନ୍ଦେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ଘର ଭଡ଼ା ମାଗିବାରୁ ମାଲିକାଣୀଙ୍କୁ ହତ୍ୟା

ଗାଜିଆବାଦ୍, ୧୮ ।୧୨(ଏଜେନ୍ସି): ଉତ୍ତରପ୍ରଦେଶର ଗାଜିଆବାଦ୍‌ରେ ଜଣେ ପତି-ପତ୍ନୀ ସାଥିହୋଇ ଘର ମାଲିକାଣୀଙ୍କୁ ହତ୍ୟା କରିବା ଘଟଣା ସାମ୍ନାକୁ ଆସିଛି । ବାକିଥିବା ୬ ମାସର ଘର ଭଡ଼ା ମାଗିବାକୁ ଘର ମାଲିକାଣୀ ଦୀପଶିଖା ପହଞ୍ଚିଥିଲେ । ତାଙ୍କୁ ଦେଖି ଉଭୟ ପତି ଓ ପତ୍ନୀ ରାଗିଯାଇଥିଲେ । ଦୀପଶିଖାଙ୍କୁ ଘରକୁ ଡାକି ଦୁହେଁ କୁକର୍‌ରେ ବାଡେଇ ଥିଲେ ଓ ମାଡପିଟ୍ କରିବା ସହ ଦୁପଟ୍ଟାରେ ଗଳା ଭିଡ଼ି ହତ୍ୟା କରିଥିଲେ । ଲୁଚାଇବା ପାଇଁ ଦୁହେଁ ଦୀପଶିଖାଙ୍କ ମୃତଦେହକୁ ଛୋଟ ଛୋଟ ଖଣ୍ଡରେ କାଟି ସୁଟ୍‌କେସ୍‌ରେ ଭର୍ତ୍ତି କରିଥିଲେ ଓ ଏହାକୁ ପଲଙ୍କର ବାକ୍ସରେ ଲୁଚାଇଦେଇଥିଲେ । ଡିସେମ୍ବର ୧୭ରେ ଏହି ଘଟଣା ଘଟିଥିଲା । ବହୁ ସମୟ ଧରି ଦୀପଶିଖା ଘରକୁ ନ ଫେରିବାରୁ ପରିବାର ଲୋକେ ସିସିଟିଭିର ଯାଞ୍ଚ କରି ଅଘଟଣ ଆଶଙ୍କା କରିଥିଲେ ଓ ଏ ନେଇ ପୁଲିସକୁ ସୂଚନା ଦେଇଥିଲେ । ପରିବାର ଲୋକେ ଅଭିଯୋଗ କରିବା ପରେ ପୁଲିସ ଭଡାଟିଆ ପତି-ପତ୍ନୀଙ୍କୁ ପଚରା ଉଚରା କରିଥିଲେ । ଦୁହେଁ ତୁରନ୍ତ ନିଜର ଦୋଷ ତଥା ଅପରାଧ ସ୍ୱୀକାର କରିଥିଲେ । ଏହାପରେ ବେଡ୍ ବକ୍ସ ତଳୁ ତାଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଥିଲା । ପୁଲିସର ସୂଚନା ଅନୁସାରେ ଫରିଦାବାଦର ଏକ ଘରୋଇ କମ୍ପାନୀରେ ଉମେଶ ଶର୍ମା ଇଞ୍ଜିନିୟର ଭାବେ କର୍ଯ୍ୟରତ ଅଛନ୍ତି । ତାଙ୍କ ପତ୍ନୀ ୪୦ ବର୍ଷୀୟା ଦୀପଶିଖା ଘରେ ରୁହନ୍ତି । ଅଭିଯୁକ୍ତ ୫ ଦିନ ତଳେ ହତ୍ୟା ପାଇଁ ଯୋଜନା କରିଥିଲେ । ମୃତଦେହ ଥିବା ସୁଟ୍‌କେସକୁ ନଦୀରେ ଭସାଇବାକୁ ଯୋଜନା କରିଥିଲେ କିନ୍ତୁ ଏହା ପୂର୍ବରୁ ଦୁହେଁ ଧରାପଡ଼ିଥିଲେ । ପୁଲିସ ଏହି ମାମଲାରେ ଅଭିଯୁକ୍ତ ପତି-ପତ୍ନୀଙ୍କୁ ଗିରଫ କରି ଯାଞ୍ଚ କରୁଛି ।



## ମୋଦୀଙ୍କୁ ଓମାନର ସର୍ବୋଚ୍ଚ ସମ୍ମାନ

ମସ୍କାଟ: ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଓମାନର ସର୍ବୋଚ୍ଚ ବେସାମରିକ ସମ୍ମାନ ‘ଅର୍ଡର ଅଫ୍ ଓମାନ’ରେ ସମ୍ମାନିତ କରାଯାଇଛି । ଓମାନର ସୁଲତାନ ହାଇଥମ ବିନ୍ ତାରିକ ଗୁରୁବାର ଦିନ ମସ୍କାଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । ଭାରତ ଓ ଓମାନ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କରେ ଉଲ୍ଲେଖନୀୟ ଅବଦାନ ପାଇଁ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି ।

# ତଥାପି ସୁଧୁରୁନି ଦିଲ୍ଲୀ ପ୍ରଦୂଷଣ

## ଏକ୍ୟୁଆଇ ତଥ୍ୟ ଓ କେନ୍ଦ୍ରମନ୍ତ୍ରୀଙ୍କ ଦାବି ମଧ୍ୟରେ ତାଳମେଳ ନାହିଁ

ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆର୍‌ରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସତ୍ତ୍ୱେ ପ୍ରଦୂଷଣ କମିବା ବଦଳରେ ବୃଦ୍ଧି ପାଇବାରେ ଲାଗିଛି । ଚଳିତବର୍ଷ ପ୍ରଦୂଷଣ ବହୁତ ଗମ୍ଭୀରସ୍ଥିତିକୁ ଯାଇଛି । ଅନେକ କଟକଣା ସତ୍ତ୍ୱେ ପ୍ରଦୂଷଣ ନିୟନ୍ତ୍ରଣକୁ ଆସୁନାହିଁ । ସମସ୍ତ କାର୍ଯ୍ୟାଳୟ ପାଇଁ ୫୦ ଭାଗ କର୍ମଚାରୀ ୱାର୍କ ଫ୍ରମ୍ ହୋମ କଟକଣା ଲାଗୁ କରାଯାଇଛି । ଏହାସହିତ ଦିଲ୍ଲୀ ଭିତରକୁ ବାହାର ରାଜ୍ୟରୁ ପୁରୁଣା ଗାଡ଼ି ପ୍ରବେଶକୁ ମଧ୍ୟ ଆଜିଠାରୁ ବନ୍ଦ କରି ଦିଆଯାଇଛି । ପୁଣି ପ୍ରଦୂଷଣ ସାର୍ଟିଫିକେଟ ନ ଦେଖାଇଲେ ଗାଡ଼ିକୁ ତେଲ ମିଳିବ ନାହିଁ । ଆଜିଠାରୁ ଏହିସବୁ କଟକଣା ଲାଗୁ କରାଯାଇଥିବାରୁ ଆଗାମୀ କିଛି ଦିନ ମଧ୍ୟରେ ପରିସ୍ଥିତିରେ ସୁଧାର ଆସିବ ବୋଲି ଅନୁମାନ କରାଯାଉଛି ।

ସୂଚନାଯୋଗ୍ୟ ଯେ ଚଳିତ ଡିସେମ୍ବର ମାସରେ ଦୁଇଦିନ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଗମ୍ଭୀର ସ୍ଥିତିରେ ପହଞ୍ଚିଥିଲା । ଏ ନେଇ ଏନ୍‌ସିଆର ମନିଟରିଂ ଷ୍ଟେସନରୁ ମିଳିଥିବା ସରକାରୀ ତଥ୍ୟ ଓ ସଂସଦରେ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଦେଇଥିବା ତଥ୍ୟ ରେ ତାଳମେଳ ରହୁନଥିବା ଜଣାଯାଇଛି । ଏକ୍ୟୁଆଇ ନେଇ ମନ୍ତ୍ରୀ ଦେଇଥିବା ତଥ୍ୟ ସହ ମେଳ ଖାଉନି ମନିଟରିଂ ଷ୍ଟେସନରେ ରେକର୍ଡ ହୋଇଥିବା ତଥ୍ୟ । ମନ୍ତ୍ରୀ ରାଜ୍ୟସଭାରେ କହିଛନ୍ତି ଯେ, ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି) ଅନୁଯାୟୀ ଦିଲ୍ଲୀ-ଏନ୍‌ସିଆରରେ ଚଳିତବର୍ଷ ଗୋଟିଏ ବି ଦିନ ଏକ୍ୟୁଆଇ ୪୫୦ ଉପରେ ରେକର୍ଡ ହୋଇନାହିଁ । ନୀତିଗତ ପଦକ୍ଷେପ ଓ ବିଭିନ୍ନ ଗଠନମୂଳକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ବର୍ଷ ବର୍ଷ ଧରି ଏହି ଅଞ୍ଚଳରେ ଏକ୍ୟୁଆଇରେ ଯଥେଷ୍ଟ ଉନ୍ନତି ହୋଇଛି ବୋଲି ସେ କହିଛନ୍ତି ।

କିନ୍ତୁ ବିଭିନ୍ନ ମନିଟରିଂ କେନ୍ଦ୍ରରୁ ମିଳିଥିବା ତଥ୍ୟ ଭିନ୍ନ କଥା କହୁଛି । ଡିସେମ୍ବରରେ ୩ ଦିନ ଏକ୍ୟୁଆଇ ଗମ୍ଭୀର ସ୍ଥିତିରେ ପହଞ୍ଚିଥିଲା ବୋଲି କୁହାଯାଇଛି । ନୋଏଡ଼ାରେ ଡିସେମ୍ବର ୧୩ରେ ଏକ୍ୟୁଆଇ ୪୫୫ ଥିଲା ଓ ୧୪ରେ ଏହା ୪୬୬ରେ ପହଞ୍ଚିଥିଲା । ସେହିପରି ୧୫ ତାରିଖରେ ଏହା ୪୩୭ ଥିଲା । ସେହିପରି ଦିଲ୍ଲୀରେ ଡିସେମ୍ବର ୧୩ରେ ଏକ୍ୟୁଆଇ ୪୬୧, ୧୪ରେ ୪୨୭ ଥିଲା । ଜିଆରଏପି ନିୟମ ଲାଗୁ ହେବା ପରେ ଏହା ୪୫୦ ଉପରେ ଥିଲା ଓ ଏହା ଗମ୍ଭୀର ସ୍ଥିତିକୁ ସୂଚାଇଥିଲା । ସେହିପରି ନଭେମ୍ବର ୧୧, ୧୨, ୧୯ ଓ ୨୩ ତାରିଖରେ ଏକ୍ୟୁଆଇ ୪୦୮ ରୁ ୪୨୫ ମଧ୍ୟରେ ଥିଲା ।

## ନୈନୀତାଲରେ ଖାଇକୁ ଖସିଲା ସ୍କର୍ପିଓ; ୩ ମୃତ

ନୈନିତାଲ, ୧୮ ।୧୨(ଏଜେନ୍ସି): ଉତ୍ତରାଖଣ୍ଡର ନୈନୀତାଲରେ ଗୁରୁବାର ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ସ୍କର୍ପିଓ ୨୦୦ ଫୁଟ ତଳେ ଥିବା ଖାଇକୁ ଖସି ଦୁର୍ଘଟଣାର ସମ୍ମୁଖୀନ ହୋଇଛି । ଫଳରେ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୬ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଗାଡ଼ିରେ ଥିବା ଜଣେ ଯୁବକଙ୍କ ମା, ପତ୍ନୀ ଓ ଶାଳି ମୃତ୍ୟୁବରଣ କରିଛନ୍ତି । ପାଖାପାଖି ସକାଳ ୯ ଟାରେ ଭବାଲି-ଅଲମୋଡ଼ା ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଥିଲା ଓ ଏଥିରେ ୩ ଜଣ ମହିଳା ମୃତ୍ୟୁବରଣ କରିଛନ୍ତି ବୋଲି ଭବାଲୀ ପୁଲିସ ତରଫରୁ କୁହାଯାଇଛି । ଡ୍ରାଇଭରକୁ ନିଦ ଆସିବା କାରଣରୁ ଆଖି ଲାଗି ଯାଇଥିଲା ଓ ଏଥିପାଇଁ ଦୁର୍ଘଟଣା ଘଟିଥିଲା ବୋଲି କୁହାଯାଇଛି । ସୂଚନା ମିଳିବା ମାତ୍ରେ ପୁଲିସ ଓ ଏସ୍‌ଡିଆରଏଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଡ଼ିରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ । ଆମ୍ବୁଲାନ୍ସ ଜରିଆରେ ଆହତଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କିଛି ଆହତଙ୍କୁ ସୁଶୀଳା ତିୱାରୀ ହସ୍ପିଟାଲକୁ ରେଫର କରାଯାଇଥିଲା । ସବୁ ଆହତ ଉତ୍ତରପ୍ରଦେଶ ଓ ଗୁଜରାଟର ବୋଲି କୁହାଯାଇଛି । ଏମାନେ ସବୁ କାଇଞ୍ଚି ଧାମ ଦର୍ଶନ କରିବାକୁ ଯାଉଥିଲେ । କିନ୍ତୁ ୫ କିମି ପୂର୍ବରୁ ହିଁ ଏହି ଦୁର୍ଘଟଣା ଘଟିଥିଲା ।

## ଚା’ ଦୋକାନ ଉପରେ ଚଢ଼ିଗଲା ଟ୍ରକ; ୨ ମୃତ

ସୁଲତାନପୁର, ୧୮ ।୧୨(ଏଜେନ୍ସି): ସ୍ଥାନୀୟ ଲମ୍ଭୁଆ ଅଞ୍ଚଳରେ ଘନ କୁହୁଡି ଯୋଗୁଁ ଏକ ବଡ଼ ଦୁର୍ଘଟଣା ଘଟିଛି । କୁହୁଡି କାରଣରୁ ଦୃଶ୍ୟମାନତା କମ୍ ହେବା କାରଣରୁ ଏକ ଟ୍ରକ୍ ଚା ଦୋକାନ ଉପରେ ଚଢ଼ଯାଇଥିଲା । ଫଳରେ ୨ ଜଣ ଲୋକ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଦ୍ରୁତଗତିରେ ଏକ ଟ୍ରକ ଦିୟାରାଠାରୁ ଲମ୍ଭୁଆ ଆଡକୁ ଆସୁଥିବା ବେଳେ ଗୁରୁବାର କୁରମିଆନେ ରାମପୁର ଗାଁରେ ଏହି ଦୁର୍ଘଟଣା ଘଟିଛି । ଏଥିରେ ଚା ଦୋକାନ ମାଲିକର ପୁଅ ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ପତ୍ନୀ ଆହତ ହୋଇଛନ୍ତି । ଟ୍ରକ ଡ୍ରାଇଭର ମଧ୍ୟ ଏଥିରେ ମୃତ୍ୟୁବରଣ କରିଛନ୍ତି ବୋଲି ପୁଲିସ କହିଛି ।

## ଇଣ୍ଡିଗୋ ସେବା ସ୍ୱାଭାବିକ; ପୁଣି ଉଡ଼ିଲା ୨୨୨୦ ବିମାନ

ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): ବିମାନ ସେବା ନେଇ ସବୁଠାରୁ ଖରାପ ସମୟ ଚାଲିଯାଇଛି ଓ ଅପରେସନ ଏବେ ସ୍ଥିର ହୋଇଛି ବୋଲି ଇଣ୍ଡିଗୋ ଏୟାର ଲାଇନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ପିଟର ଏଲବର୍ସ କହିଛନ୍ତି । କମ୍ପାନୀ ଏହାର ନେଟୱର୍କକୁ ୨୨୦୦ ବିମାନ ଉଡାଣ ଦ୍ୱାରା ପୁନଃସ୍ଥାପିତ କରିଛି । ପିଟର ଗୁରୁବାର ନିଜର କର୍ମଚାରୀମାନଙ୍କୁ ବାର୍ତ୍ତା ଦେଇ କହିଛନ୍ତି ଯେ, କଷ୍ଟକର ସମୟ ବିତିଯାଇଛି ଓ ବିମାନ ସେବା ଏବେ ଆହୁରି ଶକ୍ତିଶାଳୀ ହୋଇଛି । କଷ୍ଟକର ସମୟରେ ଏକଜୁଟ ହୋଇ ରହିବା ସହ କାର୍ଯ୍ୟ କରିଥିବାରୁ ସେ ସବୁ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି । ଗତ ଦୁଇ ସପ୍ତାହ ଆମ ପାଇଁ ନିହାତି କଷ୍ଟକର ଓ ଚ୍ୟାଲେଞ୍ଜିଂ ଥିଲା । ଏହି ଅସୁବିଧା ମଧ୍ୟରେ ଆମେ ପୁଣି ଆମର କାର୍ଯ୍ୟକୁ ବାଟକୁ ଆଣିବାରେ ସକ୍ଷମ ହୋଇଛୁ । ଆମେ ଆଜି ଆମର





ନେଟୱାର୍କକୁ ୨୨୦୦ ଉଡାଣରେ ପୁନଃସ୍ଥାପିତ କରିଛୁ । ଆମେ ଇଣ୍ଡିଗୋକୁ ଯେଉଁ ଏକାଗ୍ରତାର ସହ ଗଢ଼ି ତୋଳିଥିଲୁ, ସେହିଭଳି ଦେଶର ବିମାନ ସେବାକୁ ଆହୁରି ତ୍ୱରାନ୍ୱିତ କରିବୁ । ନିର୍ଭରଯୋଗ୍ୟତା, ସୁଗମତା, ଶୃଙ୍ଖଳା ଓ ଗ୍ରାହକଙ୍କ ପ୍ରତି ବିଶେଷ ଧ୍ୟାନ ସହ ଆମକୁ ଆହୁରି ଆଗକୁ ଯିବାକୁ ହେବ ବୋଲି ସେ କହିଛନ୍ତି । ଉଲ୍ଲେଖଥାଉ କି, ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଦ୍ୱାରା ବିମାନ ସେବା ନିୟମରେ ପରିବର୍ତ୍ତନ କାରଣରୁ ଡିସେମ୍ବର ପ୍ରଥମ ସପ୍ତାହରେ ଇଣ୍ଡିଗୋ କମ୍ପାନୀ ଗୁରୁତ୍ୱପୂର୍ଣ୍ଣ କର୍ମଚାରୀ ଅଭାବର ସମ୍ମୁଖୀନ ହୋଇଥିଲା । ଏହି କାରଣରୁ ଡିସେମ୍ବର ୧ରୁ ୧୦ ମଧ୍ୟରେ ଦେଶରେ ୫, ୦୦୦ରୁ ଅଧିକ ବିମାନ ଉଡାଣକୁ ବାତିଲ କରାଯାଇଥିଲା । ଏହି କାରଣରୁ ସେତେବେଳେ ଦେଶରେ ନାହିଁ ନଥିବା ସ୍ଥିତି ଉପୁଜିଥିଲା । ବିମାନ ଯାତ୍ରୀମାନେ ଅପ୍ରତ୍ୟାଶିତ ଭାବେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ।

## ଛାଡ଼ପତ୍ର ପାଇଁ ପତି-ପତ୍ନୀ ଏକବର୍ଷ ଅଲଗା ରହିବା ଜରୁରୀ ନୁହେଁ: ଦିଲ୍ଲୀ ହାଇକୋର୍ଟ


ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): ଦିଲ୍ଲୀ ହାଇକୋର୍ଟ ଛାଡ଼ପତ୍ର ଦେବା ନେଇ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ଆପୋସ ସହମତିରେ ଛାଡ଼ପ୍ରତ ଦେବାକୁ ଚାହୁଁଥିବା ପତି-ପତ୍ନୀଙ୍କ ପାଇଁ ଗୋଟିଏ ବର୍ଷ ଅଲଗା ରହିବାର ସର୍ତ୍ତ ବାଧ୍ୟତାମୂଳକ ନୁହେଁ ବୋଲି କୋର୍ଟ କହିଛନ୍ତି । କୋର୍ଟ କହିଛନ୍ତି ଯେ, ହିନ୍ଦୁ ବିବାହ ଆଇନ୍ (ଏଚ୍‌ଏମ୍‌ଏ), ୧୯୫୫ ଅନୁଯାୟୀ ଲାଗୁ ହୋଇଥିବା ଏହି ସର୍ତ୍ତକୁ କେତୋଟି ଉଚିତ ମାମଲାରେ ଛାଡ଼ କରାଯାଇପାରିବ । ଏପରିସ୍ଥିତିରେ ସ୍ୱାମୀ ଓ ସ୍ତ୍ରୀଙ୍କୁ ବିବାହ ବନ୍ଧନରୁ ମୁକ୍ତ କରିବା ପରିବର୍ତ୍ତେ, ସେମାନଙ୍କୁ ଏକ ଅବିଶ୍ୱସ୍ତ ସମ୍ପର୍କରେ ଫସାଇ ରଖିବା ଭୁଲ ହେବ ଓ ଏହା ଉଭୟଙ୍କ ପାଇଁ ଅନାବଶ୍ୟକ ମାନସିକ ଓ ଭାବନାତ୍ମକ ଚାପ ସୃଷ୍ଟି କରିବ ବୋଲି କୋର୍ଟ କହିଛନ୍ତି । ଆଇନ୍ ଅନୁଯାୟୀ ପରସ୍ପର ସମ୍ମତିରେ ଛାଡ଼ପତ୍ର ଦେବା ପାଇଁ ଆବେଦନ ଦାଖଲ କରିବାର ସମୟସୀମା ସମ୍ପର୍କରେ ମାର୍ଗଦର୍ଶନ ପାଇଁ ଏକ ଡିଭିଜନ ବେଞ୍ଚ୍ ଦେଇଥିବା ଏକ ରାୟର ଜବାବରେ କୋର୍ଟ ଏହି ସ୍ପଷ୍ଟୀକରଣ ଦେଇଛନ୍ତି । ଜଷ୍ଟିସ ନବୀନ ଚାୱାଲା, ଜଷ୍ଟିସ ଅନୁପ ଜୟରାମ ଭାମ୍ଭାନୀ ଓ ଜଷ୍ଟିସ ରେଣୁ ଭଟ୍ଟନାଗରଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି ଯେ ଏଚ୍‌ଏଏ ଧାରା ୧୩ବି(୧) ଅନୁଯାୟୀ ଗୋଟିଏ ବର୍ଷ ପାଇଁ ସ୍ୱାମୀ ସ୍ତ୍ରୀ ପୃଥକ ରହିବାର ଆଇନଗତ ସର୍ତ୍ତ ବାଧ୍ୟତାମୂଳକ ନୁହେଁ ।

# ସାଉଦିରେ ପାକ୍ ଭିକାରିଙ୍କ ଉତ୍ପାତ; ତଡ଼ା ଖାଇଲେ ୫୬ ହଜାର

ଇସଲାମାବାଦ୍, ୧୮ ।୧୨(ଏଜେନ୍ସି): ପୂର୍ବରୁ ପାକିସ୍ତାନ ନିଜ ଘରେ ଏବଂ ପାଶ୍ଚାତ୍ୟ ଦେଶଗୁଡିକ ଦ୍ୱାରା ଅପମାନିତ ହେଉଥିଲା । ଏବେ ମଧ୍ୟପ୍ରାଚ୍ୟର ଇସ୍‌ଲାମିକ ଦେଶଗୁଡିକ ମଧ୍ୟ ପାକିସ୍ତାନକୁ ଅପମାନିତ କରିବାକୁ ପଛାଉ ନାହାନ୍ତି । ନିକଟରେ ମିଳିଥିବା ସୂଚନା ଅନୁଯାୟୀ ସାଉଦି ଆରବ ୫୬ ହଜାର ପାକିସ୍ତାନୀ ଭିକାରିଙ୍କୁ ଦେଶରୁ ପାକିସ୍ତାନକୁ ବିତାଡିତ କରିଛି । ଏମାନଙ୍କୁ ନେଇ ଉଭୟ ପାକିସ୍ତାନ ଏବଂ ସାଉଦି ଆରବ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ଏମାନେ ଭିକ୍ଷାବୃତ୍ତି ସହିତ ଅନେକ ଅପରାଧିକ କାର୍ଯ୍ୟରେ ମଧ୍ୟ ଲିପ୍ତ ରହୁଛନ୍ତି ।

ଘରୋଇ ବିମାନରେ ଉଡାଣ ନିଷେଧ ତାଲିକା ଓ ବିଦେଶୀ ସରକାରଙ୍କ କଡ଼ା ଚେତାବନୀ ସତ୍ତ୍ୱେ ହଜାର ହଜାର ପାକିସ୍ତାନୀ କେବଳ ଭିକ୍ଷା ମାଗିବାକୁ ବିଦେଶ ଯାତ୍ରା କରୁଛନ୍ତି । ପାକିସ୍ତାନ ଫେଡେରାଲ ତଦନ୍ତ ଏଜେନ୍ସି (ଏଫ୍ଆଇଏ) ୨୦୨୫ରେ ଭିକ୍ଷାକାରୀ ଦଳକୁ ବିଦେଶ ଯିବାକୁ ରୋକିବା ପାଇଁ ୬୬, ୧୫୪ ଜଣ ଯାତ୍ରୀଙ୍କୁ ବିମାନରୁ ଓହ୍ଲାଇ ଦେଇଥିବା ବେଳେ ଏବେ ଏହି ତଥ୍ୟ ସାମ୍ନାକୁ ଆସିଛି । ଗୋଟିଏ ମାସ ତଳେ ସାଉଦି ଆରବ ଭିକ୍ଷାବୃତ୍ତି ଓ ଆପରାଧିକ ଆଚରଣ ପାଇଁ ଅଧିକାଂଶ ପାକିସ୍ତାନ ନାଗରିକଙ୍କୁ ଭିସା ପ୍ରଦାନ କରିବା ପ୍ରକ୍ରିୟାକୁ ବନ୍ଦ କରିଥିଲା । ଭିକ୍ଷାବୃତ୍ତିକୁ ପେସାରେ ପରିଣତ କରିଥିବା ନାଗରିକମାନେ ପାକିସ୍ତାନର ସମ୍ମାନହାନି କରୁଛନ୍ତି । ଏବେ ସାଉଦିରେ ଯେତେ ଭିକାରିଅଛନ୍ତି ସେମାନଙ୍କ ମଧ୍ୟରୁ ପାକିସ୍ତାନୀ ହେଉଛନ୍ତି ୯୪ ଭାଗ ।

ଉଲ୍ଲେଖଥାଉ କି, ସାଉଦି ଆରବରେ ଇସଲାମ ଧର୍ମର ଦୁଇଟି ସବୁଠାରୁ ପବିତ୍ର ସ୍ଥଳ ମକ୍କା ଓ ମଦିନା ରହିଛି । ଏହି ଦୁଇଟି ସ୍ଥାନରେ ବହୁ ସଂଖ୍ୟାରେ ପାକିସ୍ତାନୀ ଭିକାରିମାନେ ଡେରା ପକାଇଛନ୍ତି । ଗତବର୍ଷ ମଧ୍ୟ ସାଉଦି ଆରବ ପାକିସ୍ତାନକୁ କହିଥିଲା ଯେ, ଭିକାରିମାନଙ୍କୁ ଉମରା ଭିସା ପ୍ରଦାନ କରାଯାଉଛି । ସେମାନେ ଏହାର ଦୁରୁପଯୋଗ କରି ମକ୍କା ଓ ମଦିନା ଭଳି ପବିତ୍ର ସହରରେ ଭିକ୍ଷା ମାଗୁଛନ୍ତି । ତେଣୁ ଏହି ପ୍ରକ୍ରିୟାକୁ ରୋକିବାପାଇଁ ପାକିସ୍ତାନ ପଦକ୍ଷେପ ଗ୍ରହଣ କରୁ ବୋଲି ସାଉଦି ଆରବ ଚେତାବନୀ ଦେଇ କହିଥିଲା । କେବଳ ସେତିକି ନୁହେଁ, ପାକିସ୍ତାନ ଭିକାରିମାନେ ବିଦେଶୀ ତୀର୍ଥଯାତ୍ରୀଙ୍କୁ ସମସ୍ୟାରେ ମଧ୍ୟ ପକାଉଥିବା ଅଭିଯୋଗ ହେଉଛି । ୨୦୨୪ରେ ଗିରଫ ହୋଇଥିବା ମୋଟ ଭିକାରିଙ୍କ ମଧ୍ୟରେ ୯୦ ପ୍ରତିଶତ ପାକିସ୍ତାନ ନାଗରିକ ଥିଲେ ବୋଲି ଜଣାପଡ଼ିଥିଲା ।



## ଆଜିର ରାଶିଫଳ

ମେଷ: ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖାଦେବ।

ବୃଷ: ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

ମିଥୁନ: ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

କର୍କଟ: ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

ସିଂହ: ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

କନ୍ୟା: ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ତୁଳା: ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

ବିଛା: ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

ଧନୁ: ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଚିନ୍ତା ଦେଖା ଦେବ।

ମକର: ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

କୁମ୍ଭ: ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ ହେବ।

ମୀନ: ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୯୩୨- ବିବିସି (ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ୍) ବିଦେଶରେ ପ୍ରସାରଣ ଆରମ୍ଭ କଲା।
- ୧୯୫୦- ଆଧ୍ୟାତ୍ମିକ ଗୁରୁ ଦଲାଇଲାମା ତିବ୍ବତ ଛାଡ଼ିଲେ।
- ୧୯୬୬- ଏସୀୟ ବିକାଶ ବ୍ୟାଙ୍କର ଆରମ୍ଭ ହେଲା।
- ୨୦୦୭- ଟାଇମ୍ ପତ୍ରିକା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ 'ପର୍ସନ୍ ଅଫ୍ ଦ ଇୟର୍' ଘୋଷଣା କଲା।
- ୨୦୧୮ - ଜାମ୍ମୁ କାଶ୍ମୀରରେ ରାଷ୍ଟ୍ରପତି ଶାସନ ଲାଗୁ ହେଲା।



# ବରଫରେ ଶୋଇ ରହି ବିଶ୍ୱ ରେକର୍ଡ

ଶୀତଦିନେ ଲୋକେ ଥଣ୍ଡାରୁ ରକ୍ଷା ପାଇବା ପାଇଁ ସ୍ୱେଟର, ମଫଲର, ଜ୍ୟାକେଟ୍ ଆଦି ପିନ୍ଧନ୍ତି। ଏହାବାଦ୍ ଅନେକ ଲୋକ ଏହିଦିନେ ଥଣ୍ଡା ପାଣି ବଦଳରେ ଗରମ ପାଣିରେ ଗାଧୋଇବାକୁ ପସନ୍ଦ କରନ୍ତି। ଏହି କ୍ରମରେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଭାଇରାଲ ହୋଇଛି ଯେଉଁଥିରେ ଜଣେ ବ୍ୟକ୍ତିଙ୍କ ମୁହଁ ବ୍ୟତୀତ ପୂରା ଶରୀର ବରଫରେ ଢାଙ୍କି ହୋଇଥିବାର ଦେଖାଯାଇଛି। ଏହି ବ୍ୟକ୍ତିଙ୍କ ନାମ ଲୁକାଜ ସ୍ୟୁନାର। ଲୁକାଜ କେବଳ ହ୍ୟାଫ୍ ପ୍ୟାଣ୍ଟଟିଏ ପିନ୍ଧିଛନ୍ତି। ଏଭଳି ଅବସ୍ଥାରେ ସେ ବରଫ ଉପରେ ଶୋଇ ଯାଉଛନ୍ତି। ଏହାପରେ କିଛି ଲୋକ ଆସି ତାଙ୍କ ଉପରେ ବରଫ ଲଦୁଛନ୍ତି। ତେବେ ଏଥିରେ କେବଳ ତାଙ୍କ ମୁହଁ ଓ ବେକ ଦେଖାଯାଉଛି। ପୂରା ଶରୀର ବରଫ ମଧ୍ୟରେ ଢାଙ୍କି ହୋଇ ରହୁଛି। ଭିଡିଓରେ ଲୁକାଜ ଅତ୍ୟଧିକ ଥଣ୍ଡା କାରଣରୁ ଥରୁଥିବାର ମଧ୍ୟ ଦେଖାଯାଉଛି। ତଥାପି ସେ ହାର୍ ମାନୁନାହାନ୍ତି। ଏଭଳି ଅବସ୍ଥାରେ ସେ ଅଢ଼େଇ ଘଣ୍ଟା ବିତାଇ ଦେଉଛନ୍ତି। ଏହାପରେ ଲୁକାଜଙ୍କ ନାମ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। ଗିନିଜ୍ ବିଶ୍ୱ ରେକର୍ଡର ଅଫିସିଆଲ ସାଇଟ୍‌ରେ ଲୁକାଜଙ୍କ ରେକର୍ଡ କରିବାର ଭିଡିଓ ସେୟାର କରାଯାଇଥିଲା। ଏହି ଭିଡିଓକୁ ଏବେ ସୁଦ୍ଧା ୪୫ ଲକ୍ଷ ଥର ଦେଖାଯାଇଛି। ଲୋକେ ଲୁକାଜଙ୍କର ଧୈର୍ଯ୍ୟ ଓ ସାହସକୁ ପ୍ରଶଂସା କରିଛନ୍ତି।


# 'ଅବତାର ୩'ରେ 'ରାମାୟଣ'ର ପ୍ରୋମୋ

ବଲିଉଡ୍ ଅଭିନେତା ରଣବୀର ସିଂହ ଏବେ 'ରାମାୟଣ' ଫିଲ୍ମକୁ ନେଇ ଚର୍ଚ୍ଚାରେ। ଏହା ତାଙ୍କ କ୍ୟାରିୟରର ସବୁଠୁ ଭଲ ଫିଲ୍ମ ହେବ ବୋଲି କୁହାଯାଉଛି। କିଛି ଦିନ ପୂର୍ବରୁ ଏହାର ପ୍ରଥମ ଝଲକ ଜାରି ହୋଇଥିଲା। ଦର୍ଶକେ ଏହାକୁ ଖୁବ୍ ପସନ୍ଦ କରିଥିଲେ। ନିର୍ଦ୍ଦେଶକ ନିତେଶ ତିୱାରୀ ଏବେ ଏହାର ପ୍ରୋମୋକୁ ଥ୍ରୀଡିରେ ଆଣିବା ପାଇଁ ଯୋଜନା କରିଛନ୍ତି। ସବୁଠୁ ବଡ଼ କଥା ହେଉଛି, ଜେମସ୍ କ୍ୟାମରୁନ୍‌ଙ୍କ 'ଅବତାର: ଫାୟାର ଆଣ୍ଡ ଆଶ୍' ସହ 'ରାମାୟଣ'ର ଥ୍ରୀଡି ପ୍ରୋମୋକୁ ଥିଏଟର୍‌ରେ ରିଲିଜ୍ କରାଯିବ। ତେବେ ଫିଲ୍ମ ରିଲିଜ୍ ପୂର୍ବରୁ ଏହାର ପ୍ରୋମୋକୁ ସିନେମାହଲ୍‌ରେ ରିଲିଜ୍ କରିବା ଏକ ଐତିହାସିକ ପଦକ୍ଷେପ ହେବ। ଡିସେମ୍ବର ୧୯ ରେ ଦର୍ଶକେ 'ଅବତାର ୩' ଦେଖିବା ପୂର୍ବରୁ ସେମାନଙ୍କୁ ପ୍ରଥମେ 'ରାମାୟଣ'ର ପ୍ରୋମୋ ଦେଖାଯିବ। ଆଠ ଥର ଓସ୍କାର ଜିତିଥିବା ଭିଜୁଆଲ ଇଫେକ୍ଟ ଷ୍ଟୁଡିଓ 'ଡିଏନ୍‌ଇଜି' ଏହାର ପ୍ରୋମୋ ଭିଜୁଆଲ ପ୍ରସ୍ତୁତ କରିଛି। 'ରାମାୟଣ' ଦୁଇଟି ପାର୍ଟରେ ଆସିବ। ଏହାର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଓ ଏହାର ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳି ଅବସରରେ ଆସିବ। ଏଥିରେ ରଣବୀର କପୁର ଭଗବାନ ଶ୍ରୀରାମ, ସାଇପଲ୍ଲବୀ ମାତା ସୀତା ଓ ଯଶ୍ ରାବଣ ଭୂମିକାରେ ନଜର ଆସିବେ। 'ରାମାୟଣ'ର ବଜେଟ୍ ୪୦୦୦ କୋଟି ରହିଛି।



## ଅଣ୍ଡା ବି ହୋଇପାରେ କ୍ଷତିକାରକ

ପ୍ରୋଟିନ୍‌ର ଉତ୍ତମ ଉତ୍ସ ହେଉଛି ଅଣ୍ଡା। ଅନେକ ଲୋକ ଏକାଥରକେ ୧୦-୧୫ ଅଣ୍ଡା କିଣି ସାଇତି ରଖନ୍ତି। ଏହାଦ୍ୱାରା ବାରମ୍ବାର ଅଣ୍ଡା ଆଣିବା ଚିନ୍ତା ଦୂର ହୁଏ। ସେହିପରି ଲୋକେ ଅଣ୍ଡାକୁ ଫ୍ରିଜ୍‌ରେ ସାଇତି ଦୀର୍ଘ ସମୟ ପର୍ଯ୍ୟନ୍ତ ବ୍ୟବହାର କରନ୍ତି। ହେଲେ ଅନ୍ୟ ଜିନିଷ ଭଳି ଅଣ୍ଡାର ମଧ୍ୟ ଏକ୍ସପାୟାରି ଡେଟ୍ ଅଛି। ଏକ୍ସପାୟାରି ଅଣ୍ଡା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ବେଶ୍ ବିପଜ୍ଜନକ ହୋଇଥାଏ। ଏପରିକି ଏହାକୁ ଖାଇବା ଦ୍ୱାରା ଫୁଡ୍ ପଏଜନିଂ ହେବାର ଆଶଙ୍କା ରହିଛି। ତେବେ ଅଣ୍ଡା ସାଲମୋନେଲା ଜୀବାଣୁ ଯୋଗୁଁ ଖରାପ ହୋଇଥାଏ। ଏହି ଜୀବାଣୁ ଯୋଗୁ ଫୁଡ୍ ପଏଜନିଂ ହୋଇଥାଏ। ଯେତେଯେତେ ଏହି ଜୀବାଣୁ ବୃଦ୍ଧି ପାଏ, ଅଣ୍ଡା ଖରାପ ବା ନଷ୍ଟ ହେବା ଆରମ୍ଭ କରେ। ସମୟ ସହିତ ଅଣ୍ଡାର ଗୁଣବତ୍ତା ମଧ୍ୟ ହ୍ରାସ ପାଏ। ଏଭଳି ସ୍ଥିତିରେ ଅଣ୍ଡା ଭିତରେ ପବନର ମାତ୍ରା ଅଧିକ ହୋଇ ଅଣ୍ଡା ଶୁଷ୍କ ହୋଇଯାଏ। ତେବେ ଯଦି ଅଣ୍ଡାଟି ଭାଙ୍ଗି ନାହିଁ, ତେବେ ସମ୍ପୂର୍ଣ୍ଣ ଅଣ୍ଡାଟି ୩ ରୁ ୫ ସପ୍ତାହ ପର୍ଯ୍ୟନ୍ତ ଖାଇବା ସୁରକ୍ଷିତ। ଯଦିଓ ଅଣ୍ଡାକୁ ଫ୍ରିଜରରେ କିଛି ସମୟ ପାଇଁ ରଖାଯାଇପାରିବ, ତଥାପି ଏକ ନିର୍ଦ୍ଦିଷ୍ଟ ସମୟ ପରେ ଏହାର ଗୁଣବତ୍ତା ହ୍ରାସ ପାଇଥାଏ। ଦୀର୍ଘ ସମୟ ପର୍ଯ୍ୟନ୍ତ ଅଣ୍ଡା ସାଇତି ରଖୁଥିଲେ ଏବଂ ଏହା ଖରାପ ହେବା ସନ୍ଦେହ କରୁଥିଲେ ଏହାକୁ ପାଣିରେ ପକାଇ ଜାଣି ହେବ ଅଣ୍ଡା ଭଲ ଅଛି କି ନାହିଁ। ପାଣିରେ ଭାସୁଥିବା ଅଣ୍ଡା ଖରାପ ହୋଇଥାଏ। ଏହାବାଦ୍ ଅଣ୍ଡାକୁ ହଲାଇବା ବେଳେ ସେଥିରୁ ଶବ୍ଦ ହେଲେ ଏହା ନଷ୍ଟ ହୋଇଯାଇଥିବା ଦିଗକୁ ଇଙ୍ଗିତ କରେ। ଅନ୍ୟପଟେ ଅଣ୍ଡା ଖୋଳପାର ରଙ୍ଗ ବଦଳିଥିଲେ ଅଣ୍ଡା ଖରାପ ହୋଇଯାଇଥିବା ସ୍ପଷ୍ଟ ହୋଇଥାଏ। ସେହିପରି ଅଣ୍ଡା ଖରାପ ହୋଇଯାଇଥିଲେ ଏଥିରୁ ଏକ ଅଜବ ଦୁର୍ଗନ୍ଧ ଆସେ। ତେଣୁ ଏହାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭଲ ରଖିବା ପାଇଁ ଅଣ୍ଡାକୁ ତା'ର କାର୍ଟୁନ ସହିତ ଥଣ୍ଡା ଓ ଆଲୋକ ପଡୁ ନ ଥିବା ସ୍ଥାନରେ ରଖିବା ଉଚିତ। ସେହିଭଳି ଅଣ୍ଡାକୁ ଫ୍ରିଜ୍‌ରେ ୩-୫ ସପ୍ତାହ ପର୍ଯ୍ୟନ୍ତ ରଖି ବ୍ୟବହାର କରାଯାଇ ପାରିବ।



# ସଞ୍ଜୀବନୀ



## ବନ୍ ପରୀକ୍ଷା

**ବୃକ୍କ ମନୁଷ୍ୟ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ରକ୍ତ ସଫା କରିବା ସହ ଶରୀରର ବର୍ଜ୍ୟକୁ ବାହାର କରେ। କୌଣସି କାରଣରୁ ବୃକକ୍ କାମ ନ କଲେ ସ୍ୱାସ୍ଥ୍ୟସମସ୍ୟା ଦେଖାଦିଏ। ବୃକ୍କଜନିତ ସମସ୍ୟାର ଜଟିଳତାକୁ ବୁଝିବାକୁ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ। ସେମିତି ଏକ ପରୀକ୍ଷା ହେଉଛି ବନ୍ (BUN) ଟେଷ୍ଟ।**



ବନ୍ ବା ବିୟୁଏନ୍ ଟେଷ୍ଟର ଅର୍ଥ 'ବ୍ଲଡ୍ ୟୁରିୟା ନାଇଟ୍ରୋଜେନ୍' ପରୀକ୍ଷା। ଏହି ରକ୍ତ ପରୀକ୍ଷାରେ ରକ୍ତରେ ୟୁରିୟା ନାଇଟ୍ରୋଜେନ୍ ସ୍ତର ମପାଯାଏ। ୟୁରିୟା ନାଇଟ୍ରୋଜେନ୍ ଏକ ବର୍ଜ୍ୟ ଉତ୍ପାଦ। ଏହା ଶରୀରରେ ପ୍ରୋଟିନ୍ ଭାଙ୍ଗିବା ପରେ ସୃଷ୍ଟି ହୋଇଥାଏ। ସାଧାରଣତଃ ବୃକ୍କ ରକ୍ତରୁ ୟୁରିୟା ନାଇଟ୍ରୋଜେନ୍‌କୁ ବାହାର କରି ଦେଇଥାଏ। ଯେତେବେଳେ ବୃକ୍କ୍ ଠିକ୍ ଭାବେ କାମ ନ କରେ ବିୟୁଏନ୍ ସ୍ତର ବଢ଼ିଯାଏ। ବିୟୁଏନ୍ ସ୍ତର ଜାଣିବାକୁ ରକ୍ତ ପରୀକ୍ଷା କରାଯାଏ। ଡିହାଇଡ୍ରେସନ୍, ବୃକ୍କ ଅଚଳ ଆଦି ବିଷୟରେ ଜାଣିବାକୁ ଏହି ପରୀକ୍ଷା ମଧ୍ୟ କରାଯାଇଥାଏ। ବ୍ୟକ୍ତିଙ୍କ ବୟସ, ଲିଙ୍ଗ ଅନୁସାରେ ବିୟୁଏନ୍‌ସ୍ତର ବଦଳୁଥାଏ। ବିୟୁଏନ୍ ପରୀକ୍ଷା ଫଳାଫଳକୁ ଏମ୍‌ଜି/ଡିଏଲ୍‌ରେ ମପାଯାଏ। ବୃକ୍କର ସୁସ୍ଥତା ପାଇଁ ରକ୍ତଚାପ ସନ୍ତୁଳିତ ରଖିବା ଜରୁରି। ବୃକ୍କ ଜନିତ ସମସ୍ୟା ଥିଲେ ମନ ଇଚ୍ଛା ଔଷଧ ସେବନ ନ କରି ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ ସହ ଉଚିତ ପରିମାଣର ପାଣି ପିଇବା ଆବଶ୍ୟକ।

## ରେଟିନା ଜଣାଇବ ରୋଗ

ଆଧୁନା ପ୍ରତ୍ୟେକ କ୍ଷେତ୍ରରେ ଏଆଇର ଉପଯୋଗ କରାଯାଉଛି। ଏହି କ୍ରମରେ ଅଷ୍ଟ୍ରେଲିଆର ବୈଜ୍ଞାନିକ ଏକ ଏଆଇ ଟୁଲ ବିକଶିତ କରୁଛନ୍ତି। ଯାହାକି ଆଖିରୁ ରୋଗ ବିଷୟରେ ଜଣାପଡ଼ିବ। ଏହି ଏଆଇ ଟୁଲ ଆଖି ରେଟିନାର ଫଟୋକୁ ବିଶ୍ଳେଷଣ କରି ହୃତ୍‌ପିଣ୍ଡ ଏବଂ ବୃକ୍କ ସହିତ ଜଡିତ ରୋଗକୁ ଚିହ୍ନଟ କରିବ। ଏହି ଟୁଲ୍‌ଟିକୁ ବନାଇବାର ନେତୃତ୍ୱ ମୋନାଶ ବିଶ୍ୱବିଦ୍ୟାଳୟ ନେଇଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି, 'ଉନ୍ନତ ଏଆଇ ମଡେଲ' ତିଆରି କରିବା। ଏହି ସ୍ୱତନ୍ତ୍ର ଏଆଇ ମଡେଲ ରେଟିନାର ଫଟୋକୁ ସ୍କାନ୍ କରିବ। ରେଟିନା ଛବି ମାଧ୍ୟମରେ ଯେଉଁ ରୋଗ ପୂରା ଶରୀରକୁ ପ୍ରଭାବିତ କରେ ତାହାକୁ ଚିହ୍ନଟ କରିବ। ହୃତ୍‌ପିଣ୍ଡ ଓ ବୃକ୍କର ରୋଗ ଚିହ୍ନଟରେ ସାହାଯ୍ୟ କରିବ। ଫଳରେ ସଠିକ୍ ସ୍କ୍ରିନିଂ ସହ ରୋଗର ଚିକିତ୍ସା ଓ ନିୟନ୍ତ୍ରଣ କରାଯାଇପାରିବ। ଏନେଇ ଗବେଷକମାନେ ଏଆଇ କୌଶଳ ଉପଯୋଗରେ ହଜାର ଲୋକଙ୍କ ସ୍ୱାସ୍ଥ୍ୟ ତଥ୍ୟ ଓ ରେଟିନା ଫଟୋ ଉପରେ ଅଧ୍ୟୟନ କରିଥିଲେ। ଏହି କୌଶଳଟି ପାରମ୍ପରିକ ପରୀକ୍ଷାଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ। ମୋନାଶ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଝୋଙ୍ଗୟୁଆନ୍ କୁହନ୍ତି, ଏହି ମଡେଲଟି ଦଶନ୍ଧିଧରି ଚିହ୍ନଟ ନ ହୋଇଥିବା ତଥ୍ୟ ପାଇଁ ନୂତନତମ ଏଆଇ ପଦ୍ଧତିଗୁଡିକ ପ୍ରୟୋଗ କରିବ। ଏହା ଆଧାରରେ ମଲ୍ଟିମଡେଲ ଏଆଇ ମଡେଲ ତିଆରି କରାଯାଉଛି। ଯାହା ଗୋଟିଏ ସମୟରେ ଅନେକ ରୋଗ ଚିହ୍ନଟ କରିବାରେ ସକ୍ଷମ ହେବ। ଏହି ପରୀକ୍ଷଣ ଦ୍ୱାରା ରେଟିନା ଫଟୋରୁ ସହଜରେ କମ୍ ସମୟରେ ରୋଗର ପ୍ରାରମ୍ଭିକ ସ୍ଥିତି ବିଷୟରେ ଜଣାପଡ଼ିବ। ହୃତ୍‌ପିଣ୍ଡ ଏବଂ ବୃକ୍କର ସ୍ଥିତିକୁ ଆକଳନ କରାଯିବାକୁ ଏହି ପରୀକ୍ଷା ବ୍ୟବହାର କରାଯିବ। ଭବିଷ୍ୟତରେ ଏହି ଏଆଇ ଦ୍ୱାରା ଶୀଘ୍ର ରୋଗ ଚିହ୍ନଟ ଓ ଚିକିତ୍ସା ଦ୍ୱାରା ରୋଗକୁ ନିୟନ୍ତ୍ରଣ କରାଯାଇପାରିବ।



## 'ସକାଳ'ର ସ୍ୱାସ୍ଥ୍ୟ

# ଜିଭ କର୍କଟ


**ଜିଭରେ ହେଉଥିବା କର୍କଟକୁ ଜିହ୍ୱା ବା ଜିଭ କର୍କଟ କୁହାଯାଏ। ଏହି କର୍କଟ ଜିଭ କୋଷରୁ ଆରମ୍ଭ ହୋଇଥାଏ। ଜିଭର ପୃଷ୍ଠଭାଗରେ ସଂକ୍ରମିତ ହୋଇ ପାଟିରେ ବ୍ୟାପି ଯାଇପାରେ। ଜିଭକୁ ଅନେକ ପ୍ରକାରର କର୍କଟ ରୋଗ ଆକ୍ରାନ୍ତ କରିପାରେ। ତେଣୁ ପ୍ରାଥମିକ ଅବସ୍ଥାରୁ ଜିଭ କର୍କଟ ଚିହ୍ନଟ କରି ଚିକିତ୍ସା ଯୋଗାଇବା ନିହାତି ଆବଶ୍ୟକ।**



**କେଉଁମାନଙ୍କୁ ଅଧିକ ବିପଦ:** ଧୂମପାନ, ମଦ୍ୟପାନ, ତମାଖୁ ସେବନ, ବଂଶାନୁଗତ, ଏଚ୍‌ପିଭି ସମ୍ପର୍କରେ ଆସିବା ଦ୍ୱାରା ଜିଭ କର୍କଟ ହେବା ଆଶଙ୍କା ଅଧିକ ଥାଏ। ମହିଳାଙ୍କ ତୁଳନାରେ ପୁରୁଷ ଏହି କର୍କଟରେ ଅଧିକ ଆକ୍ରାନ୍ତ ହୁଅନ୍ତି। ବୟସ୍କ, ମୁଖଗହ୍ୱରର ଅସ୍ୱଚ୍ଛତା, ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ଥିବା ବ୍ୟକ୍ତିଙ୍କୁ ଜିଭ କର୍କଟ ହେବାର ବିପଦ ଅଧିକ ଥାଏ।

**ଲକ୍ଷଣ:** ଜିଭ କର୍କଟର ଆରମ୍ଭରୁ ଲକ୍ଷଣଗୁଡ଼ିକ ସାଧାରଣ ସମସ୍ୟା ପରି ଦେଖାଯାଏ। ତେଣୁ ଏହାକୁ ଚିହ୍ନିବା ସହଜ ହୋଇ ନ ଥାଏ। ଏହି ରୋଗ ଆରମ୍ଭରୁ ଜିଭରେ ଧଳା ଦାଗ, ଗଳା ଦରଜ, କଥା ଅସ୍ପଷ୍ଟ ଶୁଭିବା, କହିବାରେ ସମସ୍ୟା, ଜିଭ ବାହାର କରିବାରେ ଅସୁବିଧା, ତଣ୍ଟିରେ ଅଟକି ଯିବା ପରି ଲାଗିବା, ଜିଭ ଝିମ୍ ଝିମ୍ ଲାଗିବା, ଢୋକିବା ସମୟରେ ଜିଭ କାମ ନ କରିବା, ସ୍ୱର ପରିବର୍ତ୍ତନ, ମାଢ଼ି ଫୁଲିବା, କାଶରେ ରକ୍ତ ପଡ଼ିବା କିମ୍ବା କାନ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଇପାରେ। ରୋଗର ସ୍ତର ଯଦି ତୃତୀୟ କିମ୍ବା ଚତୁର୍ଥସ୍ତରରେ ଥାଏ, ଜିଭ କର୍କଟ ସହ ବେକ ଫୁଲା ହୋଇପାରେ। ତେଣୁ ଜିଭ ପୃଷ୍ଠଭାଗରେ ପରିବର୍ତ୍ତନ ଦେଖାଗଲେ କିମ୍ବା ଜିଭରୁ ରକ୍ତକ୍ଷରଣ ହେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି।

**ଚିକିତ୍ସା:** ପ୍ରାରମ୍ଭିକ ପର୍ଯ୍ୟାୟରେ ରୋଗ ଚିହ୍ନଟ ହେଲେ, ସର୍ଜରୀ, କେମୋଥେରାପି, ବିକିରଣ ଚିକିତ୍ସା, ବ୍ରାକି ଥେରାପି ଏବଂ କିଛି ନିର୍ଦ୍ଦିଷ୍ଟ ଔଷଧ ଦ୍ୱାରା କରାଯାଇଥାଏ। ଯଦି ଜିଭ କର୍କଟ ବିଳମ୍ବରେ ଚିହ୍ନଟ ହୁଏ, ଡାକ୍ତର ଜିଭରେ କର୍କଟ ଅଂଶକୁ ବାହାର କରିଦେଇଥାନ୍ତି। ଏହି ପ୍ରଣାଳୀକୁ ଗ୍ଲୋସେକ୍ଟମି କୁହାଯାଏ। ଯଦି ଜିଭର ଏକ ଛୋଟ ଅଂଶ କଢ଼ାଯାଏ, ସର୍ଜନ ଜିଭ ପୁନଃନିର୍ମାଣ ସର୍ଜରୀ କରିଥାନ୍ତି। ତେଣୁ ତମାଖୁ, ଗୁଟ୍‌ଖା, ମଦ୍ୟପାନ, ଧୂମପାନରୁ ଦୂରେଇ ରହିବା ଦରକାର। ମୁଖ ଗହ୍ୱରର ସ୍ୱଚ୍ଛତାକୁ ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ।



# ସ୍ୱାସ୍ଥ୍ୟପ୍ରଦ ପୁଦିନା

**ପୁଦିନାରେ ମେନ୍ଥଲ, ଆଣ୍ଟି ଅକ୍ସିଡାଣ୍ଟ, ଭିଟାମିନ୍-ସି', ଆଦି ରହିଛି। ଆୟୁର୍ବେଦ ଅନୁସାରେ, ପୁଦିନା ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିବାରେ ସାହାଯ୍ୟ କରେ। ତେଣୁ ଶୀତଦିନେ ପୁଦିନା ଜୁସ୍ ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର।**

- ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶରେ ପୁଦିନା ପତ୍ର କିମ୍ବା ପୁଦିନା ଜୁସ୍ ପିଇଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଭୋକ ବଢ଼େ। ପୁଦିନାରେ ମେନ୍ଥଲ ଥିବାରୁ କାଶ ଦୂର ହୁଏ। ଥଣ୍ଡା, ନାକ ଖୋଲିବା, ଗଳା ଦରଜ ଆଦିରୁ ଉପଶମ ମିଳିଥାଏ।
- ଶୀତଦିନେ ସାଧାରଣତଃ ପାଚନ ଶକ୍ତି ଧୀମା ହୁଏ। ଗ୍ୟାସ୍, ହାକୁଡି, ବଦହଜମି ଆଦି ଦେଖାଯାଏ। ତେଣୁ ପୁଦିନା ପତ୍ର ଖାଇଲେ ହଜମ ଶକ୍ତି ବୃଦ୍ଧି ହୁଏ। ଏହାର ଜୁସ୍ ପିଇଲେ ପେଟ ଥଣ୍ଡା ରୁହେ। ଚର୍ମଜନିତ ସମସ୍ୟା ଦୂର ହୁଏ।

## ସୁସ୍ଥ ମନ ସୁସ୍ଥ ଶରୀର

# ମାଇସୋଫୋବିଆ

ଫୋବିଆ ଏକ ପ୍ରକାର ମାନସିକ ଅବସ୍ଥା। ଯେଉଁଥିରେ ଜଣେ ବ୍ୟକ୍ତି କୌଣସି ବସ୍ତୁ କିମ୍ବା ଅବସ୍ଥା ପ୍ରତି ନିରନ୍ତର ଭୟ କରିଥାନ୍ତି। ଫୋବିଆ ରୋଗ ବିଭିନ୍ନ ପ୍ରକାରର ରହିଛି। ତନ୍ମଧ୍ୟରୁ ମାଇସୋଫୋବିଆରେ ଅନେକ ପୀଡ଼ିତ। ଏହି ରୋଗରେ ପୀଡ଼ିତ କୀଟାଣୁ, ମଇଳାରୁ ବଞ୍ଚିବାକୁ ଚେଷ୍ଟା କରନ୍ତି। ଯେକୌଣସି ସାମଗ୍ରୀରୁ କୀଟାଣୁ ଏବଂ ମଇଳା ଥିବା ଅନୁଭବ କରି ତାହାକୁ ବାରମ୍ବାର ସଫା କରନ୍ତି।

- ପୀଡ଼ିତ ବ୍ୟକ୍ତି କୌଣସି ବସ୍ତୁ ବା ସାମଗ୍ରୀକୁ ଅଧିକବାର ସଫା କରନ୍ତି। କାହା ସହିତ ହାତ ମିଶାଇବା ପରେ ବି ଧାତକୁ ବାରମ୍ବାର ଧୁଅନ୍ତି। କୀଟାଣୁରୁ ରୋଗ ବ୍ୟାପିବାକୁ ନେଇ ଚିନ୍ତା, ଏକାଧିକ ଥର ହାତ ଧୋଇବା ଏହି ରୋଗର ଲକ୍ଷଣ। ଭୟ, ଶ୍ୱାସକ୍ରିୟାରେ ସମସ୍ୟା, ମୁଣ୍ଡ ବୁଲାଇବା, ତୀବ୍ର ହୃଦ୍‌ସ୍ପନ୍ଦନ ଆଦି ଶାରୀରିକ ଲକ୍ଷଣ ଦେଖାଯାଏ। ରୋଗର ତୀବ୍ରତା ବଢ଼ି ସେମାନଙ୍କ ଦୈନନ୍ଦିନ ଏବଂ ସାମାଜିକ ଜୀବନରେ ବାଧା ସୃଷ୍ଟି ହୁଏ।
- ମନୋସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା ଏହି ରୋଗ ନିୟନ୍ତ୍ରଣ ହୁଏ। ହାତ ମିଶାଇବାର ୫ରୁ ୧୦ ମିନିଟ୍ ଯାଏଁ ହାତ ନ ଧୋଇବାକୁ ବ୍ୟାୟାମ କରାଯାଇଥାଏ। ସିବିଟି ଏବଂ ଏକ୍ସପୋଜର ଥେରାପିର ସାହାଯ୍ୟ ନିଆଯାଏ। କେତେକ ମାମଲାରେ ଔଷଧ ଦିଆଯାଏ।



ଭାରତ-ଦକ୍ଷିଣ ଆଫ୍ରିକା ଶେଷ ଟି-୨୦ ଆଜି

# ବୁମ୍‌ରା ଫେରିଲେ, ଗିଲ୍‌ଙ୍କୁ ନେଇ ସନ୍ଦେହ

ଅହମ୍ମଦାବାଦ୍,୧୮ ।୧୨(ଏଜେନ୍ସି): ଆୟୋଜକ ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ଟୁର୍‌ର ଶେଷ ମୁକାବିଲା ବା ୫ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଶେଷ ଲଢ଼େଇ ଆସନ୍ତାକାଲି ଏଠାରେ ଖେଳାଯିବ। ଏହା ପୂର୍ବରୁ ଲକ୍ଷ୍ନୌରେ ଖେଳାଯିବାକୁ ଥିବା ଚତୁର୍ଥ ଟି-୨୦ ମ୍ୟାଚ୍‌ଟି ପ୍ରବଳ କୁହୁଡ଼ି ଯୋଗୁ ବାତିଲ କରିବାକୁ ପଡ଼ିଥିଲା। ଫଳରେ ଗୋଟିଏ ମ୍ୟାଚ୍ ବାକିଥାଇ ଭାରତ ୨-୧ ଆଗୁଆ ରହିବା ସହ ଏହି ସିରିଜ୍‌ରେ ଦଳ ଆଉ ହାରିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଭାରତ ଖେଳିଥିବା ଗତ ୧୪ଟି ସିରିଜ୍‌ରେ ଦଳ ମାତ୍ର ଥରେ ସିରିଜ୍‌କୁ ସମାନସ୍ତରରେ ରଖିବାରେ ସମର୍ଥ ହୋଇଛି। ଏଠାରେ ବିଜୟୀ ହେଲେ ଭାରତର ଟି-୨୦ ବିଶ୍ୱକପ୍ ପ୍ରସ୍ତୁତି ଠିକଣା ବାଟରେ ରହିବ। କେବଳ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫର୍ମକୁ ଫେରିବା ଚିନ୍ତାର କାରଣ ହୋଇଛି। ଅନ୍ୟ ପକ୍ଷରେ ଟେଷ୍ଟ ସିରିଜ୍‌କୁ ୨-୦ରେ ଜିତିବା, ଶେଷ ଦିନିକିଆ ସିରିଜରେ ଦଳର ଜବରଦସ୍ତ ବିଜୟ ପରେ ଏବେ ସଫଳତା ଓ ସମ୍ମାନର ସହ ଟି-୨୦ ସିରିଜ୍‌କୁ ବରାବର ସ୍ଥିତିରେ ରଖି ସ୍ୱଦେଶ ଫେରିବାକୁ ଦକ୍ଷିଣ ଆଫ୍ରିକା ନିଶ୍ଚିତ ଚେଷ୍ଟା କରିବ।



ଖେଳାଳିମାନଙ୍କ ସମ୍ପର୍କରେ ସୂଚନାଅନୁଯାୟୀ ଯଶପ୍ରୀତ୍ ବୁମ୍‌ରା ନିଜ ହୋମ୍‌ଟାଉନ୍‌ରେ ଖେଳିବା ଲାଗି ଦଳକୁ ଫେରିଛନ୍ତି। ବ୍ୟକ୍ତିଗତ କାରଣ ଯୋଗୁ ସେ ଚତୁର୍ଥ ମ୍ୟାଚ୍ ଲାଗି ଅନୁପସ୍ଥିତ ଥିଲେ। ପାଦରେ ଆଘାତ ଲାଗିବା କାରଣରୁ ଉପଅଧିନାୟକ ଶୁବମନ ଗିଲ୍‌ଙ୍କୁ ଚତୁର୍ଥ ମ୍ୟାଚ୍‌ରୁ ବାଦ୍ ଦିଆଯାଇଥିଲା। ତାଙ୍କ ଫିଟ୍‌ନେସ ଉପରେ କୌଣସି ଅପ୍‌ଡେଟ କେହି ଦେଇ ନାହାନ୍ତି। ସେ ଯଦି ଅନ୍‌ଫିଟ ରୁହନ୍ତି, ତେବେ ସଞ୍ଜୁ ସାମସନଙ୍କୁ ଖେଳିବା ଲାଗି ଦ୍ୱିତୀୟ ସୁଯୋଗ ମିଳିବାରେ। ଘନ କୁହୁଡ଼ି ଯୋଗୁ ସେ ପ୍ରଥମ ମ୍ୟାଚ୍ ଖେଳିବା ସୁଯୋଗ ହରାଇଥିଲେ। ଭାରତର ସବୁଠାରୁ ବଡ଼ ଚିନ୍ତାହେଲା ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଫର୍ମ ଚିନ୍ତା। ଗତ ଅକ୍ଟୋବର ପରେ ସେ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରିନାହାନ୍ତି। ଗତ ୨୦ଟି ଇନିଂସରେ ସେ ୨୩୯ ରନ ସଂଗ୍ରହ କରିଛନ୍ତି। ଭାରତ ମ୍ୟାଚ୍ ଜିତୁଥିବାରୁ ତାଙ୍କ ଫର୍ମକୁ ନେଇ ବିଶେଷ ଆଲୋଚନା ହେଉନାହିଁ। ତଥାପି ଫର୍ମହୀନତା ଯୋଗୁ ଭାରତୀୟ ଟିମ୍ ମ୍ୟାନେଜ୍‌ମେଣ୍ଟ ଚିନ୍ତାରେ ରହିଛି।

### କୁହୁଡ଼ି ଓ ଟସ୍‌ର ପ୍ରଭାବ ପଡ଼ିବ ନାହିଁ

ଦେଶର ଅନ୍ୟଭାଗ ଭଳି ଏଠାରେ ଘନ କୁହୁଡି ଦେଖିବାକୁ ମିଳିନାହିଁ। ଦିନରେ ସର୍ବାଧିକ ତାପମାତ୍ର ୩୦ ଡିଗ୍ରୀଯାଏ ରହୁଛି। ଏଠାରେ କାକରର ପ୍ରଭାବ ସେପରି ନାହିଁ। ଏଣୁ ଟସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ନୁହେଁ। ସୂଚନାଯୋଗ୍ୟ ଏଠାରେ ଖେଳାଯାଇଥିବା ଗତ ୭ଟି ଦିବାରାତ୍ର ମୁକାବିଲାରେ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୬ଥର ମ୍ୟାଚ୍ ଜିତିଛି। ଏଣୁ ଟସ୍ କିମ୍ବା କାକରର ପ୍ରଭାବ ଏତେ ଅନୁଭୂତ ହେବ ନାହିଁ ବୋଲି ଆଶା କରାଯାଉଛି। ପୂର୍ବରୁ ଖେଳାଯାଇଥିବା ୩ଟି ଯାକ ମୁକାବିଲା ଏକତରଫା ହୋଇଛି। ଶେଷରେ କଡ଼ାମୁକାବିଲା ହେଉ ବୋଲି ସମସ୍ତେ ଆଶା କରୁଛନ୍ତି।

### ଟିକଟ ଅର୍ଥ ଫେରାଇବାକୁ ୟୁପି କ୍ରିକେଟ ସଂଘର ଘୋଷଣା

ଲକ୍ଷ୍ନୌ,୧୮ ।୧୨(ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଲକ୍ଷ୍ନୌରେ ବୁଧବାର ହେବାକୁ ଥିବା ଚତୁର୍ଥ ଟି-୨୦ ମ୍ୟାଚ୍‌ଟି ଗୋଟିଏ ବଲ ବୋଲିଂ ହେବା ପୂର୍ବରୁ ବାତିଲ ହୋଇଯାଇଥିଲା। ଘନ କୁହୁଡି ଯୋଗୁ ଷ୍ଟାଡିୟମରେ ଦୃଶ୍ୟମାନସ୍ତର କମ୍ ହେବାରୁ ଅମ୍ପାୟାର ମ୍ୟାଚକୁ ବାତିଲ କରିଥିଲେ। ଫଳରେ ଦର୍ଶକ ମ୍ୟାଚ୍ ଦେଖି ନ ପାରି ନିରାଶ ହୋଇଥିଲେ। ଦର୍ଶକଙ୍କୁ ଟିକଟ୍ ଅର୍ଥ ସମ୍ପୂର୍ଣ୍ଣ ଫେରସ୍ତ କରିବା ଲାଗି ଚାରିଆଡ଼ୁ ଦାବି ହୋଇଥିଲା। ଶେଷରେ ଆୟୋଜକ ଉତ୍ତରପ୍ରଦେଶ (ୟୁପି) କ୍ରିକେଟ୍ ସଂଘ ପକ୍ଷରୁ ସମସ୍ତ ଦର୍ଶକଙ୍କୁ ଟିକଟ୍ ଅର୍ଥ ଫେରସ୍ତ ନେଇ ଗୁରୁବାର ରାତିରେ ଘୋଷଣା କରାଯାଇଛି। ଯେଉଁମାନେ ଅନଲାଇନରେ ଟିକଟ୍ ବୁକ୍ କରିଥିଲେ ସେମାନଙ୍କୁ ମୂଳଦେୟ ପଦ୍ଧତି ମାଧ୍ୟମରେ ଅର୍ଥରାଶି ଫେରସ୍ତ କରାଯିବ। ସେହିଭଳି ଯେଉଁମାନେ ଅଫ୍ ଲାଇନରେ ଟିକଟ୍ କିଣିଥିଲେ ସେମାନେ ଡିସେମ୍ବର ୨୦, ୨୧ ଓ ୨୨ରେ ଏକନା ଷ୍ଟାଡିୟମର ଗେଟ୍ ନମ୍ବର-୨ରେ ବକ୍ସ ଅଫିସରୁ ଅର୍ଥରାଶି ସଂଗ୍ରହ କରିବାକୁ ୟୁପି ସଂଘ ପକ୍ଷରୁ କୁହାଯାଇଛି। ଅଫ୍‌ଲାଇନ ଟିକଟଧାରୀମାନେ ବ୍ୟକ୍ତିଗତ ପରିଚୟ ପତ୍ର ସାଥୀରେ ଆଣିବା ବାଧ୍ୟତାମୂଳକ କରାଯାଇଛି।

ଫିଫା ବିଶ୍ୱକପ୍-୨୦୨୬

## ଚାମ୍ପିଅନ ଦଳକୁ ୪୫୧ କୋଟି

ଜୁରିକ, ୧୮ ।୧୨ (ଏଜେନ୍ସି): ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଆରମ୍ଭ ହେବାକୁ ଆହୁରି ୧୭୪ ଦିନ ବାକି ରହିଛି। କିନ୍ତୁ ୬ ମାସ ପୂର୍ବରୁ ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା 'ଫିଫା' ପକ୍ଷରୁ ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ପୁରସ୍କାର ରାଶି ବଢ଼ିଛି। ଆଗାମୀ ବିଶ୍ୱକପ୍‌ରେ ପୁରସ୍କାର ଆକାରରେ ମୋଟ୍ ୬୫୫ ମିଲିୟନ ଡଲାର ପ୍ରଦାନ କରାଯିବ। ଭାରତୀୟ ମୁଦ୍ରାରେ ଏହା ପ୍ରାୟ ୫,୯୦୮ କୋଟି ଟଙ୍କା ହେବ। ଚାମ୍ପିଅନ ଦଳ ପୁରସ୍କାର ବାବଦକୁ ୫୦ ମିଲିୟନ ଡଲାର (ପାଖାପାଖି ୪୫୧ କୋଟି) ଘରକୁ ନେବ। ଯାହାକି ୨୦୨୨ ଓ ୨୦୧୮ ସଂସ୍କରଣ ତୁଳନାରେ ଢେର ଅଧିକ। ୨୦୨୨ ଓ ୨୦୧୮ ସଂସ୍କରଣରେ ଯଥାକ୍ରମେ ୪୨ ମିଲିୟନ ଓ ୩୮ ମିଲିୟନ ଡଲାର ଚାମ୍ପିଅନ ଦଳକୁ ମିଳିଥିଲା। ସେହିଭଳି ଯଦି ମୋଟ୍ ପୁରସ୍କାର ଉପରେ ନଜର ପକାଯାଏ ତେବେ ୨୦୨୨ରେ ୪୪୦ ମିଲିୟନ ଡଲାର ପୁରସ୍କାର ଆକାଦରରେ ଦିଆଯାଇଥିଲା। ଅପରପକ୍ଷରେ ଯୋଗ୍ୟତା ଅର୍ଜନ କରିଥିବା ସମସ୍ତ ୪୮ ଟି ମହାସଂଘକୁ ପୂର୍ବ ପ୍ରସ୍ତୁତି ସକାଶେ ୧.୫ ମିଲିୟନ ଦିଆଯିବ।



| ପୁରସ୍କାର ରାଶି (କୋଟିରେ) |
| --- |
| ମୋଟ୍ ପୁରସ୍କାର: ୫,୯୦୮ |
| ଚାମ୍ପିଅନ: ୪୫୧ |
| ରନର୍ସଅପ୍: ୨୯୭ |
| ତୃତୀୟ ସ୍ଥାନ: ୨୬୧ |
| ଚତୁର୍ଥ ସ୍ଥାନ: ୨୪୩ |
| କ୍ୱାର୍ଟର ଫାଇନାଲିଷ୍ଟ: ୧୭୧ |
| ପ୍ରି-କ୍ୱାର୍ଟର: ୧୩୫ |
| ରାଉଣ୍ଡ- ୩୨: ୯୯ |
| ଗ୍ରୁପ୍ ପର୍ଯ୍ୟାୟ: ୮୧ |
| ପ୍ରସ୍ତୁତି ଲାଗି: ୧୩ |

ସୟଦ ମୁସ୍ତାକ ଅଲି ଟି-୨୦

## ଝାଡ଼ଖଣ୍ଡକୁ ପ୍ରଥମ ଟାଇଟଲ୍

### ଇଶାନଙ୍କ ଶତକ

ପୁଣେ,୧୮ ।୧୨(ଏଜେନ୍ସି): ଓପନର ତଥା ଅଧିନାୟକ ଇଶାନ କିସାନଙ୍କ ବିସ୍ଫୋରକ ଶତକ ବଳରେ ଝାଡଖଣ୍ଡ ଚଳିତବର୍ଷର ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ପ୍ରଥମଥର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। କିଶାନ ୬ ଚୌକା ଓ ୧୦ ଛକା ସହ ୪୯ ବଲ୍‌ରେ ୧୦୧ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଝାଡ଼ଖଣ୍ଡ ୩ୱିକେଟରେ ୨୬୨ ରନ୍ କରିଥିଲା। ଜବାବରେ ହରିଆଣା ୧୮.୩ ଓଭରରେ ୧୯୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ୱିକେଟ ରକ୍ଷକ ଯଶବର୍ଦ୍ଧନ ଦଲାଲ ୫୩, ସାମନ୍ତ ଝାକଡ଼ ୩୮ ଓ ନିଶାନ୍ତ ସିନ୍ଧୁ ୩୧ ରନ୍‌ର ଯୋଗଦାନ ଦେଇଥିଲେ। ବିଜୟୀ ଝାଡ଼ଖଣ୍ଡ ପକ୍ଷରୁ ବାଲ କିଶୋର ଓ ସୁଶାନ୍ତ ମିଶ୍ର ୩ଟି ଲେଖାଏଁ, ଉତ୍କର୍ଷ ସିଂ ଓ ଅନୁକୂଳ ରୟ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଇଶାନ କିଶାନଙ୍କୁ ଫାଇନାଲ ମ୍ୟାଚ୍‌ର ଓ ଅନୁକୂଳ ରୟଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ମନ୍ନତା ମିଶ୍ରଙ୍କୁ ରୌପ୍ୟ

ଭୁବନେଶ୍ୱର,୧୮ ।୧୨(ସମିସ): ଚେନ୍ନଇର ଆଜି ଆରମ୍ଭ ହୋଇଥିବା ଆନ୍ତଃବିଶ୍ୱବିଦ୍ୟାଳୟ ଜଳକ୍ରୀଡ଼ାରେ କିଟ୍‌ର ମନ୍ନତା ମିଶ୍ର ରୌପ୍ୟ ପଦକ ପାଇଛନ୍ତି। ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌କୁ ସେ ୨ମିନିଟ୍ ୪୪.୦୫ ସେକେଣ୍ଡରେ ଅତିକ୍ରମ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟ କେହି ଓଡ଼ିଆ ପ୍ରଥମ ଦିନରେ ପଦକ ଜିତିବାରେ ସମର୍ଥ ହୋଇ ନାହାନ୍ତି।



## ସନ୍ତୋଷ ଟ୍ରଫି ଓଡ଼ିଶା ଦଳ ଘୋଷିତ

କଟକ,୧୮ ।୧୨(ସମିସ): ୭୯ତମ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ଆରମ୍ଭ ହେବାକୁ ଯାଉଛି। ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଛତିଶଗଡ ନାରାୟଣପୁରରେ ଗ୍ରୁପ-ଏଫ'ର ସମସ୍ତ ମ୍ୟାଚ୍ ଖେଳାଯିବ। ଏହି ଗ୍ରୁପରେ ସାମିଲ ହୋଇଥିବା ଓଡ଼ିଶା ପ୍ରଥମ ମୁକାବିଲାରେ ମଧ୍ୟପ୍ରଦେଶକୁ ଭେଟିବ। ଏହି ପରିପ୍ରେକ୍ଷୀରେ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ୨୦ଜଣିଆ ରାଜ୍ୟ ଦଳ ଆଜି ଘୋଷଣା କରାଯାଇଛି। **ଓଡ଼ିଶା ଦଳ:** ସୌମ୍ୟରଞ୍ଜନ ଦାସ, ସିଦ୍ଧାନ୍ତ ପ୍ରଧାନ, ରାକେଶ ଓରାମ, ଅଶୋକ ବାଗ, ବିଶାଲ ଟିଗା, ଅବିନାଶ ମୁଦୁଲି, ପିଣ୍ଟୁ ସାମଲ, ହରିଶଙ୍କର ନାୟକ, ଅର୍ପଣ ଲାକ୍ରା, ରଞ୍ଜନ ସୋରେନ, ଚନ୍ଦ୍ରମୋହନ ମୁର୍ମୁ, ଗୌରବ ନେଗୀ, ମହେଶ ହାଁସଦା, ଗଣେଶ ସେଠୀ, ସୁରେଶ ଖାଡିଆ, ଅରବିନ ଲାକ୍ରା, ଜିତୁ ମୁଦୁଲି, କାର୍ତ୍ତିକ ହାନ୍ତାଳ, ଶ୍ରୀକାନ୍ତ ଗଡବ, ରାଇସେନ ଟୁଡୁ ଦଳରେ ସ୍ଥାନ ପାଇଛନ୍ତି। ମୁଖ୍ୟ କୋଚ୍-ଅକ୍ଷୟ ଦାସ, ସହକାରୀ କୋଚ-ଚିତ୍ତରଞ୍ଜନ ବେହେରା, ମ୍ୟାନେଜର-ଗଙ୍ଗାଧର ବେହେରା, ଫିଜିଓ-ସରୋଜ କୁମାର ଦାସ।

## ବିବାଦରେ ପାକିସ୍ତାନ କବାଡ଼ି ଖେଳାଳି ରାଜପୁତ

### ଭାରତର ଏକ ଟିମ୍ ପକ୍ଷରୁ ଖେଳି ଫଶିଲେ

ନୂଆଦିଲ୍ଲୀ, ୧୮ ।୧୨ (ଏଜେନ୍ସି): ପାକିସ୍ତାନ ତାରକା କବାଡ଼ି ଖେଳାଳି ଉବେଦୁଲ୍ଲା ରାଜପୁତ ବିବାଦ ଘେରରେ ଫଶିଯାଇଛନ୍ତି। ବାହାରିନରେ ଗତ ୧୬ ତାରିଖରେ ଅନୁଷ୍ଠିତ ଘରୋଇ କବାଡ଼ି ଟୁର୍ଣ୍ଣାମେଣ୍ଟ ଜିସିସି କପ୍‌ରେ ଉବେଦୁଲ୍ଲା ଭାରତର ଏକ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଭାରତୀୟ ଜର୍ସି ପରିଧାନ କରି ଭାରତୀୟ ପତାକା ତଳେ ଖେଳୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ଉବେଦୁଲ୍ଲାଙ୍କ ବିରୋଧରେ ପାକିସ୍ତାନ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ପାକିସ୍ତାନ କବାଡ଼ି ମହାସଂଘ (ପିକେଏଫ୍)ର ସମ୍ପାଦକ ରାଣା ସରୱାର କହିଛନ୍ତି, 'ଏହି ଘଟଣାକୁ ଗୁରୁତର ସହ ନିଆଯାଇ ଆସନ୍ତା ୨୭ ତାରିଖରେ ଏକ ଜରୁରୀକାଳୀନ ବୈଠକ ଡକାଯାଇଛି। ଯେଉଁଥିରେ ରାଜପୁତ ଓ ଅନ୍ୟକିଛି ଖେଳାଳିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ଆଲୋଚନା ହେବ'। ସମ୍ପାଦକ ରାଣା ଆହୁରି ମଧ୍ୟ ଦାବି କରିଛନ୍ତି ଯେ ଏହା ଏକ ପ୍ରାଇଭେଟ ଟୁର୍ଣ୍ଣାମେଣ୍ଟ ଥିଲା। ଯେଉଁଥିରେ ବିଭିନ୍ନ ଦେଶର ଖେଳାଳିଙ୍କୁ ନେଇ ଟିମ୍ ଗଠନ କରାଯାଇଥିଲା। ଆୟୋଜକଙ୍କ ଦ୍ୱାରା ଏହି ଟିମଗୁଡ଼ିକୁ ଭାରତ, ପାକିସ୍ତାନ, କାନାଡା, ଇରାନ ଆଦି ନାମିତ କରାଯାଇଥିଲା। ନାମକରଣ ଅନୁସାରେ ସମସ୍ତ ଦେଶରେ ମୂଳ ଖେଳାଳି ଥିଲେ। କିନ୍ତୁ ଆବେଦୁଲ୍ଲା ଭାରତୀୟ ଜର୍ସି ପରିଧାନ କରି ଭାରତ ପକ୍ଷରୁ ଖେଳିଥିଲେ। ଯାହାକି ଗ୍ରହଣୀୟ ନୁହେଁ।



ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ

## ସେମିରେ ତମାଣ୍ଡୋ

ଭାପୁର,୧୮ ।୧୨(ସମିସ): ରାଜଧାନୀ ଉପକଣ୍ଠସ୍ଥ ତମାଣ୍ଡୋ କ୍ରିକେଟ୍ କ୍ଲବ୍ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ଯୁବସଂଘ ଆନୁକୂଲ୍ୟରେ ନାଳିସାଗର ଖେଳ ପଡ଼ିଆରେ ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ତମାଣ୍ଡୋ ୫ ୱିକେଟରେ ଭାଇଜାଗ୍‌ର ନଭସିପ ଚାମ୍ପିଅନ୍ସକୁ ହରାଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଗତକାଲି ଅନୁଷ୍ଠିତ ଗ୍ରୁପ୍-ବି'ର ପ୍ରଥମ କ୍ୱାର୍ଟରରେ ବିଜୟ ହାସଲ କରି କଳାହାଣ୍ଡି କ୍ରିକେଟ ଆସୋସିଏସନ ସେମିରେ ପ୍ରବେଶ କରିଥିଲା। ଆସନ୍ତାକାଲି ଖେଳାଯିବାକୁ ଥିବା ଦ୍ୱିତୀୟ ସେମିରେ ତମାଣ୍ଡୋ ସହ କଳାହାଣ୍ଡିର ମୁକାବିଲା ହେବ।

ଆଜିର କ୍ୱାର୍ଟର ଫାଇନାଲ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ଭାଇଜାଗ୍ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୧୫୦ ରନ୍ କରିଥିଲା। ଜବାବରେ ତମାଣ୍ଡୋ କ୍ରିକେଟ କ୍ଲବ୍ ୧୫.୩ ଓଭରରେ ୫ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୧୫୨ ରନ୍ ସଂଗ୍ରହ କରିନେଇଥିଲା। ଭାଇଜାଗ୍‌ର ପ୍ରଥମ ୩ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିବା ତମାଣ୍ଡୋର ନମନ ଧ୍ରୁବ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଆଜିର ଅତିଥିଭାବେ ମନୋଜ କୁମାର ପ୍ରଧାନ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ଆଶୁତୋଷ ପାଣି ଖେଳ ପରିଚାଳନା କରିଥିଲେ।




## ଇକ୍ୟୁଡର ଫୁଟ୍‌ବଲ ଖେଳାଳି ପିନୈଦାଙ୍କୁ ଗୁଳି କରି ହତ୍ୟା

କ୍ୱିଟୋ, ୧୮ ।୧୨ (ଏଜେନ୍ସି): ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଇକ୍ୱେଡର ଫୁଟ୍‌ବଲ ଦଳର ଡିଫେଣ୍ଡର ମାରିଓ ପିନୈଦାଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଗତକାଲି ଗୁୟାକ୍ୱେଲ ସହରରେ ଏକ ଦୋକାନ ସାମ୍ନାରେ ଦୁଇଜଣ ଦୁର୍ବୃତ୍ତ ମୋଟର ସାଇକେଲରେ ଆସି ମାରିଓ, ତାଙ୍କ ମା ଓ ଅନ୍ୟଜଣେ ମହିଳାଙ୍କ ଉପରକୁ ଆଖିବୁଜା ଗୁଳିଚାଳନା କରିଥିଲେ। ଯେଉଁଥିରେ ୩୩ ବର୍ଷୀୟ ପିନୈଦାଙ୍କ ମୃତ୍ୟୁ ଘଟିଥିବା ନେଇ ଇକ୍ୱେଡର ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏକ ସ୍ୱତନ୍ତ୍ର ପୁଲିସ ୟୁନିଟ୍ ଏହାର ତଦନ୍ତ କରୁଥିବା ଜଣାପଡ଼ିଛି। ମାରିଓ ୨୦୧୪ରୁ ୨୦୨୧ ପର୍ଯ୍ୟନ୍ତ ଇକ୍ୱେଡର ଜାତୀୟ ଦଳ ପକ୍ଷରୁ ୯ ଟି ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଥିଲେ।

## କୁଚ୍ ବିହାର ଟ୍ରଫି: ଓଡ଼ିଶା ଅଗ୍ରଣୀ

କଟକ,୧୮ ।୧୨(ସମିସ): କ୍ରମାଗତ ୪ଟି ମ୍ୟାଚ୍‌ରେ ପରାଜୟ ବରଣ କରି କୁଚ୍ ବିହାର ଟ୍ରଫିରେ ଅଭିଯାନ ଶେଷ କରିଥିବା ଓଡ଼ିଶା ଦଳ ହିମାଚଳପ୍ରଦେଶ ବିପକ୍ଷରେ ପାଳି ଅଗ୍ରଣୀ ହାସଲ କରିଛି। ବଲାଙ୍ଗିର ଗାନ୍ଧି ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚ୍ ଡ୍ର ଅଭିମୁଖେ ଗତି କରୁଛି। ହିମାଚଳପ୍ରଦେଶର ପ୍ରଥମ ପାଳି ୧୮୧ରନ ଜବାବରେ ଓଡ଼ିଶା ୩୫୮ରନ ସଂଗ୍ରହ କରିଥିଲା। ଅଧିନାୟକ ସମ୍ବିତ ବେଜା ୧୦୦ ରନ୍‌ର ପାଳି ଖେଳିଥିଲେ। ନିମ୍ନକ୍ରମର ବ୍ୟାଟର ଆଦିତ୍ୟ ଆନନ୍ଦ ୭୩ ରନ ସଂଗ୍ରହ କରିଥିଲେ। ତେବେ ୧୭୭ ରନରେ ପଛୁଆ ରହିବା ପରେ ଭ୍ରମଣକାରୀ ହିମାଚଳପ୍ରଦେଶ ଦ୍ୱିତୀୟ ଇନିଂସରେ ଗୁରୁବାର ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୩ ୱିକେଟ ବିନିମୟରେ ୨୧୨ରନ କରିଛି। ହିମାଚଳପ୍ରଦେଶ ୩୫ ରନର ଅଗ୍ରଣୀ ହାସଲ କରିଛି।

### ରେକର୍ଡ ତ୍ରି-ଶତକୀୟ ଭାଗୀଦାରି

**କନୱେ- ୧୭୮, ଲାଥମ- ୧୩୭**

ମାଉଣ୍ଟ ମାଉଙ୍ଗନୁଇ, ୧୮ ।୧୨ (ଏଜେନ୍ସି): ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ଗୁରୁବାର ଆରମ୍ଭ ହୋଇଥିବ ଅନ୍ତିମ ତଥା ୩ୟ ଟେଷ୍ଟରେ ନ୍ୟୁଜିଲାଣ୍ଡ ମଜଭୁତ ସ୍ଥିତିରେ ରହିଛି। ଦୁଇ ଓପନର୍ ଟମ୍ ଲାଥମ ଓ ଡେଭନ କନୱେଙ୍କ ଦମ୍‌ଦାର ଶତକୀୟ ପାଳି ବଳରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଷ୍ଟମ୍ପ ସୁଦ୍ଧା ୯୦ ଓଭରରେ ଗୋଟିଏ ୱିକେଟ୍ ହରାଇ ୩୩୪ ରନର ସମ୍ମାନଜନକ ସ୍କୋର କରିଛି। ଷ୍ଟମ୍ପବେଳକୁ କନୱେ ୨୫ ଚୌକା ସହ ୨୭୯ ବଲରୁ ୧୭୮ ରନ ଓ ଜାକବ ଡଫି ୯ ରନ କରି ଅପରାଜିତ ରହିଛନ୍ତି। ଏକମାତ୍ର ବ୍ୟାଟର୍ ଭାବେ ଅଧିନାୟକ ଲାଥମ ୨୪୬ ବଲରେ ୧୩୭ ରନ କରି କେମାର ରୋଚ୍‌ଙ୍କ ବଲରେ ଆଉଟ୍ ହୋଇଛନ୍ତି। ଆଉଟ୍ ହେବା ପୂର୍ବରୁ କନୱେଙ୍କ ସହ ଲାଥମ ଓପନିଂ ୱିକେଟ୍‌ରେ ୫୨୦ ବଲରୁ ୩୨୩ ରନର ଭାଗୀଦାରି ଗଢ଼ିଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ଓପନିଂ ୱିକେଟ୍ ଯୋଡ଼ିରେ ନ୍ୟୁଜିଲାଣ୍ଡର ଏହା ଦ୍ୱିତୀୟ ସର୍ବାଧିକ ପାର୍ଟନରସିପ୍। ଏଥିପୂର୍ବରୁ ୧୯୭୨ରେ ସମାନ ୱେଷ୍ଟଇଣ୍ଡିଜ ବିପକ୍ଷରେ ଗ୍ଲେନ ଟର୍ଣ୍ଣର ଓ ଟେରୀ ଜାର୍ଭିସ ୩୮୭ ରନର ରେକର୍ଡ ଭାଗୀଦାରି ଗଢ଼ିଥିଲେ।



ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ

## ସହରାଞ୍ଚଳ ସେମିରେ ଫୁଲବାଣୀ-ଢେଙ୍କାନାଳ

ନନ୍ଦନକାନନ/ବାରଙ୍ଗ,୧୮ ।୧୨(ସମିସ): ଉତ୍ତର ଭୁବନେଶ୍ୱର କଲ୍ୟାଣପୁର ପଞ୍ଚାୟତ ଗଣ୍ଡରପୁର କୁଆଖାଇ ନଦୀପଠା ବିଜୁପଟ୍ଟନାୟକ ମିନିଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ୫ମ ଦିବସରେ ସହରାଞ୍ଚଳ ବିଭାଗରେ ଢେଙ୍କାନାଳର ମା ମଙ୍ଗଳା କ୍ଲବ ୩-୧ ଗୋଲରେ ୟୁନାଇଟେଡ଼ ସି-୧କ୍ଲବ ବିହାରକୁ ହରାଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଏହି ଖେଳରେ ଗ୍ରାମାଞ୍ଚଳ 'ଏ'ଡିଭିଜନର ପ୍ରଥମ ମ୍ୟାଚରେ ମା ମଙ୍ଗଳା କ୍ଲବ ଗୋଠପୁର ୪-୩ ଟାଇ ବ୍ରେକର ଗୋଲ ଜରିଆରେ ବଜରଙ୍ଗ କ୍ଲବ ଘାଟିକିଆକୁ ହରାଇ ସେମିଫାଇନାଲକୁ ଯାଇଛି। ଦ୍ୱିତୀୟ ମ୍ୟାଚରେ ସ୍ୱର୍ଣ୍ଣଦେବୀ କ୍ଲବ ବଉଳକୁଦ ୨-୦ ଗୋଲରେ ମଦନ ମୋହନକ୍ଲବ ଉଖୁମାକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି। ଗ୍ରାମାଞ୍ଚଳ-ବି'ବିଭାଗରେ ବାରଙ୍ଗ ବେୟାର ୫-୪ ଟାଇ ବ୍ରେକର ଜରିଆରେ ଆଲାମ ଗିରି କ୍ଲବ ସାଇଁଷୋକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଥିବା ବେଳେ, ଦ୍ୱିତୀୟ କୃଷକ ବନ୍ଧୁ କ୍ଲବ ତଣ୍ଡିକଣା ୫-୪ଟାଇ ବ୍ରେକର ଗୋଲରେ ଉତ୍ତମାପୁରକୁ ହରାଇ ସେମିରେ ପ୍ରବେଶ କରିଛି। ମୁଖ୍ୟ ଅତିଥିଭାବେ ମଧ୍ୟ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଭାସ୍କର ଚନ୍ଦ୍ର ରାଉତ,ଜିତେନ୍ଦ୍ର ସେନାପତି,ମନୋଜ ଦାସ,କାଶୀନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମ୍ୟାଚ ଗୁଡିକୁ ରେଫରୀ ସୁଦୀପ୍ ଦାସ,ଟୁଟୁ ବାହିନୀପତି,ବ୍ରହ୍ମନନ୍ଦ ଭୋଇ,ସଂଜୀବ ଦାସ, ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ରାଜୁ ମହାନ୍ତି ପରିଚାଳନା କରିଥିବାବେଳେ ହାସ୍ୟ ଅଭିନେତା ରଙ୍କନିଧି ରାଉତ ଧାରା ବିବରଣୀ ଦେଇଥିଲେ। ଶୁକ୍ରବାର ସହରାଞ୍ଚଳ ବିଭାଗରେ ସୁରଜ ଏଫସି ଫୁଲବାଣୀ ଓ ମା ମଙ୍ଗଳା କ୍ଲବ ଢେଙ୍କାନାଳ ମଧ୍ୟରେ ସେମିଫାଇନାଲ ମ୍ୟାଚ ହେବ। ଗ୍ରାମାଞ୍ଚଳ ଏ ବିଭାଗରେ ମୁଣ୍ଡୁମାଣ -ବାରାହୀପୁର, ପ୍ରତାପନଗରୀ-ମଇନ୍ଦିପୁର ଏବଂ ଗ୍ରାମାଞ୍ଚଳ-ବି ବିଭାଗରେ ଟାଙ୍ଗିବନ୍ତ -ଆମଣ, ବୋଧପୁର -ସିଆରଆରଆଇ କଟକ ମଧ୍ୟରେ କ୍ୱାଟର ପର୍ଯ୍ୟାୟ ମ୍ୟାଚ ଅନୁଷ୍ଠିତ ହେବା ନେଇ ଆୟୋଜକ ୟୁନାଇଟେଡ଼ ୟୁଥ ସ୍ପୋର୍ଟ୍ସ କ୍ଲବ ଗଣ୍ଡରପୁର ପକ୍ଷରୁ ହିରୋ ରାଉତ ଜଣାଇଛନ୍ତି।



## ଆଡିଲେଡ୍ ଟେଷ୍ଟ: ବ୍ୟାକ୍‌ଫୁଟ୍‌ରେ ଇଂଲଣ୍ଡ

ଆଡିଲେଡ୍, ୧୮ ।୧୨ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଆଡିଲେଡ୍ ଓଭାଲରେ ଚାଲିଥିବା ଆସେସ୍ ସିରିଜର ୩ୟ ଟେଷ୍ଟରେ ଇଂଲଣ୍ଡ ବ୍ୟାକ୍‌ଫୁଟ୍‌ରେ ରହିଛି। ଅଷ୍ଟ୍ରେଲିଆର ପ୍ରଥମ ପାଳି ସ୍କୋର ୩୭୧ ରନ ଜବାବରେ ଇଂଲଣ୍ଡ ଗୁରୁବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୮ ୱିକେଟ୍‌ରେ ୨୧୩ ରନ ସଂଗ୍ରହ କରିଛି। ଅଧିନାୟକ ବେନ୍ ଷ୍ଟୋକ୍ସ ୪୫ ଓ ଜୋଫ୍ରା ଆର୍ଚର ୩୦ ରନରେ ଅପରାଜିତ ରହି ଦଳକୁ ପାଳି ପଛୁଆରୁ ବଞ୍ଚାଇବା ଲାଗି ସଂଘର୍ଷ ଜାରି ରଖିଛନ୍ତି। ଦୁଇଟି ୱିକେଟ୍ ବଳକା ଥାଇ ଇଂଲଣ୍ଡ ପାଳି ପଛୁଆକୁ ଏଡ଼ାଇବା ଲାଗି ଆହୁରି ୧୫୮ ରନ ଆବଶ୍ୟକ କରୁଛି। ଆଉଟ୍ ହୋଇଥିବା ବ୍ୟାଟର୍‌ଙ୍କ ମଧ୍ୟରେ ହ୍ୟାରୀ ବ୍ରୁକ ୪୫, ବେନ ଡକେଟ୍ ୨୯, ଜୋ ରୁଟ ୧୯ ରନ କରିଥିଲେ। ବୋଲିଂରେ ଘରୋଇ ଦଳ ପକ୍ଷରୁ ଅଧିନାୟକ ପ୍ୟାଟ୍ କମିନ୍ସ ୩ ଏବଂ ନାଥନ ଲିଅନ ଓ ସ୍କଟ ବୋଲାଣ୍ଡ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ପୂର୍ବରୁ ଜୋଫ୍ରା ଆର୍ଚର ୫ ୱିକେଟ୍ ନେଇ ଅଷ୍ଟ୍ରେଲିଆକୁ ୩୭୧ ରନରେ ଅଟକାଇଦେଇଥିଲେ। ଆଲେକ୍ସ କାରୀ ୧୦୬ ଓ ମିଚେଲ ଷ୍ଟାର୍କ ୫୪ ରନ କରିଥିଲେ।



### ପିଲାଦିନର ହିରୋ ମ୍ୟାକ୍‌ଗ୍ରାଙ୍କୁ ଟପିଲେ ଲିଅନ

ଅଷ୍ଟ୍ରେଲୀୟ ଭେଟେରାନ ସ୍ପିନର ନାଥନ ଲିଅନଙ୍କ ଟେଷ୍ଟ ୱିକେଟ୍ ସଂଖ୍ୟା ୫୬୪ରେ ପହଞ୍ଚିଛି। ଟେଷ୍ଟରେ ସର୍ବାଧିକ ୱିକେଟ୍ ନେବାରେ ସେ ପିଲାଦିନର ହିରୋ ଗ୍ଲେନ ମ୍ୟାକଗ୍ରା (୧୨୪ ଟେଷ୍ଟରୁ ୫୬୩ ୱିକେଟ)ଙ୍କୁ ପଛରେ ପକାଇ ଦେଇଛନ୍ତି। ୩୮ ବର୍ଷୀୟ ଲିଅନ ୧୪୧ତମ ଟେଷ୍ଟରେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ସର୍ବାଧିକ ଟେଷ୍ଟ ୱିକେଟ୍ ନେଇଥିବା ଅଷ୍ଟ୍ରେଲୀୟ ବୋଲର ତାଲିକାରେ ଶେନ ୱର୍ଣ୍ଣ (୭୦୮)ଙ୍କ ପଛକୁ ଏବେ ଲିଅନ ରହିଛନ୍ତି। ସେହିଭଳି ବ୍ରେଟ୍ ଲି (୩୧୦ ୱିକେଟ) ଙ୍କୁ ପଛରେ ପକାଇ କମିନ୍ସ (୩୧୨) ତାଲିକାର ୭ମ ସ୍ଥାନକୁ ଉଠିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS